
ଜମି ଆବଣ୍ଟନ ଦୁର୍ନୀତି ଅଭିଯୋଗରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୋଧରେ ମାମଲା ଚାଲିବ
ପୃଷ୍ଠା ୪


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 32 | ISSUE 186 | ଭାଗ ୩୨ | ସଂଖ୍ୟା ୧୮୬ | Bhubaneswar | Wednesday 25 September 2024 | Page 8 ₹ 4.00 | ଭୁବନେଶ୍ୱର | ବୁଧବାର ୨୫ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ମୁହଁ ଖୋଲିଲେ ବରିଷ୍ଠ ନେତା

# ନବୀନଙ୍କ ପାଇଁ ବିଜେଡି ହାରିଲା

**ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ):** ପରାଜୟର ଗ୍ଲାନିକୁ ସହଜରେ ହଜମ କରିପାରୁ ନାହାନ୍ତି ବିଜେଡି ନେତୃବୃନ୍ଦ। ୨୪ ବର୍ଷ ଧରି ହାତରେ ଥିବା ଶାସନ ଡୋରି ହଠାତ୍ ହାତଛଡ଼ା ହୋଇଯିବା ପରେ ହାଇକମାଣ୍ଡଙ୍କ ଉପରେ ଅସନ୍ତୋଷ ଛାଡୁଛନ୍ତି। ଦିନେ ପାଟି ଫିଟାଉ ନ ଥିବା ନେତାମାନେ ହାଇକମାଣ୍ଡଙ୍କ ମୁହଁ ଉପରେ ଜବାବ ଦେଉଛନ୍ତି। ଖୋଲାଖୋଲି ଦଳର ଭିତିରି କଥା ପଦାକୁ ଆଣୁଛନ୍ତି। ଯାହା ଦେଖାଯାଇଛି ପରାଜୟର କାରଣ ଖୋଜା ଚାଲିଥିବା ଦଳୀୟ ବୈଠକରେ।

ବିଜେଡିର ବରିଷ୍ଠ ନେତା ତଥା ଘସିପୁରା


ବିଧାୟକ ବଦ୍ରି ନାରାୟଣ ପାତ୍ର ଓ ବିଜୁ ଜନତା ଦଳର ନବରଙ୍ଗପୁର ସାଂସଦ ପ୍ରାର୍ଥୀ


ପ୍ରଦୀପ ମାଝି ଦଳର ପରାଜୟ ଉପରେ ଖୋଲାଖୋଲି ମନ୍ତବ୍ୟ ରଖିଛନ୍ତି। ବିଧାୟକ

ଶ୍ରୀ ପାତ୍ର କହିଛନ୍ତି, ନବୀନ ପଟ୍ଟନାୟକ ନିର୍ବାଚନ ପ୍ରଚାରରେ ପୂର୍ବଭଳି ନ ବାହାରିବା କାରଣରୁ ବିଜେଡିର ପରାଜୟ ଘଟିଲା। ଦଳର ସବୁ ସ୍ଥାନରେ ଭୋଟ ଅଛି, କିନ୍ତୁ ନବୀନ ବୁଲିଲେନି। ନବୀନ ସମୟ ଦେଇ ନ ପାରିବାରୁ ସଂଗଠନ କ୍ଷତିଗ୍ରସ୍ତ ହେଲା। ସେ ଆଉଥରେ ବୁଲିଲେ ସଂଗଠନ ଫେରିଆସିବ ବୋଲି ଆଶା ରହିଛି।

ସେହିପରି ଅନ୍ୟତମ ବରିଷ୍ଠ ନେତା ପ୍ରଦୀପ ମାଝୀ ଦଳର ପରାଜୟ ପାଇଁ ୩ କାରଣ ଦାୟୀ ବୋଲି ନବୀନକୁ ସିଧାସିଧା ଶୁଣାଇଛନ୍ତି। ଶହ ଶହ କର୍ମୀଙ୍କ ଆଗରେ ଶ୍ରୀ ମାଝୀ ଏହା କହୁଥିବାବେଳେ ➪ପୃଷ୍ଠା-୬


ଗୋଟିଏ ଫ୍ରେମ୍‌ରେ ଦୁଇ ଗୁରୁ

### ବନ୍ୟା କ୍ଷୟକ୍ଷତି ସହାୟତା

# ଘର ମରାମତି ଲାଗି ୧.୨୦ ଲକ୍ଷ

**ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ରାଜ୍ୟ ସରକାର ସହାୟତା ଘୋଷଣା କରିଛନ୍ତି। ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହ ମରାମତି ପାଇଁ ୧ଲକ୍ଷ ୨୦ହଜାର ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କାଘର ମରାମତି ପାଇଁ ୬୫୦୦ଟଙ୍କା, କଚ୍ଚାଘର ଆଂଶିକ ନଷ୍ଟ ପାଇଁ ୪ହଜାର ଟଙ୍କା, ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮ହଜାର ଟଙ୍କା ଓ ଗୁହାଳ ପାଇଁ ୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ। ସେହିପରି ଘର ୨ଦିନ ଧରି ବନ୍ୟାଜଳରେ ବୁଡ଼ି ରହିଥିଲେ ଲୁଗାପଟା ପାଇଁ ୨୫୦୦ଟଙ୍କା, ବାସନକୁସନ ପାଇଁ ୨୫୦୦ଟଙ୍କା ଆର୍ଥିକ ସହାୟତା ମିଳିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଫସଲ କ୍ଷତି ପାଇଁ ଅଣସେଚିତ ଜମିରେ ହେକ୍ଟର ପିଛା ୮୫୦୦ଟଙ୍କା, ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭ହଜାର ଟଙ୍କା ଓ ସମସ୍ତ ପ୍ରକାରର ବାରମାସୀ ଫସଲ ଜମି ପାଇଁ



ହେକ୍ଟର ପିଛା ୨୨୫୦୦ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହି ସହାୟତା ସର୍ବାଧିକ ୨ହେକ୍ଟର ଜମି ପାଇଁ ଦିଆଯିବ। ବାଲିଚର ସହାୟତା(ଯଦି ଚାଷଜମିରେ ୩ ଇଂଚରୁ ଅଧିକ ବାଲିଚର ହୋଇଥାଏ) ହେକ୍ଟର ପିଛା ୧୮ହଜାର ଟଙ୍କା, ସର୍ବନିମ୍ନ ୨୨୦୦ଟଙ୍କା, ମାଛ ପୋଖରୀର ମରାମତି ଓ ପଙ୍କ ଉଦ୍ଧାର ପାଇଁ ହେକ୍ଟର ପିଛା ୧୮ହଜାର ଟଙ୍କା ଓ ସର୍ବନିମ୍ନ ୨୨୦୦ଟଙ୍କା ସମେତ ଯଦି ଚାଷ ଜମି ନଦୀର ଗତିପଥ ପରିବର୍ତ୍ତନ ପାଇଁ କ୍ଷୟ ହୋଇଥାଏ ତା'ହେଲେ ହେକ୍ଟର ପିଛା ୪୭ହଜାର ଟଙ୍କା ଓ ସର୍ବନିମ୍ନ ୫ହଜାର ଟଙ୍କା ଆର୍ଥିକ ସହାୟତା ମଧ୍ୟ ମିଳିବ। ମତ୍ସ୍ୟଜୀବୀଙ୍କୁ ଆଂଶିକ କ୍ଷତିଗ୍ରସ୍ତ ଡଙ୍ଗା ପାଇଁ ୬ହଜାର ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ଜାଲ ପାଇଁ ୩ହଜାର ଟଙ୍କା, ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ଡଙ୍ଗା ପାଇଁ ୧୫ହଜାର ➪ପୃଷ୍ଠା-୬

## ଯାଞ୍ଚ ହେବ ଶ୍ରୀମନ୍ଦିରରେ ବ୍ୟବହୃତ ଘିଅର ମାନ

**ପୁରୀ, ୨୪।୯ (ସଂଚାର ବ୍ୟୁରୋ):** ଆନ୍ଧ୍ରପ୍ରଦେଶର ତିରୁପତିସ୍ଥିତ ଶ୍ରୀଭେଙ୍କଟେଶ୍ୱରଙ୍କୁ ଅର୍ପଣ କରାଯାଉଥିବା ଲଡୁରେ ପଶୁ ଚର୍ବି ମିଶ୍ରଣ କରାଯାଉଥିବା ନେଇ ଖବର ପ୍ରସାରିତ ହେଲା ପରେ କିଛି ଦିନ ହେଲା ହିନ୍ଦୁ ଧର୍ମାବଲମ୍ବୀଙ୍କ ମନରେ ଶକ୍ତ ଆଘାତ ଲାଗିଛି। ଏହି ଖବରକୁ ନେଇ ଭାରତରେ ଚର୍ଚ୍ଚା ହେଉଛି। ଘଟଣା ସତ କି ଗୁଜବ ସେନେଇ ତଦନ୍ତ ଜାରି ରହିଥିବା ବେଳେ ଶ୍ରୀମନ୍ଦିରରେ ଘିଅର ମାନ ନେଇ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଙ୍ଗଳବାର ବଡ ବୟାନ ଦେଇଛନ୍ତି। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିରରେ ନକଲି ଘିଅ ବ୍ୟବହାର ହେଉଥିବା ସମ୍ଭାବନା ରହିଛି। ତେଣୁ ଖୁବଶୀଘ୍ର ବ୍ୟବହୃତ ଘିଅର ମାନ ଯାଞ୍ଚ କରାଯିବ। ଏନେଇ ସୁଆର ଓ ମହାସୁଆର ନିଯୋଗ ସହ ଆଲୋଚନା କରାଯିବ। ଏହାପରେ ମହାପ୍ରସାଦ ସହ ଦୀପରେ ବ୍ୟବହୃତ ହେଉଥିବା ଘିଅକୁ ଫୁଡ୍ ସେଫ୍ଟି ଅଫିସରଙ୍କ ଦ୍ୱାରା ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି, ଆବଶ୍ୟକ ପଡ଼ିଲେ ଘିଅର ମାନ ଯାଞ୍ଚ ହେବ। ଓମ୍‌ଫେଡ୍ ଓ ଅନ୍ୟ ସଂସ୍ଥା ସହ ଆଲୋଚନା କରିବୁ। ଏକ ମାନକଯୁକ୍ତ ଘିଅ ଯୋଗାଣ ନେଇ ଆମେ ଆଲୋଚନା କରିବୁ।

## ୟୁଏନ୍‌ରେ ପେଡ୍ ପିରିୟଡ୍ ଲିଭ୍ ପ୍ରସ୍ତାବଦେଲେ ଓଡ଼ିଆ ଝିଅ

**ନୂଆଦିଲ୍ଲୀ, ୨୪।୯(ଏଜେନ୍ସି):** ଜାତିସଂଘ ମହାସଭାରେ ମହିଳାଙ୍କ ପାଇଁ ସ୍ୱର ଉଠାଇଲେ ଓଡ଼ିଆ ଝିଅ ରଞ୍ଜିତା ପ୍ରିୟଦର୍ଶିନୀ। ମହିଳାଙ୍କୁ ସର୍ବୈତନିକ ମାସିକ ଋତୁସ୍ରାବ ଛୁଟି (ପେଡ୍ ପିରିୟଡ୍ ଲିଭ୍) ନେଇ ୭୯ତମ ମିଳିତ ଜାତିସଂଘ ମହାସଭାର 'ଭବିଷ୍ୟତର ସମ୍ମିଳନୀ'ରେ ଦାବି କରିଛନ୍ତି ଓଡ଼ିଶା ସମାଜସେବୀ ରଞ୍ଜିତା ପ୍ରିୟଦର୍ଶିନୀ। ଓଡ଼ିଶାରେ କର୍ମଜୀବୀ ମହିଳାଙ୍କୁ ମାସିକ ଋତୁସ୍ରାବ ପାଇଁ ଛୁଟି ମିଳିବା ନେଇ ସରକାର ନେଇଥିବା ପଦକ୍ଷେପକୁ ନେଇ ପ୍ରଶଂସା କରି ଧନ୍ୟବାଦ ଜଣାଇଛନ୍ତି । ଏଥିସହ ବିଶ୍ୱର ୪୦ରୁ ଅଧିକ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ସର୍ବୈତନିକ ମାସିକ ଋତୁସ୍ରାବ ଛୁଟି ଲାଗୁ କରିବାକୁ ସେ ଅନୁରୋଧ କରିଛନ୍ତି। ଏଏନ୍ଆଇକୁ ରଞ୍ଜିତା କହିଛନ୍ତି, ମୁଁ ଖୁସି ମନେ କରୁଛି ଦ୍ୱିତୀୟ ଥର ପାଇଁ ମିଳିତ ଜାତିସଂଘ ସମ୍ମିଳନୀରେ ଯୋଗ ଦେଇପାରିଛି ଏବଂ ମୋର ମୁଖ୍ୟ ପ୍ରସଙ୍ଗ ହେଉଛି ପେଡ୍ ପିରିଅଡ ଲିଭ୍। ଏହାର ଅର୍ଥ ହେଉଛି ସମସ୍ତ ଚାକିରି କରୁଥିବା ମହିଳାମାନଙ୍କୁ ମାସିକ ଋତୁସ୍ରାବ ଦିନେ କି ଦୁଇଦିନ ଛୁଟି ମିଳିବା ଉଚିତ ବୋଲି ସେ କହିଛନ୍ତି, କେନିଆରେ ମିଳିତ ଜାତିସଂଘ ସମ୍ମିଳନୀରେ ପ୍ରଥମ ଥର ଏହି ପ୍ରସଙ୍ଗ ଉଠାଇଥିଲେ। ଓଡ଼ିଶା ସରକାର ➪ପୃଷ୍ଠା-୬



## ରେବନ୍ତଙ୍କୁ ଇଡି ସମନ୍

**ନୂଆଦିଲ୍ଲୀ, ୨୪।୯(ଏଜେନ୍ସି):** ଅଡୁଆରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ। ୨୦୧୫ ମସିହାରେ 'ନୋଟ୍ ଫର ଭୋଟ୍' ମାମଲାରେ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର) ତାଙ୍କୁ ସମନ ଜାରି କରିଛି। ଅକ୍ଟୋବର ୧୬ କିମ୍ବା ତା ପୂର୍ବରୁ ତାଙ୍କୁ କୋର୍ଟରେ ହାଜର ହେବାକୁ ସମନରେ କୁହାଯାଇଛି।

୨୦୧୫ରେ ଯେତେବେଳେ କେସିଆରଙ୍କ ସରକାର ଥିଲା, ସେତେବେଳେ ଟିଡିପି ବିଧାୟକ ରେବନ୍ତ ରେଡ୍ଡୀ ଜଣେ ଜଣାଶୁଣା ବିଧାୟକଙ୍କୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରୁଥିବା ସମୟରେ କ୍ୟାମେରାରେ ଧରାପଡିଥିଲେ। ଶ୍ରୀ ରେଡ୍ଡୀ ଏମଏଲସି ନିର୍ବାଚନରେ ଭୋଟ୍ ବଦଳରେ ବିଧାୟକ ଏଲଭିସ୍ ଷ୍ଟିଫେନସନଙ୍କୁ ଟଙ୍କା ପ୍ରଦାନ କରିଥିଲେ। ପରେ ରେବନ୍ତ ରେଡ୍ଡୀଙ୍କୁ ତେଲେଙ୍ଗାନା ପୁଲିସ ଗିରଫ କରିଥିଲା। ବିଆରଏସର କାର୍ଯ୍ୟକାରୀ ସଭାପତି କେ.ଟି.ଆର ମଧ୍ୟ ତେଲେଙ୍ଗାନା ➪ପୃଷ୍ଠା-୬

### ଧନ୍ୟରେ କମିଶନରେଟ୍ ପୁଲିସ

# ଥାନାଧିକାରୀ ହନୁମାନ ପଇସା ଚୋର!

**ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ):** ୨୦୧୬ ମସିହା। ଚାରିଆଡେ ଚହଳ ପକାଇଥିଲା ମାଥିଲି ଥାନାର ପୁଲିସ ବାବୁଙ୍କ କାରନାମା। ବିରଳ ହନୁମାନ ପଇସା ଲୋଭରେ ପଡିଯାଇଥିଲେ ସେତବେଳର ତତ୍କାଳୀନ ଥାନାଧିକାରୀ ସୁରେନ୍ଦ୍ର ନାୟକ ଓ ସବ୍ ଇନ୍ସପେକ୍ଟର ଦୀପକ ଖଣ୍ଡାୟତରାୟ। ବିରଳ ଧାତୁ ଓ ହନୁମାନ ପଇସା ବିଦେଶରେ ବିକ୍ରି କରୁଥିବା ଏକ ରାକେଟକୁ ପୁଲିସ ଖୋଜୁଥିବା ବେଳେ ସେତେବେଳେ ମାଷ୍ଟରମାଇଣ୍ଡ ଭାବେ



ଧରାପଡିଥିଲେ ନିଜେ ମାଥିଲି ଥାନା ସବ ଇନ୍ସପେକ୍ଟର ଦୀପକ ଖଣ୍ଡାୟତରାୟ। ଖସିଯାଇଥିଲେ ତତ୍କାଳୀନ ଥାନାଧିକାରୀ। ଦୀପକଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ତୁରନ୍ତ ତାଙ୍କୁ ଚାକିରିରୁ ନିଲମ୍ବିତ ମଧ୍ୟ କରାଯାଇଥିଲା। ପାଖାପାଖି ୬ ମାସ ସେ ବିଚାର ବିଭାଗୀୟ ଜେଲରେ ରହିଥିଲେ। ଜେଲରୁ ଫେରିବା ପରେ ତାଙ୍କ ଉପରୁ ହଟିଥିଲା ନିଲମ୍ବନ । ସେତବେଳର ସେହି ହନୁମାନ ପଇସା ଘଟଣାର ଅଭିଯୁକ୍ତ ଆଜି ଚର୍ଚ୍ଚିତ ଭରତପୁର ଥାନାର ଥାନାଧିକାରୀ।

ଶୁଣିଲେ ହୁଏତ ଆଶ୍ଚର୍ଯ୍ୟ ଲାଗୁଥିବ। ଲାଗିବା ମଧ୍ୟ ➪ପୃଷ୍ଠା-୬

# ମନ୍ତ୍ରୀଙ୍କୁ ଅନ୍ଧାରରେ ରଖୁଛନ୍ତି କିଛି ଅଫିସର

**ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ):** ଖଣି ନିୟମର ଖୋଲାଖୋଲି ଉଲ୍ଲଂଘନ ପୂର୍ଣଥରେ ସାମ୍ନାକୁ ଆସିଛି। ନବୀନ ସରକାର ଅମଳରୁ ଏହି ବିଭାଗରେ ଥିବା ଅଫିସରମାନେ ଏକ୍ଷେତ୍ରରେ ଏମିତି କାର୍ଯ୍ୟ କରୁଛନ୍ତି ଯେ, ଏବେକାର ବିଜେପି ମନ୍ତ୍ରୀ ମଧ୍ୟ ତାହାକୁ ଜାଣିବା ସମ୍ଭବ ହେଉନାହିଁ। ଯାହାଫଳରେ ବିଧାନସଭାରେ ବି ମନ୍ତ୍ରୀ ନବୀନ ସରକାର ଅମଳର ଅଫିସରମାନଙ୍କ କୁକର୍ମକୁ ଘୋଡ଼ାଇବା ପାଇଁ ଅଧାପନ୍ତରିଆ ଅସ୍ପଷ୍ଟ ଉତ୍ତର ଦେବାକୁ ବାଧ୍ୟ ହେଉଛନ୍ତି। ଏମିତି ଏକ ଘଟଣା ଘଟିଛି ସୁନ୍ଦରଗଡ଼ ଜିଲ୍ଲାର ପାଟମୁଣ୍ଡା ମାଙ୍ଗାନିଜ ଖଣି କ୍ଷେତ୍ରରେ।

ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଖଣି ମଣ୍ଡଳରେ ଆସୁଥିବା ଏହି ମାଙ୍ଗାନିଜ ଖଣିଟି ୧୨ ଫେବୃୟାରୀ ୧୯୯୬ ମସିହାରେ ସନ୍ ଆଲୟେଜ୍ ଆଣ୍ଡ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ଼କୁ ସରକାର ଲିଜ୍ ସୂତ୍ରରେ ପଟ୍ଟା ଦେଇଥିଲେ। ହେଲେ ୨୦୦୬ ମସିହାରୁ ଏହା

### ଖଣି କେଳେଙ୍କାରୀ



କାର୍ଯ୍ୟ କରିବା ବନ୍ଦ କରିଦେଇଥିଲେ। ଏହି ଖଣିଟି ୧୧ ଫେବୃୟାରୀ ୨୦୦୬ରୁ ବନ୍ଦ ପଡ଼ିଥିବାବେଳେ ଏହାକୁ ଚଳିତ ମାର୍ଚ୍ଚ ୧୬ ତାରିଖରେ ନିର୍ବାଚନ ଘୋଷଣା ଦିନ ନବୀକରଣ କରାଯାଇଥିଲା। ଖଣିଜ ରିହାତି ନିୟମ ୨୦୧୬ ଅନୁସାରେ ଯଦି ଖଣି ଲିଜ୍ ପାଇଥିବା କୌଣସି ସଂସ୍ଥା ଏକାଦିକ୍ରମେ ଦୁଇ ବର୍ଷରୁ ଅଧିକ ସମୟ ଧରି ଖଣି ଖନନ ନ କରେ ତେବେ ସେହି ଲିଜ୍‌କୁ ବାତିଲ କରାଯିବ। କିନ୍ତୁ ପାଟମୁଣ୍ଡା ଖଣି ଏହା କରାନଯାଇ ୨୦୨୪ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏହାକୁ ନବୀକରଣ କରାଯିବା ଭ୍ରୁକୁଞ୍ଚନ ସୃଷ୍ଟି କରିଥିଲା। କିନ୍ତୁ ଏ ବାବଦରେ ଯେଉଁ ଉତ୍ତର ମନ୍ତ୍ରୀ ବିଧାନସଭାରେ ରଖିଛନ୍ତି ତାହା ଅମଲାଙ୍କ ଦୋମୁହାଁ କାର୍ଯ୍ୟକୁ ସ୍ପଷ୍ଟ କରୁଛି।

ସେପ୍ଟମ୍ବର ୫ ତାରିଖରେ ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଇସ୍ପାତ୍ ଓ ଖଣିମନ୍ତ୍ରୀ ବିଭୁତିଭୂଷଣ ଜେନା କହିଛନ୍ତି, ଖଣି କ୍ରମାଙ୍କ ୩୨୧ରେ ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ାର ପାଟମୁଣ୍ଡା ମାଙ୍ଗାନିଜ୍ ଖଣିକୁ ସନ୍ ଆଲୟେଜ୍ ଆଣ୍ଡ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ଼କୁ ୧୨ ଫେବୃୟାରୀ ୧୯୯୬ରୁ ଲିଜ୍ ଦିଆଇଥିଲା। ୪୩.୫୩ ହେକ୍ଟର ଅଞ୍ଚଳ ପରିମିତ ଏହି ଖଣିଟି ୧୧ ➪ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ବିଦେଶ ବର୍ଗରେ ଆଉ ଏକ ହିନ୍ଦୀ ଫିଲ୍ମ ରଣଦୀପ ହୁଡ୍ଡାଙ୍କ 'ସ୍ୱତନ୍ତ୍ର ବୀର ସବରକର' ଓସ୍କାର ଦୌଡ଼ରେ ସାମିଲ।
- ପାର୍ବଣ ପୂର୍ବରୁ ପୁଞ୍ଜି ବଜାରରେ ଜବରଦସ୍ତ ଉତ୍ସାହ। ମଙ୍ଗଳବାର ବମ୍ବେଷ୍ଟକ୍ ଏକ୍ସଚେଞ୍ଜ ୮୫ ହଜାର ପାର୍ କରିଥିବାବେଳେ ନିଫଟି ୨୬ ହଜାର ଛୁଇଁଲା।
- ତିରୁପତି ମନ୍ଦିର ଲଡୁରେ ପଶୁ ଚର୍ବିର ଘିଅ ବ୍ୟବହାର ନେଇ ବିବାଦ ଥମି ନ ଥିବା ବେଳେ ଜଣେ ଶ୍ରଦ୍ଧାଳୁ ପ୍ରସାଦରେ ତମାଖୁ ମିଳିଥିବା ଅଭିଯୋଗ କରିଛନ୍ତି।
- ବୁଧବାର ଜାମ୍ମୁ କାଶ୍ମୀରରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ। ୬ ଜିଲ୍ଲାରେ ୨୬ ବିଧାନସଭା ଆସନରେ ୨୫ ଲକ୍ଷ ୭୦ ହଜାର ଭୋଟର ୨୩୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ।
- ଖାଦ୍ୟ ଜିନିଷରେ ପରିସ୍ରା ଓ ଛେପ ଲାଗୁଥିବା ଅଭିଯୋଗ ହେବା ପରେ ଉତ୍ତର ପ୍ରଦେଶର ପ୍ରତ୍ୟେକ ଢାବା ଓ ରେଷ୍ଟୋରାଁରେ କର୍ମଚାରୀମାନେ ମାସ୍କ ପରିଧାନ ସହିତ ମାଲିକ ଓ ମ୍ୟାନେଜରଙ୍କ ନାମ ଲେଖିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶ।
- ବେଆଇନ ଭାବରେ ଭାରତରେ ରହୁଥିବାରୁ ମହାରାଷ୍ଟ୍ରର ପାଲଘର ଜିଲ୍ଲାରୁ ୫ ଜଣ ବାଂଲାଦେଶୀଙ୍କୁ ଗିରଫ କଲା ମାନବ ଚାଲାଣ ନିରୋଧୀ ସେଲ୍।
- ଓଡ଼ିଶାରୁ ପ୍ରତ୍ୟାହାର ହେବନି ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ଇଭି ଓ ବ୍ୟାଟେରୀ ପ୍ରୋଜେକ୍ଟ। ମଙ୍ଗଳବାର କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଏହା କହିଛନ୍ତି।
- ମଧ୍ୟପ୍ରଦେଶର ଦମୋହ ତମନ୍ନା ତିରାହେ ନିକଟରେ ଏକ ଟ୍ରକ୍ ଏକ ଯାତ୍ରୀବାହୀ ଅଟୋକୁ ଧକ୍କା ଦେବାରୁ ୭ ଜଣଙ୍କର ମୃତ୍ୟୁ ହୋଇଛି ଓ ୩ ଜଣ ଆହତ ହୋଇଛନ୍ତି।
- ଆଠଗଡ଼ ତୋଟାପଡ଼ା ସ୍କୁଲରେ ପାଠପଢ଼ା ଚାଲିଥିବା ବେଳେ ବଜ୍ରପାତ ଘଟି କାନ୍ଥ ଫାଟିଲା। ୨୦ରୁ ଅଧିକ ଛାତ୍ର ଛାତ୍ରୀ ଓ ଶିକ୍ଷକ ଅଳ୍ପକେ ବର୍ତ୍ତିଲେ।

## ପୀଡ଼ିତାଙ୍କୁ ମିଳିଲା ପିଏସ୍‌ଓ

**ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ):** ପ୍ରାୟ ଏକ ସପ୍ତାହ ପରେ ଭରତପୁର ଥାନାରେ ନିର୍ଯାତିତ ହୋଇଥିବା ପୀଡ଼ିତାଙ୍କୁ ମିଳିଛି ସୁରକ୍ଷା । କମିଶନରେଟ ପୁଲିସ ପକ୍ଷରୁ ତାଙ୍କୁ ପିଏସ୍‌ଓ ଯୋଗାଇ ଦିଆଯାଇଛି। ଏମାନେ ପୀଡିତାଙ୍କ ୨୪ ଘଣ୍ଟିଆ ସୁରକ୍ଷା ଦାୟିତ୍ୱରେ ରହିବେ। ଗତ ୨୧ ତାରିଖରୁ ପୀଡିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ➪ପୃଷ୍ଠା-୬

### ବିରୋଧୀ ଶିବିର ଦିଗହରା

# ବିଜେଡିରେ ଗୋଷ୍ଠି କନ୍ଦଳ: କଂଗ୍ରେସରେ ବାପ ଛେଉଣ୍ଡ ଅବସ୍ଥା

**ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ):** ରାଜ୍ୟର ଦୁଇ ବିରୋଧୀଦଳ ବିଜେଡି ଓ କଂଗ୍ରେସ ଏବେ ଦିଗହରା। ମୁଖ୍ୟ ବିରୋଧିଦଳ ବିଜେଡିରେ ଦଳୀୟ କନ୍ଦଳ ତୀବ୍ର ହେଉଥିବାବେଳେ କଂଗ୍ରେସର ଏବେ ବାପ ଛେଉଣ୍ଡ ଅବସ୍ଥା। ଏଭଳି ସ୍ଥିତିରେ ଶାସକ ବିଜେପିକୁ ବିରୋଧ କରିବା ତ ଦୂରରକଥା ଦୁଇ ଦଳ କିଭଳି ନିଜ ଘର ଜଗିବେ ସେହି ଚିନ୍ତାରେ ପଡିଛନ୍ତି।

ଦୀର୍ଘ ୨୫ ବର୍ଷ ପରେ ରାଜ୍ୟରେ ମୁଖ୍ୟ ବିରୋଧିଦଳ ବିଜେଡି ୫୧ଟି ଆସନରେ ବିଜୟୀ ହୋଇଥିଲା । ତେଣୁ ବିଜେପି ସରକାରକୁ ପାଦେ ପାଦେ ବିଜେଡି ଜଗିବ ବୋଲି ରାଜ୍ୟବାସୀ ଆଶା କରିଥିଲେ। ହେଲେ ବିଜେପିକୁ ଜଗିବ କ'ଣ ଏବେ ନିଜ ଦଳର ନେତା କର୍ମୀଙ୍କୁ ପାଦେ ପାଦେ ଜଗିବାକୁ ପଡୁଛି । ଯେଉଁ କର୍ମୀ ଓ ନେତାମାନେ ଦଳ ସଭାପତି ନବୀନଙ୍କ ଆଗରେ ଦିନେ ଛିଡା ହେଉନଥିଲେ ସେମାନେ ଏବେ ସିଧାସଳଖ ନିର୍ବାଚନ ବିପର୍ଯ୍ୟୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରିବାକୁ ପଛାଉ ନାହାନ୍ତି। ଯେଉଁମାନେ ସିଧାସଳଖ କହିପାରୁ ନାହାନ୍ତି ସେମାନେ ପଛରେ ରହି ଅନ୍ୟମାନଙ୍କୁ ଉସକାଉଛନ୍ତି। ନିର୍ବାଚନରେ ହାରିବା ପରେ ନବୀନ ନିବାସଠାରୁ ଶଙ୍ଖଭବନ ପର୍ଯ୍ୟନ୍ତ ଏବେ ଦଳରେ ଅସନ୍ତୋଷ ଜଳ ଜଳ ହୋଇ ଦିଶୁଛି। ଦଳର କର୍ପୋରେଟରମାନେ ପୂର୍ବତନ ମନ୍ତ୍ରୀଙ୍କ ନାଁରେ ଥାନାରେ ମାମଲା ରୁଜୁର ବ୍ୟବସ୍ଥା କରୁଥିବାବେଳେ ପୂର୍ବତନ ସାଂସଦ ପ୍ରଦୀପ ମାଝି ଓ ପୂର୍ବତନ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର ଦଳର ପରାଜୟ ପାଇଁ ନବୀନଙ୍କ ମୁହଁରେ ଜବାବ ଦେବାକୁ ପଛାଉ ନାହାନ୍ତି। ସମସ୍ତଙ୍କର ଗୋଟିଏ କଥା, ନିର୍ବାଚନବେଳେ ନବୀନ କାହିଁକି ପ୍ରଚାରର ମଙ୍ଗ ଧରିଲେ ନାହିଁ। ପରୋକ୍ଷରେ ଏମାନେ ପାଣ୍ଡିଆନଙ୍କୁ ନିଶାଣ କରୁଥିଲେ ମଧ୍ୟ ଖୋଲାଖୋଲି ଭାବେ ତାଙ୍କ ନାଁ ନେଇପାରୁ ନାହାନ୍ତି।

ତେବେ ସବୁଠାରୁ ବଡ କଥା ହେଉଛି ନିର୍ବାଚନ ବିପର୍ଯ୍ୟୟର ସମୀକ୍ଷା ନେଇ ଏବେ ବି ଦଳରେ ଅସନ୍ତୋଷ ରହିଛି। କାହିଁକି ଏହାର ସମୀକ୍ଷା କରାଗଲା ନାହିଁ ତାହାକୁ ନେଇ କିଛି ବିଜେଡି ନେତା ପ୍ରଶ୍ନ କରୁଛନ୍ତି । ଯିଏ ଭିତରେ ଭିତରେ କୁହୁଳୁଛି ସିଏ ଯେତେବେଳେ ଯାହା ପାରୁଛି ପାର୍ଟି ଲାଇନ୍ ବାହାରକୁ ଯାଇ କହୁଛି ନ ହେଲେ ଅନ୍ୟମାନଙ୍କୁ କହିବାପାଇଁ ଉସକାଉଛି। ଏହାର ଉଦାହରଣ ହେଉଛନ୍ତି ଦଳର ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ ଓ ସାଂସଦ ଦେବାଶିଷ ➪ପୃଷ୍ଠା-୬



## ତିନିଦିନ ବର୍ଷିବ

**ଭୁବନେଶ୍ୱର,୨୪।୯ (ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର। ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଟୁଇଟ୍ କରି ଏହି ସୂଚନା ଦେଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପ ପ୍ରଭାବରେ ରାଜ୍ୟରେ ୨୭ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ବିଶେଷ କରି ପୂର୍ବ ଓ ପଶ୍ଚିମ ଓ ଏବଂ ଦକ୍ଷିଣ ଓ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର। ୨୫ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ାରେ ପ୍ରବଳ ବର୍ଷା ହୋଇପାରେ। ୨୬ରେ ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗୀରରେ ୭୦ରୁ ୧୧୦ମିମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି।ଅନ୍ୟପଟେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସୋମବାର ପଶ୍ଚିମ ରାଜସ୍ଥାନ ଏବଂ ଗୁଜରାଟ କଚ୍ଛର କିଛି ଅଞ୍ଚଳରୁ ବିଦାୟ ନେଇଛି। ଗତ ୧୭ ତାରିଖ ସୁଦ୍ଧା ମୌସୁମୀ ଫେରିବା ଆରମ୍ଭ କରିବ ବୋଲି ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଥିବାବେଳେ ଏଥିରେ ୬ଦିନ ବିଳମ୍ବ ହୋଇଛି।

# ମା' ଶାରଳାଙ୍କ ପୀଠରେ ଆଜିଠୁ ଷୋଡ଼ଶ ଉପଚାର ପୂଜା



**ଜଗତସିଂହପୁର, ୨୪।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ଶାରଳାଙ୍କ ପୀଠରେ ଆଜି ଠାରୁ ଆରମ୍ଭ ହୋଇଛି ଶାରଦୀୟ ପାର୍ବଣ ପୂଜା । ଆଜି ମୂଳାଷ୍ଟମୀ ଠାରୁ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଥିବା ଏହି ପୂଜା ମହାଷ୍ଟମୀରେ ଶେଷ ହୋଇଥାଏ । ଏହି ସମୟ ମଧ୍ୟରେ ମା'ଙ୍କୁ ପ୍ରତ୍ୟେକ ଦିନ ଷୋଡଶ ଉପଚାରରେ ପୂଜା କରାଯିବ ସହିତ ସ୍ୱତନ୍ତ୍ର ଭାବରେ ନୀତିକାନ୍ତି କରାଯାଏ। ଶାରଦୀୟ ପାର୍ବଣର ଆଜି ହେଉଛି ପ୍ରଥମ ଦିନ। ଚଳିତ ବର୍ଷ ଏହି ପୂଜା ୧୬ ଦିନ ବ୍ୟାପି ଅନୁଷ୍ଠିତ ହେବ । ଆଜିର ଦିନରେ ସକାଳେ ସୂର୍ଯ୍ୟ ପୂଜା କରାଯାଇ ମା'ଙ୍କୁ ମହାସ୍ନାନ କରାଯାଏ। ପରେ କଳସ ସ୍ଥାପନ, ମା'ଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ଚଣ୍ଡିପାଠ ସହିତ ମା'ଙ୍କୁ ଷୋଡଶ ଉପଚାରରେ ପୂଜା କରାଯାଏ। ମା'ଙ୍କୁ ସ୍ୱତନ୍ତ୍ର ବିଧିବିଧାନ ସହିତ ପୂଜା କରାଯିବ ସହିତ ମା'ଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ବସି ବେଢ଼ା ପରିକ୍ରମ କରିଥାନ୍ତି । ଏହା ସହିତ ସେହି ସମୟରେ ପ୍ରତ୍ୟେହ ମା'ଙ୍କୁ ସୁନାବେଶରେ ସୁସଜ୍ଜିତ କରାଯାଇଥାଏ ବୋଲି ଶାରଳା ମନ୍ଦିର ସେବକ କହିଛନ୍ତି । ପାର୍ବଣ ଋତୁରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରିବାକୁ ବହୁ ଦୂରଦୁରାନ୍ତରୁ ଆସିଥାନ୍ତି। ପାର୍ବଣ ସମୟରେ ମା' ଶାରଳାଙ୍କୁ ଦର୍ଶନ କଲେ ସବୁ ମାନସିକ ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ଥିବାରୁ ଏହି ସମୟରେ ଦୂର ଦୁରନ୍ତର ରୁ ଶ୍ରଦ୍ଧାଳୁ ମାନଙ୍କର ବେଶ ଭିଡ଼ ହୋଇଥାଏ ମାଙ୍କ ପୀଠରେ ୧୬ଦିନ ଧରି ଭକ୍ତଙ୍କ ସମାଗମ ସାଙ୍ଗକୁ ମା' ଶାରଳା ପୀଠ ଚଳଞ୍ଚଳ ହୋଇପଡିଛି ।

# ନର୍ସିଂ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ



**ଯାଜପୁର, ୨୪।୯ (ସଂଚାର ବ୍ୟୁରୋ):** ଅଲ ଓଡିଶା ନର୍ସିଂ କର୍ମଚାରୀ ସଂଘର ଡାକରା କ୍ରମେ ଯାଜପୁର ନର୍ସିଂ ସଂଘ ପକ୍ଷରୁ ଆସନ୍ତା ୨୭ ତାରିଖରୁ କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି। ଏହାକୁ ସମର୍ଥନ ଜଣାଇବା ଉଦେଶ୍ୟରେ ଯାଜପୁର ସହରର ଗଣେଷ ମଣ୍ଡପ ଠାରେ ଯାଜପୁର ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନର୍ସିଂ ଅଧିକାରୀମାନେ ୧୦ ଦଫା ଦାବି ଯେପରିକି ଯୋଗ୍ୟ ନର୍ସିଂ ଅଫିସରମାନଙ୍କୁ ବରିଷ୍ଠତା ଭିତ୍ତିରେ ସିନିୟର ନର୍ସିଂ ଅଫିସର ପଦବୀରେ ପଦୋନ୍ନତି,ନିୟମିତ ହୋଇନଥିବା ନର୍ସିଂ ଅଫିସରମାନଙ୍କୁ ତୁରନ୍ତ ନିୟମିତ କରିବା, ଡ୍ରେସ କୋଡରେ ପରିବର୍ତ୍ତନ, ଆଉସୋସିଂ ନିଯୁକ୍ତିକୁ ବନ୍ଦ ଆଦି ଦାବିରେ ଧାରଣାରେ ବସିଥିଲେ। ପୂର୍ବରୁ ସେମାନେ ନିଜର ଦାବି ପୂରଣ ପାଇଁ ବିଭିନ୍ନ ପ୍ରକାର ଉଦ୍ୟମ କରିଥିଲେ ମଧ୍ୟ ସରକାର ସେମାନଙ୍କ ଦାବିକୁ ଗୁରୁତ୍ୱ ଦେଇନାହାଁ। ତେଣୁ ଆସନ୍ତା ୨୫ ଓ ୨୬ ତାରିଖ ଜରୁରୀ ସେବାକୁ ଛାଡି ସବୁ ସେବାରେ ନର୍ସମାନେ ଅସହଯୋଗ କରିବା ସହ ୨୭ରୁ ସଂପୂର୍ଣ୍ଣ କାର୍ଯ୍ୟ ବନ୍ଦ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ଜିଲ୍ଲା ସଂପାଦକ ଅମର କୁମାର ମଲ୍ଲିକ, ସୌରଭ ମହାନ୍ତି, ଭବେଶ କୁମାର ବେହେରା,ଜୁଲିପ୍ରଭା ଜେନା, ଶୁଭଶ୍ରୀ ରଥ,ସୁଭ୍ରାଂଶୁ ନନ୍ଦ, ରଂଜନ କୁମାର ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଡିଜିଟାଲ୍ ଫସଲ ସର୍ବେକ୍ଷଣ ସଚେତନତା

**ବାଲିଅନ୍ତା, ୨୪।୯ (ସଂଚାର ବ୍ୟୁରୋ):** ଆଜିପୂର୍ବାହ୍ନ ଏଗାରଟା ସମୟରେ ବାଲିଅନ୍ତା ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ୍ ସ୍ତରୀୟ ଡିଜିଟାଲ୍ ଫସଲ ସର୍ବେକ୍ଷଣ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି । ବ୍ଲକ୍ କୃଷି ଅଧିକାରୀ ସ୍ଥିତପ୍ରଜ୍ଞ ଖମାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ବ୍ଲକ୍ ଗୋଷ୍ଠି ଉନ୍ନୟନ ଅଧିକାରୀ ପବିତ୍ର କୁମାର ସାମଲ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ। ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବର୍ଷକୁ ଦୁଇ ଥର ପ୍ରତ୍ୟେକ ଚାଷ ଜମିରେ କି କି ଫସଲ କରାଯାଉଛି , କେତେ ଚାଷଜମି ଚାଷ ଅନୁପଯୋଗୀ ହୋଇ ପଡିଛି ସବିଶେଷ ତଥ୍ୟ ଜିଓ ଟ୍ୟାଗିଙ୍ଗ ମାଧ୍ୟମରେ ସର୍ବେକ୍ଷଣ କରାଯାଇ ସରକାରଙ୍କ ନିକଟରେ ରିପୋଟ ଦାଖଲ କରାଯିବ। ଏଥିପାଇଁ କୃଷି ବିଭାଗର ଅଧିକାରୀ, ପଞ୍ଚାୟତ ସମିତିର ନିର୍ବାଚିତ ପ୍ରତିନିଧି, ସେବା ସମବାୟ ସମିତିର ସଭାପତି, ସମ୍ପାଦକମାନଙ୍କୁ ଏଥିରେ ସାମିଲ ହେବା ପାଇଁ ବ୍ଲକ କୃଷି ଅଧିକାରୀ ନିବେଦନ କରିଥିଲେ। ଆଜିର ସଭରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦର ସଦସ୍ୟ ମଙ୍ଗରାଜ ବେହେରା, ମହେଶ୍ୱର ଦାସ, ବେଣୁପୁର ସରପଞ୍ଚ ହୃସିକେସ ପାତ୍ର, ସରକଣା ସେବା ସମବାୟ ସମିତିର ସଭାପତି ସୋମନାଥ ସ୍ୱାଇଁ, ବଇଁବୁଆ ସଭାପତି ବେଣୁଧର ପରିଡ଼ା,କାକରୁଦ୍ରପୁର ସଭାପତି ନିଳକଣ୍ଠ ପଣ୍ଡାଙ୍କ ସମେତ ସବୁ ସେବା ସମବାୟ ସମିତିର ସମ୍ପାଦକ ମାନେ ଅଂଶଗ୍ରହଣ କରିଥିଲେ।



# କୃଷି କାର୍ଯ୍ୟାଳୟରେ ଲହଡି ଭାଙ୍ଗୁଛି ବର୍ଷାପାଣି

**ରାଜନଗର, ୨୪।୯ (ସଂଚାର ବ୍ୟୁରୋ):** ରାଜନଗର କୃଷି କାର୍ଯ୍ୟାଳୟରେ ବର୍ଷା ପାଣି ଲହଡି ଭାଙ୍ଗୁଛି। କାର୍ଯ୍ୟାଳୟର ଗ୍ରାଉଣ୍ଡଫ୍ଲୋରର ସମସ୍ତ କୋଠରୀରେ ବର୍ଷାପାଣି ଲହଡି ଭାଙ୍ଗୁଥିବାରୁ ଅଫିସ କାର୍ଯ୍ୟ ଏକପ୍ରକାର ଠପ୍ ହୋଇପଡ଼ିଛି। ବର୍ଷାପାଣି ସହିତ କାର୍ଯ୍ୟାଳୟ ମଧ୍ୟକୁ ସାପ ପ୍ରବେଶ କରିବାରୁ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଥିଲା। କାର୍ଯ୍ୟାଳୟରେ ଥିବା ବିଭିନ୍ନ ଆସବାସପତ୍ର ବର୍ଷାପାଣିରେ ଓଦା ହୋଇଥିବା ଜଣାପଡ଼ିଛି।

# ରାସ୍ତା ଓ ପାଣି ସମସ୍ୟା ନେଇ ଆଗକୁ ଆସିଲେ ପୂର୍ବତନ ୱାର୍ଡ ସଭ୍ୟା



**ନୀଳଗିରି, ୨୪।୯ (ସଂଚାର ବ୍ୟୁରୋ):** ଔପଦା ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଶ୍ରୀଦେଇପୁର ଗ୍ରାମ କାଇଁଶପାଳ ସାହିରେ ପାନୀୟ ଜଳର ଉତ୍କଟ ସମସ୍ୟା ସହିତ ଉକ୍ତ ସାହିର ରାସ୍ତା ଶୋଚନୀୟ। ଉକ୍ତ ଗ୍ରାମରେ ପାଖାପାଖି ୬୦ରୁ ଉର୍ଦ୍ଧ ପରିବାରର ୨ଶହରୁ ଉର୍ଦ୍ଧ୍ୱ ଲୋକ ଥିବା ବେଳେ ଗୋଟିକ ନଳକୂପ ଉପରେ ଭରଷା କରି ଚଳନ୍ତି। ବର୍ତ୍ତମାନ ବର୍ଷାଋତୁ ଚାଲିଥିବାରୁ ଉକ୍ତ ନଳକୂପରୁ ଗୋଳିଆ ପାଣି ବାହାରିବା ସହିତ ବେଳେ ବେଳେ ଜିଆ ବାହାରୁଥିବା ଦେଖିବାକୁ ମିଳିଛି। ଲୋକେ ଏହି ପାଣିକୁ ପିଇବା ଫଳରେ ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହେବା ସହିତ କିଡ଼ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସୋମବାର ନୀଳଗିରି ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ବେଳେ ଗ୍ରାମର ପୂର୍ବତନ ୱାର୍ଡସଭ୍ୟା ଗୀତାଞ୍ଜଳି ଦେହୁରି ଏହି ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଆପତ୍ତି ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଶ୍ରୀମତୀ ଗୀତାଞ୍ଜଳି ଉକ୍ତ ସମସ୍ୟା ନେଇ ଜନଶୁଣାଣିରେ ଉପସ୍ଥିତ ଥିବା ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆଙ୍କୁ ମଧ୍ୟ ନିବେଦନ କରିଥିବା ଜଣାଯାଇଛି।



# ପୋଖରୀରୁ ଧରାହେଲା କୁମ୍ଭୀର

**ରାଜନଗର, ୨୪।୯ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକରେ କୁମ୍ଭୀର ଆତଙ୍କ ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ୧୦ଦିନ ତଳେ ଏହି ବ୍ଲକର ବ୍ରାହ୍ମଣସାହି ପଞ୍ଚାୟତ ଗଜରାଜପୁର ଗାଁରୁ କୁମ୍ଭୀର ଉଦ୍ଧାର ହୋଇଥିବା ବେଳେ ଗତକାଲି ରାତିରେ ଦେବେନ୍ଦ୍ରନାରାୟଣପୁରରୁ କୁମ୍ଭୀର ଉଦ୍ଧାର ହୋଇଛି। ଗତକାଲି ପ୍ରାୟ ୯ ଘଟିକା ସମୟରେ ଓକିଲପାଳ-ଦେବେନ୍ଦ୍ରନାରାୟଣପୁର ରାସ୍ତା ପାର ହୋଇ କୁମ୍ଭୀର ଗାଁ ଭିତରକୁ ଆସୁଥିବା ଦେଖିବାକୁ ମିଳିଥିଲା। ରାସ୍ତା ପାର ହେବା ପରେ କୁମ୍ଭୀରଟି ଦେବେନ୍ଦ୍ରନାରାୟଣପୁର ଗାଁର ରଞ୍ଜିତ ମଣ୍ଡଳଙ୍କ ପୋଖରୀକୁ ଚାଲି ଯାଇଥିଲା। ଏ ନେଇ ବନବିଭାଗ ଖବର ପାଇବା ପରେ ଫରେଷ୍ଟର ଫରେଷ୍ଟର ବିଭୂତି ଭୂଷଣ ତରାଇଙ୍କ ନେତୃତ୍ୱରେ ଫରେଷ୍ଟର ତ୍ରିଦୀପ ପ୍ରଧାନ, ଦେବୀ ପ୍ରସାଦ ମୁଣ୍ଡା, ନିତାଇ ମଣ୍ଡଳ, ବନକର୍ମଚାରୀ ଦିବାକର ମଲିକ, ପ୍ରଦୀପ ବେହେରା, ବଂଶୀଧର ବେହେରା, ଚନ୍ଦନ ଦାସ, ସହଦେବ ପ୍ରଧାନ, ମାଣିକ ଗୁଡିଆ ପ୍ରମୁଖ ଘଟଣା ସ୍ଥଳରେ ପହଁଚି ଜାଲ ମାଧ୍ୟମରେ କୁମ୍ଭୀରକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଦୀର୍ଘ ୩ ଘଣ୍ଟାର କଷରତ ପରେ ରାତି ୧୨ଟା ୧୫ରେ କୁମ୍ଭୀରଟି ବନବିଭାଗ ହାତରେ ଧରାପଡ଼ିଥିଲା। କୁମ୍ଭୀରକୁ ଧରାଯିବା ପରେ ପୋତାବଗୁଲୀ ନାଳିରେ ଛାଡି ଦିଆଯାଇଛି।

## ଜିଆର୍‌ଏସ୍ ନିଯୁକ୍ତି ପାଇଁ ଏବେଠୁ ଆରମ୍ଭ ହେଲାଣି ମୂଲଚାଲ

# ନୟାଗଡ଼ ଜିଲ୍ଲାରେ ପଡିଲା ୫୬୧୨ ଫର୍ମ

**ନୟାଗଡ଼, ୨୪।୯ (ସଂଚାର ବ୍ୟୁରୋ):** ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରତି ପଞ୍ଚାୟତରେ ଗ୍ରାମ ରୋଜଗାର ସେବକ ତଥା ଜିଆରଏସ ପଦବୀ ରହିଛି । ନୟାଗଡ଼ ଜିଲ୍ଲାରେ ଶତାଧିକ ଜିଆରଏସ ତଥା ଆକାଉଣ୍ଟାଟ କମ୍ ଡିଇଓ ଭାବେ ପଦୋନ୍ନତୀ ଦିଆଯିବା ପରେ ଅନେକ ପଞ୍ଚାୟତରେ ଏହି ପଦବୀ ଖାଲି ପଡ଼ିଛି । ଜିଲ୍ଲା ପରିଷଦ ଅଧିନସ୍ଥ ମନରେଗା ଯୋଜନା ଖାଲିଥିବା ଜିଆରଏସ ପଦବୀ ପାଇଁ ଗତ ଅଗଷ୍ଟ ୨୦ ତାରିଖରେ ନୋଟିଫିକେସନ୍ ପ୍ରକାଶ ପାଇଥିଲା । ନୟାଗଡ଼ ଜିଲ୍ଲାରେ ୧୦୨ଟି ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥି ମଧ୍ୟରେ ଅଣସଂରକ୍ଷିତ ୫୨ଟି ପଦବୀ ରହିଥିବା ବେଳେ ୧୯ଟି ଏସସି, ୨୬ଟି ଏସ୍‌ଟିଙ୍କ ପାଇଁ ସଂରକ୍ଷିତ ରହିଛି । ମୋଟ ପଦବୀ ମଧ୍ୟରୁ ୫୪ଟି ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି। ଏହି ପଦବୀ ପାଇଁ ୨୩ ତାରିଖ ଆବେଦନ ଶେଷ ତାରିଖ ରହିଥିଲା । ଆଜି ସଂନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୧୦୨ ପଦବୀ ପାଇଁ ୫ ହଜାର ୬୧୨ ଜଣ ପ୍ରାର୍ଥୀ ଆବେଦନ କରିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି । ଏହି ପଦବୀରେ ଚାକିରି କରାଇଦେବାକୁ କିଛି ଦଲାଲ ସକ୍ରିୟ ହୋଇଥିବା ଆଶାୟୀଙ୍କଠାରୁ ସୂଚନା ମିଳିଥିବା ବେଳେ ଗୋଟିଏ ପୋଷ୍ଟ ପାଇଁ ୫ରୁ ୭ ଲକ୍ଷ ଟଙ୍କା ଯାଏଁ ମୂଲଚାଲ ଚାଲିଥିବା ଜଣାପଡ଼ିଛି । ଯାହାକୁ ନେଇ ଅନିୟମିତତାର ଆଭାସ ବାରି ହେଉଛି । ଜିଲ୍ଲା ପରିଷଦ ସ୍ୱଚ୍ଛ ଓ ନିରପେକ୍ଷତା ଅବଲମ୍ବନ କରି ନିଯୁକ୍ତି ଦେବ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

## କେନ୍ଦୁଝର ଟ୍ରକ ମାଲିକ ସଂଘ ନିର୍ବାଚନ

# ଉପସଭାପତି ପାଇଁ ଚର୍ଚ୍ଚାରେ ଦେବଦତ୍ତ



**ଆନନ୍ଦପୁର, ୨୪।୯ (ସଂଚାର ବ୍ୟୁରୋ):** ରାଜ୍ୟର ସବୁଠାରୁ ବିତ୍ତଶାଳୀ ସଂଘ କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ଭୋଟଗ୍ରହଣକୁ ଆଉ ମାତ୍ର ତିନିଦିନ ଥିବାବେଳେ ଆନନ୍ଦପୁରରେ ମାହୋଲ ସରଗରମ ହେବାରେ ଲାଗିଛି। ଚଳିତ ମାସ ୨୮ରେ ଆନନ୍ଦପୁରରେ ଗୋହିରା ପ୍ରାଣବଲ୍ଲଭ ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲରେ ନିର୍ବାଚନ ହେବାକୁ ଥିବାବେଳେ ପ୍ରାର୍ଥୀମାନେ ଘରକୁଘର ବୁଲି ଟ୍ରକମାଲିକମାନଙ୍କୁ ଭେଟୁଥିବା ପରିଲକ୍ଷିତ ହୋଇଛି। ନିଜର ସମର୍ଥିତ ପ୍ରାର୍ଥୀମାନଙ୍କ ସପକ୍ଷରେ ରାଜନୈତିକ ନେତାମାନେ ମଧ୍ୟ ଭିତିରିଆ ପ୍ରଚାର କରୁଥିବା ପରିଲକ୍ଷିତ ହୋଇଛି।

କେନ୍ଦୁଝର ଟ୍ରକମାଲିକ ସଂଘର ସଭାପତି ପଦ ଆନନ୍ଦପୁର ଉପଖଣ୍ଡ ପାଇଁ ସଂରକ୍ଷିତ ରହିଛି। ଏଥିରେ ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ପୂର୍ବତନ ଉପସଭାପତି ପଦ୍ମଲୋଚନ ସାହୁ ସାହୁ ଓ ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ବ୍ରଜବିହାରୀ ଜେନାଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଛି। ଆନନ୍ଦପୁରର ଏକମାତ୍ର ଉପସଭାପତିପାଇଁ ଘସିପୁରା ବ୍ଲକ ଯୁବବିଜେଡ଼ି ସଭାପତି ଦେବଦତ୍ତ ନାୟକ, ଆନନ୍ଦପୁରର ପୂର୍ବତନ ପୌର ପୌରଉପାଧ୍ୟକ୍ଷ ସୁରେଶ ସାହୁ, ପୂର୍ବତନ ସଂଘ ଉପସଭାପତି ଜୟନ୍ତ କୁମାର ସାହୁ, ଜୟନାରାୟଣ ସାହୁ, ରଞ୍ଜନ କୁମାର ବିଶ୍ୱାଳ, ପଦ୍ମନାଭ ମହାନ୍ତ, ସୁକାନ୍ତ କୁମାର ମିଶ୍ର, ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ମଇଦାନରେ ଅଛନ୍ତି।

ତେବେ ପୂର୍ବରୁ ୭ଥର ସଭାପତି ରହିଥିବା ରମାକାନ୍ତ ନାୟକ ସ୍ୱାସ୍ଥ୍ୟଗତ କାରଣରୁ ନିର୍ବାଚନରୁ ଓହରି ଯାଇଥିବା ବେଳେ ତାଙ୍କ ପୁଅ ଦେବଦତ୍ତ ଉପସଭାପତି ପଦରେ ରହି ଚର୍ଚ୍ଚାରେ ରହିଛନ୍ତି। ରମାକାନ୍ତଙ୍କ ସମର୍ଥକମାନେ ଦେବଦତ୍ତଙ୍କୁ ଜିତାଇବାପାଇଁ ପ୍ରଚାରକୁ ଜୋରଦାର କରିଥିବା ପରିଲକ୍ଷିତ ହୋଇଛି।

ସେ କିଛିଦିନ ହେଲା କେନ୍ଦୁଝର, ତୋଲକୋଇ, ଘଟଗାଁ ଅଞ୍ଚଳରେ ପ୍ରଚାର କରିଥିବାବେଳେ ଆଜି ଘସିପୁରା ଅଞ୍ଚଳରେ ସେ ପ୍ରଚାର କରିବା ସହିତ ଟ୍ରକମାଲିକମାନଙ୍କ ଗ୍ରହଣୀୟ ହୋଇଛନ୍ତି। ସେହିପରି ଅନ୍ୟତମ ଦାବିଦାର ସୁରେଶ ସାହୁ ମଧ୍ୟ ପ୍ରଚାରକୁ ଜୋରଦାର କରିଛନ୍ତି।

# ଓଡ଼ିଆ ଭାଷାର ବ୍ୟବହାର ହେଉ

**ବ୍ରହ୍ମପୁର, ୨୪।୯ (ସଂଚାର ବ୍ୟୁରୋ):** ଓଡ଼ିଆ ଭାଷାର ବିକାଶରେ ସରକାରୀ କର୍ମଚାରୀଙ୍କ ଅନିଚ୍ଛା ରହୁଥିବା ଅଭିଯୋଗ ହୋଇଛି। ଓଡ଼ିଆ ଭାଷା ଆନ୍ଦୋଳନ ସଭାପତି ତ୍ରିନାଥ ମହାରଣା ଆରଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ୩ ଦଫା ଦାବି ଉପସ୍ଥାପନା କରାଯାଇଛି । ସରକାରୀ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦାନ କରାଯାଉ, ବ୍ୟବସାୟ ପ୍ରତିଷ୍ଠାନ, ବସ,ସମସ୍ତ ବ୍ୟବସାୟୀ ଭିତ୍ତିକରେ ଓଡ଼ିଆ ଭାଷା ବ୍ୟବହାର କରାଯିବା, ଏବଂ ସରକାରୀ କର୍ମଚାରୀ ରାଜ ନେତାଙ୍କ ପୁଅ ଝିଅକୁ ସରକାରୀ ବିଦ୍ୟାଳୟରେ ପଢ଼ାଇବାକୁ ଆଇନ ପ୍ରଣୟନ ହେଉ । ସମସ୍ତେ ଓଡ଼ିଆରେ ଲେଖନ୍ତୁ ଓ କୁହନ୍ତୁ ବୋଲି ଶ୍ରୀ ମହାରଣା ଦାବି କରିଛନ୍ତି । ସ୍ମାରକ ପତ୍ର ପ୍ରଦାନ ସମୟରେ ଅଶୋକ ଦଳାଇ, ପ୍ରତାପ ଚନ୍ଦ୍ର ଦାଶ, ଏସ ଶାମ୍ବଶିବ ରାଓ , ଦେବରାଜ ସାହୁ, ପଙ୍କଜ ନାୟକ, ରବି ସାବତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



# ବସକୁ ସାଇଡ୍ ଦେବା ବେଳେ ରାସ୍ତା କଡକୁ ଓଲଟିଲା ଟ୍ରକ୍

**ନୀଳଗିରି, ୨୪।୯ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ୍ ଅନ୍ତର୍ଗତ ଶେରଗଡ ଝରଣଘାଟି ୧୯ ନମ୍ବର ରାଜ୍ୟ ରାଜପଥ ଗରଡିହି ଛକ ନିକଟରେ ଏକ ଅଶୋକ ଲିଲେଣ୍ଡ ବାଲି, ସିମେଣ୍ଟ ମିକଶ୍ଚର ଟ୍ରକ୍‌ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିବାର ଦେଖାଯାଇଛି। ସୂଚନାରୁ ଜଣାଯାଇଛି, ଶେରଗଡ ଝରଣାଘାଟି ରାସ୍ତାର ନୀଳଗିରି ଦିଗରୁ ମୟୂରଭଞ୍ଜର ଉଦଳାକୁ ଯାଉଥିବା ଓଡି- ୩୩ ଏ-ଏମ-୨୩୬୭ ନମ୍ବର ବିଶିଷ୍ଟ ଟିଏମ୍ ଅଶୋକ ଲିଲେଣ୍ଡ ଟ୍ରକଟି ବାଲି, ସିମେଣ୍ଟ, ଚିପ୍ସ ମସଲା ନେଇ ଯାଉଥିବା ବେଳେ, ଅପରାହ୍ନ ୧୨ଟା ସମୟରେ ଗରଡିହି ଛକ ନିକଟରେ ଅପର ପଟୁ ଆସୁଥିବା ଏକ ଯାତ୍ରୀବାହୀ ବସକୁ ସାଇଟ୍ ଦେଉଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା। ଏଥିରେ ଟ୍ରକରେ ଥିବା ଡ୍ରାଇଭର ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତୀ ଯାଇଥିଲେ। ଘଟଣା ସ୍ଥଳରେ ବରହମପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

# ଗୋଆରେ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**କେନ୍ଦ୍ରାପଡ଼ା,୨୪।୯(ସଂଚାର ବ୍ୟୁରୋ):** ଗୋଆରେ କାର୍ଯ୍ୟରତ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଯାଇଛି । ମୃତ ଯୁବକ ଜଣଙ୍କ ହେଉଛନ୍ତି କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଜମଧର ପଞ୍ଚାୟତର କଷୋଟି ଗ୍ରାମର ଯୁବକ ସିଦ୍ଧାର୍ଥ ନାଥ। ମୃତ ଯୁବକଙ୍କ ବାପା କୁଞ୍ଜବିହାରୀ ନାଥ ସୋମବାର ରାତିରେ ତାଙ୍କ ପୁଅ ସିଦ୍ଧାର୍ଥ ସହିତ ଟେଲିଫୋନ୍ ଯୋଗେ କଥା ହୋଇଥିଲେ । କିନ୍ତୁ ମଙ୍ଗଳବାର ସକାଳୁ କେହି ଜଣେ ମହିଳା ତାଙ୍କ ପୁଅ ମରିଯାଇଥିବା ନେଇ ତାଙ୍କୁ ସୂଚନା ଦେଇଥିଲେ। ସିଦ୍ଧାର୍ଥ ଗୋଆରେ ଆତ୍ମହତ୍ୟା କରିଥିବା ପରିବାର ଲୋକଙ୍କୁ କୁହାଯାଇଥିଲା । ଖବର ପାଇବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି । ଗତ ୩ ବର୍ଷ ହେବ ସିଦ୍ଧାର୍ଥ ଗୋଆରେ ରହି ଏକ ହୋଟେଲରେ କାମ କରୁଥିଲେ। ଗତ ମାର୍ଚ୍ଚ ମାସରେ ସେ ଘରକୁ ଆସିଥିଲେ। ଏପ୍ରିଲ ୧ ତାରିଖରେ ଗୋଆ ଫେରି ଯାଇଥିଲେ । ଏକମାତ୍ର ପୁଅକୁ ହରାଇ ବାପାମା' ପାଗଳ ପ୍ରାୟ ହୋଇ ପଡ଼ିଛନ୍ତି।

# ଯୁବ ସଂଗଠକଙ୍କ ଅକାଳ ବିୟୋଗରେ ଶୋକ



**ଟାଙ୍ଗୀ-ଚୌଦ୍ୱାର, ୨୪।୯ (ସଂଚାର ବ୍ୟୁରୋ):** ଆଠଗଡ଼ ବ୍ଲକ ଅନ୍ତର୍ଗତ ଓରନ୍ଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଅଞ୍ଚଳର ଜଣାଶୁଣା ଯୁବ ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ(୫୬)ଙ୍କର ପରଲୋକ ହୋଇ ଯାଇଛି। ସେ ଗତ କିଛିଦିନ ହେଲା ହୃଦ୍‌ରୋଗରେ ପୀଡ଼ିତ ଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଚକ୍ଷୁଦାନ ପାଇଁ ସେ ପୂର୍ବରୁ ପ୍ରତିଶ୍ରୁତିବଦ୍ଧ ହୋଇଥିବାରୁ ପରିବାର ତରଫରୁ ବଡ଼ଡାକ୍ତରଖାନାରେ ତାଙ୍କ ଚକ୍ଷୁଦାନ କରାଯାଇଥିଲା। ସ୍ୱର୍ଗତ ବିଶ୍ୱାଳ ପ୍ରଥମେ ଜଲ୍ଲା ପରିଷଦ ସଦସ୍ୟ ଓ ପରେ ଓରନ୍ଦା ପଞ୍ଚାୟତର ସରପଞ୍ଚ ଭାବେ ଅଞ୍ଚଳର ବିକାଶ ଦିଗରେ ବହୁ ପଦକ୍ଷେପ ଗ୍ରହଣ କରି ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସାମଲଙ୍କ ଜ୍ୱାଇଁ ସ୍ୱର୍ଗତ ବିଶ୍ୱାଳ ଜଣେ ସୁଦକ୍ଷ ଯୁବ ସଂଗଠକ ଭାବେ ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ବହୁ ଜନ ହିତକର କାର୍ଯ୍ୟ କରିଯାଇଛନ୍ତି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କ ପୁତୁରା ଅଂଶୁମାନ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯିବା ସହିତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଓ ଯୁବଗୋଷ୍ଠୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜନ୍ମମାଟିରେ ରାଜନେତା ଚନ୍ଦ୍ରମଣି ସ୍ୱାଇଁଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ, ୨୪।୯ (ସଂଚାର ବ୍ୟୁରୋ):** କଟକ ସଦର ମହାନ୍ ରାଜନେତା ପୂର୍ବତନ ସରପଂଚ ସ୍ୱର୍ଗତ ଚନ୍ଦ୍ରମଣି ସ୍ୱାଇଁଙ୍କ ଏକାଦଶାହରେ ସର୍ବଦଳୀୟ 'ସ୍ମୃତିରେ ଚନ୍ଦ୍ରମଣି' ଶ୍ରଦ୍ଧାଞ୍ଜଳି ସଭା ସଦର ବ୍ଲକ କନ୍ଦରପୁରସ୍ଥ କମାପୁରରେ ଅନୁଷ୍ଠିତ ହୋଇଛି। ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ବରିଷ୍ଠ କଂଗ୍ରେସ ନେତା ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଇଂ.ଅରକ୍ଷିତ ଭୋଇ, ପୁଷ୍ପରାଜ ପ୍ରଧାନ, ମାନସ ରଞ୍ଜନ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରତ୍ନାକର ବେହେରା, ଉଗ୍ରସେନ ଭୂୟାଁ, ନିରଞ୍ଜନ ଲେଙ୍କା, ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ନାରୀନେତ୍ରୀ ପ୍ରତିଭା ଶତପଥୀ, ନିର୍ମଳ ଦାସ, ଯୋଗେନ୍ଦ୍ର ନାଥ ଭୋଇ, ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ବିଜେଡ଼ି ନେତା ପ୍ରଫୁଲ୍ଲ ସିଂହ,ରଜନୀକାନ୍ତ ସାହୁ, ସମର ବେହେରା,ପରମହଂସ ସରପଞ୍ଚ ଅଶୋକ ପାତ୍ର,ଆୟତପୁର ସରପଞ୍ଚ ରାକେଶ ବେହେରା, କାଳିନ୍ଦୀ ଚରଣ ସ୍ୱାଇଁ, ରଞ୍ଜିତ ପାତ୍ର, ସଦର ବିକାଶ ମଞ୍ଚ ସଭାପତି ସୁବୋଧ ବେହେରା, ଶୁଭାଶିଷ ଜେନାଙ୍କ ସମେତ ବହୁ ରାଜନେତା ଯୋଗଦେଇଥିଲେ।

# ଶିଶୁ ଓ ପ୍ରସୂତିଙ୍କୁ ନିମ୍ନମାନର ଛତୁଆ

## ୨୩ କୁଇଣ୍ଟାଲ ଗହମକୁ ୫୦ କେଜି ବୁଟ, ୫୦ କେଜି ବାଦାମ



**ରାଜନଗର, ୨୪।୯ (ସଂଚାର ବ୍ୟୁରୋ):** କୋମଳମତି ଶିଶୁ ଓ ପ୍ରସୂତି ଏବଂ ଗର୍ଭବତୀ ମା'ମାନଙ୍କ ଜୀବନ ସହ ଖେଳାଯାଉଛି। ପୃଷ୍ଟିକର ଛତୁଆ ବଦଳରେ ନିମ୍ନ ମାନର ଗୋରୁକୁଣ୍ଡକୁ ଯିବାଭଳି ଖାଦ୍ୟ ପ୍ରଦାନ କରାଯାଉଛି। ପୂର୍ବରୁ ଏ ନେଇ ଅଭିଯୋଗ ହୋଇ ଆସୁଥିବା ବେଳେ ଆଜି ତାର ପ୍ରମାଣ ମିଳିଛି। କେବଳ ଗହମକୁ ପେସି ଛତୁଆ ପ୍ରସ୍ତୁତ କରି ଦେବା ପାଇଁ ହୋଇଥିବା ଯୋଜନା ପଣ୍ଡ ହୋଇଛି। ଠିକ୍ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ଛତୁଆ ସେଂଟରରେ ପହଁଛି ଯିବାରୁ ସୁପରଭାଇଜର ସଫେଇ ଦେବା ସହ ବୁଟ ଓ ବାଦମ ନଥିବାରୁ ଆଜି ମିଶ୍ରଣ ହେଉନାହିଁ ବୋଲି କହିଛନ୍ତି।

ସରକାର ପୃଷ୍ଟିହୀନତା ଦୂର କରିବା ପାଇଁ ୬ମାସରୁ ୩ ବର୍ଷ ବୟସର ଶିଶୁଙ୍କୁ ସରକାର ଛତୁଆ ଓ ସୁଜି ପ୍ରତି ମାସରେ ଯୋଗାଇ ଦେଉଥିବା ବେଳେ ଗର୍ଭବତୀ ଓ ପ୍ରସୂତି ମାଆ ମାନଙ୍କୁ ଛତୁଆ, ଖସାଲଡ୍ଡୁ, ବାଦାମଲଡ୍ଡୁ, ମୁଢ଼ି, ସୋଲା, ଖଜୁରୀକୋଳି ଯୋଗାଇ ଦେଉଛନ୍ତି। ଶିଶୁମାନଙ୍କୁ ଅପପୃଷ୍ଟିରୁ ରୋକିବା ପାଇଁ ସରକାର ସୁଷମ ଓ ଉତମ ଖାଦ୍ୟ ଯୋଗାଇ ଦେଉଥିବା ବେଳେ ଶିଶୁଙ୍କ ପାଖରେ ଅତି ନିମ୍ନ ମାନର ଛତୁଆ ପହଁଚୁଛି। ଯାହାକି ଶିଶୁଙ୍କ ପେଟକୁ ଯିବା ପରିବର୍ତ୍ତେ ଏହି ଛତୁଆ ଗୋରୁକୁଣ୍ଡକୁ ଯାଉଛି।

ସରକାରଙ୍କ ନିୟମ ମୁତାବକ ପ୍ରତି ମାସର ୨୩ ତାରିଖ ଦିନ ଛତୁଆ ପ୍ରସ୍ତୁତ ପାଇଁ ପୂର୍ବରୁ ଭଜା ହୋଇଥିବା ଗହମ, ବୁଟ, ଚିନାବାଦାମ ସହିତ ଚିନି ମିଶ୍ରଣ କରାଯିବ। ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜରଙ୍କ ଉପସ୍ଥିତିରେ ସରକାରଙ୍କ ସାମଗ୍ରୀର ଅନୁପାତ ଅନୁଯାୟୀ ଓଜନ କରାଯାଇ ମିଶ୍ରଣ କରାଯିବ। ଏହି ମିଶ୍ରଣ ପକ୍ରିୟା ପରେ ଛତୁଆ ପ୍ରସ୍ତୁତ ହେବ ଓ ଏହାପରେ ଛତୁଆ ପ୍ୟାକେଟ କରାଯାଇ ବ୍ୟାଚ୍ ନଂ ଓ ପ୍ରସ୍ତୁତି ତାରିଖ ଲେଖାଯାଇ ପ୍ରତ୍ୟେକ ଅଙ୍ଗନୱାଡ଼ି କେନ୍ଦ୍ରରେ ଠିକାଦାର ପହଁଚାଇବେ। ମଲିଆବୁଦା ଠାରେ ଥିବା ମା'ବିଶାଳକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ଆଜି କେବଳ ଗହମରେ ଛତୁଆ ପ୍ରସ୍ତୁତ କରାଯିବା ପାଇଁ ସ୍ଥିର ହୋଇଥିଲା। ଗଣମାଧ୍ୟମ ପ୍ରତିନିଧି ପହଁଚିବା ପରେ ଏହି ମସୁଧା ପଣ୍ଡ ହୋଇଛି। ଏହି ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ୨୩ କୁଇଂଟାଲ ଗହମ ଭଜା ହୋଇ ରହିଥିବା ଦେଖାଇଥିଲେ। ଗହମ କୁଇଂଟାଲ ପିଛା ୨୦ କେଜି ବୁଟ ଓ ୧୫ କେଜି ବାଦାମ ମିଶ୍ରଣ କରାଯିବାର ସରକାରଙ୍କ ନିୟମ ରହିଛି ବୋଲି ସୁପରଭାଇଜର ବିଜୟାଲକ୍ଷ୍ମୀ ସ୍ୱାଇଁ କହିଥିଲେ। ମାତ୍ର ଆବଶ୍ୟକ ମୁତାବକ ବାଦାମ ଓ ବୁଟ ନଥିଲା। ୨୩ କୁଇଂଟାଲ ଗହମ ପାଇଁ ୪ କୁଇଂଟାଲ ୬୦ କେଜି ବୁଟ ଓ ୩ କୁଇଂଟାଲ ୪୫ କେଜି ବାଦାମ ପରିବର୍ତ୍ତେ ମାତ୍ର ୫୦ କେଜି ବୁଟ ଓ ୫୦ କେଜି ବାଦାମ ଛତୁଆ ପ୍ରସ୍ତୁତ କେନ୍ଦ୍ରରେ କେବଳ ସୋ ପାଇଁ ରଖାଯାଇଥିଲା। ୨୩ କୁଇଂଟାଲ ଗହମ ପାଇଁ ଆବଶ୍ୟକ ବୁଟ ଓ ବାଦାମ ଗୋଟିଏ ଜାଗାରେ ରଖିବାକୁ କହିବା ପରେ ସୁପରଭାଇଜର କଥା ଗୋଳାଇ ଆବଶ୍ୟକ ବୁଟ ଓ ବାଦାମ ନାହିଁ। ସେଥିପାଇଁ ଆଜି ମିଶ୍ରଣ ହେବ ନାହିଁ ବୋଲି କହିଥିଲେ।

ଯଦି ଆଜି ମିଶ୍ରଣ ହେବାର ନଥିଲା, ତେବେ ସୁପରଭାଇଜର ସେଠାକୁ ଯାଇଁ ଦୀର୍ଘ ସମୟ ଧରି ବସି ରହିଥିଲେ କାହିଁକି? ସବୁଠୁ ବଡକଥା ହେଲା ସାରା ଓଡ଼ିଶାରେ ଆଜି ଗୋଟିଏ ଦିନ ଅର୍ଥାତ୍ ପ୍ରତି ମାସ ୨୩ ତାରିଖ ଦିନ ଛତୁଆ ପ୍ରସ୍ତୁତ ପୂର୍ବରୁ ଗହମ, ବୁଟ, ବାଦାମ ଓ ଚିନି ତାର ପରିମାଣ ଅନୁଯାୟୀ ସୁପରଭାଇଜରଙ୍କ ଉପସ୍ଥିତିରେ ମିଶ୍ରଣ କରାଯାଇଥାଏ। ଆଜି ମିଶ୍ରଣ ପାଇଁ ସୁପରଭାଇଜର ପହଁଚିଥିଲେ ମଧ୍ୟ ଆମେ ପହଁଚିଯିବାରୁ ଧରାପଡ଼ିଯିବା ପରେ ଆଜି ମିଶ୍ରଣ ହେବ ନାହିଁ ବୋଲି ସଫେଇ ଦେଇଛନ୍ତି।

ସରକାରୀ ନିୟମ ମୁତାବକ ଗର୍ଭବତୀ ଓ ପ୍ରସୂତି ମହିଳାମାନଙ୍କୁ ୪ କିଲୋ ୪୧୦ ଗ୍ରାମର ଛତୁଆ ଯୋଗାଇ ଦିଆଯାଇଥାଏ। ଏଥିରେ ୩୦୬୨.୫ ଗ୍ରାମ ଗହମ, ୬୧୨.୫ ସୋଲା, ୪୫୯.୩୮ ଗ୍ରାମ ବାଦାମ, ୭୬୫.୬୩ ଗ୍ରାମ ଚିନି ମୋଟ ୪ କିଲୋ ୯ଶହ ଗ୍ରାମ ସାମଗ୍ରୀ ମିଶାଯାଇ ଛତୁଆ ପ୍ରସ୍ତୁତ ହେବ, ଯାହାର ଓଜନ ୪ କିଲୋ ୪୧୦ ଗ୍ରାମ ରହିବ। ୭ ମାସରୁ ୩ ବର୍ଷ ଯାଏଁ ଶିଶୁଙ୍କୁ ୧୫୩୧.୨୫ ଗ୍ରାମ ଗହମ, ୩୦୬.୨୫ ଗ୍ରାମ ସୋଲା, ୨୨୯.୬୯ ଗ୍ରାମ ବାଦାମ, ୩୮୨.୮୧ ଗ୍ରାମ ଚିନି ମୋଟ ୨ କିଲୋ ୪୫୦ ଗ୍ରାମ ସାମଗ୍ରୀ ମିଶାଯାଇ ଛତୁଆ ପ୍ରସ୍ତୁତ ହେବ। ଛତୁଆ ପ୍ରସ୍ତୁତ ପରେ ଏହାର ଓଜନ ୨ କିଲୋ ୨୦୫ ଗ୍ରାମ ରହିବ। ଛତୁଆ ପ୍ରସ୍ତୁତ କେନ୍ଦ୍ରରେ କେବଳ ଗହମ ସହିତ ଅଳ୍ପ କିଛି ଚିନି ମିଶାଇ ଛତୁଆ ପ୍ରସ୍ତୁତ କରି ଯୋଗାଣ କରାଯାଉଛି, ଯାହାକି ଶିଶୁ ଓ ଗର୍ଭବତୀ ମା'ଙ୍କ ପରିବର୍ତ୍ତେ ଅଧିକାଂଶ ସ୍ଥାନରେ ଗୋରୁ କୁଣ୍ଡକୁ ଯାଉଛି। ଏପରି ନିମ୍ନମାନର ଛତୁଆ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଉଥିବା ଓ ସରକାରଙ୍କ ନିୟମକୁ ଉଲଂଘନ କରି ଛତୁଆ ପ୍ରସ୍ତୁତ କରୁଥିବା ଠିକାସଂସ୍ଥା ଓ ସୁପରଭାଇଜରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହୋଇଛି।



## ୟୁକ୍ରେନ ରାଷ୍ଟ୍ରପତିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ୨୪।୯:** ନ୍ୟୁୟର୍କରେ 'ଭବିଷ୍ୟର ଶିଖର ସମ୍ମିଳନୀ' ଅବସରରେ ୨୩ ସେପ୍ଟେମ୍ବର ୨୦୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେଜସ୍କିଙ୍କ ସହ ବିପାକ୍ଷିକ ଆଲୋଚନା କରିଛନ୍ତି। ଦୁଇ ନେତା ନିକଟରେ ପ୍ରଧାନମନ୍ତ୍ରୀଙ୍କ ୟୁକ୍ରେନ ଗସ୍ତ ବିଷୟରେ ମନେ ପକାଇଥିଲେ ଏବଂ ଦୀର୍ଘଦିନର ତ୍ରିପାକ୍ଷିକ ସମ୍ପର୍କକୁ ନେଇ ସନ୍ତୋଷ ପ୍ରକାଶ କରିଥିଲେ। ୟୁକ୍ରେନର ସ୍ଥିତି ଏବଂ ଶାନ୍ତି ଆଡ଼କୁ ଅଗ୍ରସର ମଧ୍ୟ ଉଭୟଙ୍କ ଆଲୋଚନାରେ ଗୁରୁତ୍ୱ ପାଇଥିଲା। ସମସ୍ତ ଅଂଶୀଦାରଙ୍କ ମଧ୍ୟରେ କୂଟନୀତି ଓ ଆଲୋଚନା ମାଧ୍ୟମରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ସପକ୍ଷରେ ଭାରତର ସ୍ପଷ୍ଟ ଓ ଗଠନମୂଳକ ଆଭିମୁଖ୍ୟକୁ ପ୍ରଧାନମନ୍ତ୍ରୀ ଦୋହରାଇଥିଲେ। ବିବାଦର ସମାଧାନ ପାଇଁ ଭାରତ ତାହାର ପରିସରରେ ସମସ୍ତ ସହାୟତା ଯୋଗାଇବାକୁ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ ବାର୍ତ୍ତା ଦେଇଥିଲେ। ବିଗତ ତିନି ମାସ ମଧ୍ୟରେ ଏହା ଦୁଇ ନେତାଙ୍କ ମଧ୍ୟରେ ତୃତୀୟ ବୈଠକ। ନିୟମିତ ସମ୍ପର୍କରେ ରହିବାକୁ ଦୁଇ ନେତା ସହମତ ହୋଇଥିଲେ ।

### ୱାର୍ଲ୍ଡ ସ୍କିଲ କମ୍ପିଟେସନର ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

## ବିକଶିତ ଓଡ଼ିଶାର ପ୍ରକୃତ ସାରଥୀ ଆମ ଦକ୍ଷ ଯୁବ ଶକ୍ତି

**ଭୁବନେଶ୍ୱର, ୨୪।୯(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ୱାର୍ଲ୍ଡ ସ୍କିଲ କମ୍ପିଟେସନ୍ ରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ପାଇଥିବା ଅମରେଶ ସାହୁଙ୍କୁ ମୁଖ୍ୟମନ୍ତ୍ରୀ ୨୫ ଲକ୍ଷ ଟଙ୍କା ପୁରସ୍କାର ଦେଇଥିଲେ ଏବଂ ଗରୟବକ୍ଷକ୍ଷସକ୍ଟଭ ରକ୍ଟକ୍ସ ରଙ୍ଘମରକ୍ଷକ୍ଷରଭମର ପାଇଥିବା ଗେଡେଲା ଅଖିଲଙ୍କୁ ୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡିଶାର ପିଲାମାନଙ୍କ ଦକ୍ଷତା ବର୍ତ୍ତମାନ ବିଶ୍ୱର ଦୃଷ୍ଟିକୁ ଆସିପାରିଛି। ଆଗାମୀ ଦିନରେ ଓଡିଶାରେ ଦକ୍ଷତା ବିକାଶକୁ ଏକ ଆନ୍ଦୋଳନରେ ପରିଣତ କରାଯିବ।

ସେ କହିଥିଲେ ଯେ, ୨୦୩୬ ଓ ୨୦୪୭ କୁ ଦୃଷ୍ଟିରେ ରଖି ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଆମର କାର୍ଯ୍ୟକ୍ରମ ପ୍ରସ୍ତୁତ ହେଉଛି। ଆମର ଏହି ବିକଶିତ ଓଡ଼ିଶାର ପ୍ରକୃତ ସାରଥୀ ହେବେ ଆମର ଏହି ଦକ୍ଷ ଯୁବ ଶକ୍ତି। ଆମ ଯୁବ ଶକ୍ତି ହିଁ ଆମ ପରିଚୟ। ସେମାନେ ଆମ ପାଇଁ ନୂଆ କ୍ରାନ୍ତି। ସେମାନେ ହିଁ ଆମ ପାଇଁ ଅଖଣ୍ଡ ବିଶ୍ୱାସର ଆଧାର। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୁବ ଶକ୍ତିର ଦକ୍ଷତା ଆମର ଶକ୍ତି ଓ ଗୌରବ। ଆମର ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ ସ୍ତରରେ ଦକ୍ଷତାର ବିକାଶ ପାଇଁ ଆମର ଉଦ୍ୟମ ଜାରି ରହିବ।ଏହି ଅବସରରେ ପିଲାମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ସାରା ଦେଶର ୬୦ ଜଣ ପ୍ରତିଯୋଗୀମାନଙ୍କ ମଧ୍ୟରୁ କେବଳ ଓଡିଶାରୁ ୧୫ଜଣ ଭାଗ ନେବା ଏକ ବହୁତ ବଡ ସଫଳତା। ଓଡିଶାର ପିଲାମାନଙ୍କର ଦକ୍ଷତା ଉପରେ ଥିବା ଭରସାର ଏହା ହେଉଛି ଜ୍ୱଳନ୍ତ ପ୍ରମାଣ। ଏହା ଆମ ଦକ୍ଷତାର ନୂଆ ମାନଦଣ୍ଡ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଦକ୍ଷତା ବିକାଶ ପାଇଁ ଆମେ ରୋଡ ମ୍ୟାପ ପ୍ରସ୍ତୁତ କରିଛୁ। ଆମେ କେବଳ ସ୍ୱପ୍ନ ଦେଖେଇବାରେ ବିଶ୍ୱାସ ରଖୁନା, ବରଂ ବାସ୍ତବତାର ରୂପାୟନ କରିଥାଉ। ଏ ବର୍ଷ ବଜେଟରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା କ୍ଷେତ୍ରରେ କେବଳ ପ୍ରୋଗ୍ରାମ ଇମ୍ପ୍ଲିମେଣ୍ଟେସନ ପାଇଁ ୧୦୫୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଦକ୍ଷତା କ୍ଷେତ୍ରରେ ସି.ଏମ ଆସ୍ୱାୟାର ଯୋଜନା ସଂପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହାର ଲକ୍ଷ୍ୟ ହେଉଛି ଶିଳ୍ପ କ୍ଷେତ୍ରରେ ପିଲାଙ୍କୁ ନିଯୁକ୍ତି ଯୋଗ୍ୟ କରିବା। ଆଧୁନିକ ଶିଳ୍ପର ଚାହିଦା ଅନୁଯାୟୀ ପିଲାଙ୍କ ଦକ୍ଷତାର ବିକାଶ କରିବା। ଏବେ ନିକଟରେ ୪୫ ହଜାର କୋଟି ଟଙ୍କାର ୨୬ ଟି ଶିଳ୍ପ ସ୍ଥାପନ ପାଇଁ ମଞ୍ଜୁରି ଦେଇଛୁ। ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଦେଶର ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କ ମଧ୍ୟରୁ କେବଳ ୨୫ ପ୍ରତିଶତ ପ୍ରତିଯୋଗୀ ଓଡିଶାରୁ ହିଁ ଥିଲେ। ଓଡିଶାର ପିଲାମାନଙ୍କର ଦକ୍ଷତା ରହିଛି।

ଏହାକୁ ତୃଣମୂଳ ସ୍ତରକୁ ପ୍ରସାରିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଉଦ୍ୟମ ଆରମ୍ଭ କରାଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ଓଡିଶାର ପିଲାମାନଙ୍କର ଦକ୍ଷତାକୁ ପରିଚୟ ମିଳି ପାରିଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ. ରାଜପୁତ ସ୍ୱାଗତ ଭାଷଣ ଦେଇଥିଲେ ଓ ବିଭାଗର ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅମରେଶ ଓ ଅଖିଳ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ପ୍ରଶିକ୍ଷଣ ଅଭିଜ୍ଞତା ସଂପର୍କରେ ବର୍ଣ୍ଣନା କରିଥିଲେ।



## ଭାରତରେ ଆନିମେ ଓ ମାଙ୍ଗା ସଂସ୍କୃତି

### ଅର୍ଥବ୍ୟବସ୍ଥାକୁ ବଡ଼ ପ୍ରୋତ୍ସାହନ




**ନୂଆଦିଲ୍ଲୀ୨୪।୯:** ଭାରତରେ ଆନିମେ (ଜାପାନୀ ଆନିମେସନ୍) ଏବଂ ମାଙ୍ଗା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମିଡିଆ ଆଣ୍ଡ ଏଣ୍ଟରଟେନମେଣ୍ଟ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏମଇଏଆଇ) ସହଯୋଗରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବେ ୱେଭସ୍ ଆନିମେ ଏବଂ ମାଙ୍ଗା ପ୍ରତିଯୋଗିତା (ୱାମ୍!)ର ଶୁଭାରମ୍ଭ କରିଛି। ଏହି ଅଭିନବ ପ୍ରତିଯୋଗିତା 'କ୍ରିଏଟ ଇନ ଇଣ୍ଡିଆ ଚ୍ୟାଲେଞ୍ଜ' ର ଅଂଶବିଶେଷ, ଯାହାର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟ ଦର୍ଶକଙ୍କ ମଧ୍ୟରେ ଜାପାନୀ ମାଙ୍ଗା ଏବଂ ଆନିମେ ପ୍ରତି ବୃଦ୍ଧି ପାଉଥିବା ଆଗ୍ରହକୁ ଉପଯୋଗ କରିବା। କେନ୍ଦ୍ର ସୂଚନା ଏବଂ ପ୍ରସାରଣ, ରେଳବାଇ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ୨୨ ଅଗଷ୍ଟ, ୨୦୨୪ରେ ନୂଆଦିଲ୍ଲୀରେ କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜର ପ୍ରଥମ ସିଜନ୍ ର ଶୁଭାରମ୍ଭ କରିଥିଲେ। ୭୮ତମ ସ୍ୱାଧୀନତା ଦିବସ ଅଭିଭାଷଣ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ଭାରତରେ ଡିଜାଇନ୍, ବିଶ୍ୱ ପାଇଁ ଡିଜାଇନ୍" ଦୃଷ୍ଟିକୋଣ ଅନୁରୂପ ଏହି ଆହ୍ୱାନ ଆଗାମୀ ୱେଭସ୍ ସମ୍ମିଳନୀର ଅଗ୍ରଦୂତ ଭାବରେ କାର୍ଯ୍ୟ କରେ।

## ସୋଆ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଗ୍ରାମ ସଫେଇ



**ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ଆହୁତ ଦେଶବ୍ୟାପୀ ସଫେଇ କାର୍ଯ୍ୟକ୍ରମ 'ସ୍ୱଚ୍ଛତା ହି ସେବା' ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ୧୩୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସେପ୍ଟେମ୍ବର ୨୧ ତାରିଖ ଦିନ ରାଜଧାନୀ ଉପକଣ୍ଠ ଜାମୁଝରି ଗ୍ରାମ ଠାରେ ସଫେଇ କାର୍ଯ୍ୟକ୍ରମ ସମ୍ପାଦିତ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଛତାବର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମକୁ ସ୍ୱେଚ୍ଛାସେବୀ ମାନେ ସଫା କରିବା ସହ ପୋଖରୀ ଏବଂ ମନ୍ଦିର ପରିସରକୁ ମଧ୍ୟ ସଫା କରିଥିଲେ ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା ନେଇ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ସ୍ୱେଚ୍ଛାସେବୀମାନେ ଗ୍ରାମର ବିଭିନ୍ନ ସ୍ଥାନ ସମେତ ରାସ୍ତାଗୁଡ଼ିକୁ ସଫା କରିଥିଲେ। ସେହିପରି ପୋଖରୀରୁ ପ୍ରଦୂଷିତ ଏବଂ ବର୍ଜ୍ୟବସ୍ତୁ ଗୁଡ଼ିକୁ ବାହାର କରି ପୋଖରୀର ଜଳକୁ ସଫା କରିଥିଲେ। ସେହିପରି ପଥପ୍ରାନ୍ତ ନାଟକ ମଧ୍ୟ ପରିବେଷଣ କରାଯାଇଥିଲା। ସୋଆ ଏନ୍‌ଏସ୍‌ଏସ୍ ଶାଖାର ପ୍ରୋଗ୍ରାମ ଅଫିସର ଡଃ ଶ୍ୟାମଳେନ୍ଦୁ ତ୍ରିପାଠୀ, ଡକ୍ଟର କନକଲତା ଓଝା, ଡକ୍ଟର ରାକେଶ ରୋଶନ ଶତପଥୀ ଓ କୁମାର ସମ୍ଭବ ଗିରିଙ୍କ ସମେତ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ୪୯୫୪ କୋଟି ଟଙ୍କାର ୩୧ ପ୍ରକଳ୍ପକୁ ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ

**ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ):** ରାଜ୍ୟରେ ଆଉ ୪୯୫୪.୨୬କୋଟି ଟଙ୍କା ପୁଞ୍ଜିନିବେଶର ୩୧ଟି ଇନୋଭେଟିଭ୍ ପ୍ରକଳ୍ପକୁ ଆଜି ସିଙ୍ଗଲଓ୍ୱିଣ୍ଡୋ ମଞ୍ଜୁରୀ ମିଳିଛି । ୧୪ଟି ଜିଲ୍ଲାରେ ଏହି ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଅତିରିକ୍ତ ୨୪୧୬୨ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲଓ୍ୱିଣ୍ଡୋ ବୈଠକରେ ମେକାନିକାଲ ଓ ଇଲେକ୍ଟ୍ରିକାଲ କ୍ୟାପିଟାଲ ଗୁଡସ୍, ଫୁଡ୍ ପ୍ରୋସେସିଂ,ପ୍ୟାକେଜିଂ, ଟେକ୍ସଟାଇଲ, ବାୟୋଫୁଏଲ, ଗ୍ରୀନ୍ ଏନର୍ଜି ଉପକରଣ,ଷ୍ଟିଲ (ଡାଉନଷ୍ଟ୍ରିମ), ପ୍ଲାଷ୍ଟିକ, ଫୁଡ୍, ମୃଦୁପାନୀୟ, ଆଗ୍ରୋ ପ୍ରୋସେସିଂ, ଅକ୍ଷୟ ଶକ୍ତି, ଫାର୍ମାସ୍ୟୁଟିକାଲ, ପର୍ଯ୍ୟଟନ ଆଦି କ୍ଷେତ୍ରର ୩୧ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏହି ସବୁ ପ୍ରକଳ୍ପ ଖୋର୍ଦ୍ଧା, ସମ୍ବଲପୁର, ବରଗଡ଼, ସୋନପୁର, ଝାରସୁଗୁଡ଼ା, ଅନୁଗୁଳ, ଯାଜପୁର, ବାଲେଶ୍ୱର, କଟକ, ଭଦ୍ରକ, ରାୟଗଡ଼ା, ଢେଙ୍କାନାଳ, ପୁରୀ, କୋରାପୁଟ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ସ୍ଥାପନ ହେବ ।

## ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ



**ଭୁବନେଶ୍ୱର,୨୪।୯(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସଚିବସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ସହଯୋଗରେ ଜନକଲ୍ୟାଣକାରୀ 'ସୁଭଦ୍ରା' ଯୋଜନା ସଫଳତାର ସହିତ ଆରମ୍ଭ ହୋଇଥିବାରୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଥିଲେ। ରାଜ୍ୟ ସରକାରଙ୍କ ୧୦୦ ଦିନର କାର୍ଯ୍ୟ ସଫଳତା ମଧ୍ଯରେ ଯେଉଁ ସବୁ ଯୋଜନା ଏବଂ କାର୍ଯ୍ୟକ୍ରମ ଜାରି ରହିଛି, ସେସବୁକୁ ତ୍ୱରାନ୍ୱିତ କରି ବିଭାଗୀୟ କାର୍ଯ୍ୟ ପ୍ରଦର୍ଶନରେ ଅଧିକ ଉନ୍ନତି ଆଣିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ସଚିବମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଏଥି ସହିତ ମୁଖ୍ୟ ଶାସନ ସଚିବ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଭଲ ଭାବେ ବୁଝିବା ସହିତ ସେସବୁ ଦକ୍ଷତା ଏବଂ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛନ୍ତି । ବିଭିନ୍ନ ଯୋଜନାର କାର୍ଯ୍ୟକାରିତାରେ ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା, ସମସ୍ୟାର ସମାଧାନ, ଜନସାଧାରଣଙ୍କ ଠାରୁ ମତାମତ ସଂଗ୍ରହ ସହ ବିଭନ୍ନ ଅଂଚଳରେ ଜନସାଧାରଣଙ୍କର ପାନୀୟ ଜଳ, ରାସ୍ତା, ସ୍ୱାସ୍ଥ୍ୟସେବା ଭଳି ସର୍ବନିମ୍ନ ଆବଶ୍ୟକତାକୁ ପୂର୍ଣ୍ଣମାତ୍ରାରେ ଉପଲବ୍ଧ କରାଇବା ସୁନିଶ୍ଚିତ କରାଯିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

## ଇଭି ପ୍ରକଳ୍ପରୁ ଓହରିବନି ଜେଏସ୍‌ଡବ୍ଲ୍ୟୁ

### ସ୍ଥାନାନ୍ତର ନେଇ ସୂଚନା ଦିଆଯାଇ ନାହିଁ: ମନ୍ତ୍ରୀ







**ଭୁବନେଶ୍ୱର୨୪।୯ (ସଂଚାର ବ୍ୟୁରୋ):** ରାଜ୍ୟରୁ ଓହରିବନି ଜେଏସ୍‌ଡବ୍ଲ୍ୟୁ ଗ୍ରୁପର ଇଭି ଓ ବ୍ୟାଟେରୀ ପ୍ରୋଜେକ୍ଟ। ଏନେଇ ମଙ୍ଗଳବାର କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ଇକୋନୋମିକ୍ସ ଟାଇମ୍ସକୁ ସୂଚନା ଦେଇଛନ୍ତି। ସେହିପରି କମ୍ପାନୀ ଚାଲିଯିବା ନେଇ ମିଡିଆରେ ରିପୋର୍ଟ ପ୍ରକାଶ ପାଇବା ପରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଜେଏସ୍‌ଡବ୍ଲ୍ୟୁ ସହ ଆଲୋଚନା ଚାଲିଛି। ନିର୍ଣ୍ଣୟ ଆସିଲେ ଜଣାଯିବ। ସେମାନେ ଓଡ଼ିଶା ଛାଡ଼ିବା ସମ୍ପର୍କରେ ଫାଇନାଲ ହୋଇନାହିଁ। ନିବେଶକମାନେ ସେମାନଙ୍କ ମୁତାବକ ନିବେଶ କରନ୍ତି। ବିଭିନ୍ନ କାରଣ ପ୍ରକଳ୍ପ ବିଳମ୍ବ ହୁଏ। ଇଭି ଆରମ୍ଭରେ ମଧ୍ୟ ବିଳମ୍ବ ହୋଇଛି। ପୂର୍ବ ସରକାରରେ କ'ଣ ହେଇଛି ସେନେଇ ଆମେ କଥା ବାର୍ତ୍ତା କରିବୁ ବୋଲି ଶିଳ୍ପମନ୍ତ୍ରୀ କହିଛନ୍ତି।

୨୦୨୪ ଫେବୃଆରୀ ୧୦ ତାରିଖରେ ଜେଏସ୍‌ଡବ୍ଲ୍ୟୁ ଓଡ଼ିଶାରେ ୪୦ ହଜାର କୋଟି ଟଙ୍କା ବିନିମୟରେ ନରାଜଠାରେ ଏକ ଇଲେକ୍ଟ୍ରିକ ଗାଡ଼ି ଓ ବ୍ୟାଟେରି ନିର୍ମାଣକାରୀ କାରଖାନା ବସାଇବା ନେଇ ଚୁକ୍ତି କରିଥିଲା। କାମରେ ବିଳମ୍ବ ଯୋଗୁ କମ୍ପାନୀ ଏଠାରୁ ମହାରାଷ୍ଟ୍ରକୁ ଚାଲିଯିବ ବୋଲି ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏନେଇ ଜେଏସଡବ୍ଲ୍ୟୁର କର୍ପୋରେଟ୍ ଷ୍ଟ୍ରାଟେଜୀ କାର୍ଯ୍ୟକାରୀ ଉପାଧ୍ୟକ୍ଷ, ଅଫିସ୍ ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ରଞ୍ଜନ ନାୟକଙ୍କୁ ପ୍ରଶ୍ନ କରାଯାଇଥିଲା। ଜେଏସ୍‌ଡବ୍ଲ୍ୟୁ ଓଡ଼ିଶାରୁ ପ୍ରତ୍ୟାହାର ହେବ ନାହିଁ ବୋଲି ଶ୍ରୀ ନାୟକ କହିଥିଲେ। କମ୍ପାନୀର ଚୁକ୍ତି ଅନୁସାରେ, ଜେଏସଡବ୍ଲ୍ୟୁ କଟକ ନରାଜ ଠାରେ ୨୫ ହଜାର କୋଟି ବିନିମୟରେ ଇଲେକ୍ଟ୍ରିକ ଯାନ ଓ ଏହାର ବ୍ୟାଟେରୀ ତିଆରି ପାଇଁ ପ୍ଲାଣ୍ଟ ବସାଇବାକୁ ଯୋଜନା କରିଥିଲା। ସେହିପରି ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପରେ କମ୍ପାନୀ ୧୫ ହଜାର କୋଟି ଖର୍ଚ୍ଚରେ ଲିଥିୟମ ରିଫାଇନାରୀ ପ୍ଲାଣ୍ଟ ସହ ଇଲେକ୍ଟ୍ରିକ ପାୱାର ଷ୍ଟ୍ରେନ୍ ସମେତ ଅନ୍ୟାନ୍ୟ ଉପକରଣ ତିଆରି କରିବାକୁ ଯୋଜନା କରିଥିଲା।

ଶ୍ରୀ ସ୍ୱାଇଁ ଆହୁରି କହିଛନ୍ତି, ପୂର୍ବ ସରକାର ସମୟରେ ଚଳିତ ବର୍ଷ ଫେବୃଆରୀ ମାସରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ବି ସରକାର କମ୍ପାନୀକୁ ଜମି ଦେଇ ନଥିଲେ। ବର୍ତ୍ତମାନ ଆମେ କମ୍ପାନୀ ସହ କଥା ହୋଇ ପ୍ଲାଣ୍ଟ ବସାଇବାକୁ ଚେଷ୍ଟା କରୁଛୁ। କମ୍ପାନୀ ଓଡ଼ିଶାରୁ ସ୍ଥାନାନ୍ତର ହେବା ନେଇ ଆମକୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ପ୍ରୋଜେକ୍ଟ କାର୍ଯ୍ୟକାରୀରେ ବିଳମ୍ବ ହେଉଛି।

ଏଥିସହିତ ରାଜ୍ୟରେ ବିଜେପି ସରକାରର ୧୦୦ ଦିନ ପୂରା ହେବାର ସଫଳତା ବିଷୟରେ ମଧ୍ୟ କହିଥିଲେ ଶିଳ୍ପ ମନ୍ତ୍ରୀ। ନୂଆ ସରକାରର ପ୍ରଥମ ୧୦୦ ଦିନରେ ଆମେ କେମିକାଲ୍ସ, ସେମିକଣ୍ଡକ୍ଟର, ଷ୍ଟିଲ ପାଇପ ଆଦି ବିଭିନ୍ନ କ୍ଷେତ୍ରରେ ୪୫ ହଜାର କୋଟିର ନିବେଶ ଆକୃଷ୍ଟ କରିପାରିଛୁ। ରାଜ୍ୟର ନିରନ୍ତର ଶୀଳ୍ପକରଣକୁ ନେଇ ସରକାର ଗମ୍ଭୀର ଅଛନ୍ତି ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି।

## ବୟନ ମନ୍ତ୍ରଣାଳୟର ବ୍ୟାପକ ସ୍ୱଚ୍ଛତା ଅଭିଯାନ



**ନୂଆଦିଲ୍ଲୀ୨୪।୯:** ବୟନ ମନ୍ତ୍ରଣାଳୟ ଏହାର ବିଭିନ୍ନ ଅଧସ୍ତନ କର୍ମଚାରୀ, ସ୍ୱୟଂଶାସିତ ସଂସ୍ଥା ମାଧ୍ୟମରେ 'ସ୍ୱଚ୍ଛତା ହିଁ ସେବା ୨୦୨୪' ପାଳନ କରୁଛି । ଏହାର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା-ସଂସ୍କାର ସ୍ୱଚ୍ଛତା' । ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛ ଓ ସବୁଜ ଭାରତ ଲକ୍ଷ୍ୟରେ ପ୍ରୋତ୍ସାହିତ ହୋଇ ଦେଶବ୍ୟାପୀ ଚାଲିଥିବା ସ୍ୱଚ୍ଛତା ଅଭିଯାନ ଅଧୀନରେ ଏହା ଏକ ପଦକ୍ଷେପ ।

**ଭାରତୀୟ ଝୋଟ ନିଗମ**

ଭାରତୀୟ ଝୋଟ ନିଗମ (ଜେସିଆଇ)ର ନଗାଓଁସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ନଗାଓଁ ମହାନଗର ନିଗମରେ ସଫେଇ ମିତ୍ରଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଦୈନିକ ଜୀବନରେ ସ୍ୱଚ୍ଛତାକୁ ବଜାୟ ରଖିବା ଲାଗି ସଫେଇ କର୍ମଚାରୀମାନଙ୍କ ଉତ୍ସର୍ଗୀକୃତ ମନୋଭାବ ଓ କଠିନ ପରିଶ୍ରମର କୃତଜ୍ଞତା ସ୍ୱରୂପ ଏହି ପଦକ୍ଷେପ ନିଆଯାଇଛି ।

**ରାଷ୍ଟ୍ରୀୟ ଫେସନ ପ୍ରାଦ୍ୟୋଗିକୀ ସଂସ୍ଥାନ**

ସଫେଇ ଓ ସ୍ୱଚ୍ଛତା ବାବଦରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏନଆଇଏଫଏଟି କ୍ୟାମ୍ପସ୍‌ରେ ଷ୍ଟିଟ ପ୍ଲେ ନୁକ୍କଡ ନାଟକ ଏବଂ ରିଲ୍ ତିଆରି ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା । ସୁଭାବ ତା-ସଂସ୍କାର ସୁତା' ବିଷୟବସ୍ତୁ ଆଧାରରେ ଏଆଇଏଫଟି ଛାତ୍ରଛାତ୍ରୀମାନେ କ୍ୟାମ୍ପସରେ ଉତ୍ସାହ ଓ ଫୁର୍ତ୍ତିର ସହ ରଚନାତ୍ମକ ଓ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ । ସ୍ୱଚ୍ଛ ଓ ସବୁଜ ଭାରତ ଦିଗରେ ଏହା ଉଭୟ ଛାତ୍ରଛାତ୍ରୀ ଓ ଷ୍ଟାଫଙ୍କୁ ପ୍ରୋତ୍ସାହିତ କରିଥିଲା ।

**ବୟନ ମନ୍ତ୍ରଣାଳୟ ମୁଖ୍ୟାଳୟ**

ବୟନ ମନ୍ତ୍ରଣାଳୟ ମୁଖ୍ୟାଳୟରେ 'ସଫେଇ ମିତ୍ର-ସୁରକ୍ଷାଶିବିର' ବିଷୟବସ୍ତୁ ଉପରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବ୍ୟକ୍ତିଗତ ସ୍ୱଚ୍ଛତା ଓ ସୁରକ୍ଷାକୁ ପ୍ରୋତ୍ସାହିତ କରିବାକୁ ସଫେଇ କର୍ମଚାରୀମାନଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରାଯାଇଥିଲା । ସେମାନେ କାର୍ଯ୍ୟକ୍ଷେତ୍ର ଓ ସାଧାରଣ ସ୍ଥାନ ଗୁଡ଼ିକୁ ସଫଳ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏହି ପଦକ୍ଷେପ ନିଆଯାଇଛି ।

**ବୟନ କମିଟି**

ବୟନ କମିଟି ପକ୍ଷରୁ ଏକ ସାଇବର ସ୍ୱଚ୍ଛତା ଅଭିଯାନ ଏହାର ମୁଖ୍ୟାଳୟ ଏବଂ ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ କରାଯାଇଛି । ଏହି ଅଭିଯାନରେ ଆଣ୍ଟି ଭାଇରସ ସଫ୍ଟୱେର ଇନଷ୍ଟଲ କରାଯିବା ସହ କର୍ମଚାରୀମାନଙ୍କୁ ସାଇବର ସ୍ୱଚ୍ଛତା ବାବଦରେ ସଚେତନ କରିବାକୁ କର୍ମଶାଳା ଆୟୋଜନ କରାଯାଇଛି । କାର୍ଯ୍ୟକ୍ଷେତ୍ରର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣକୁ ଅନୁଧ୍ୟାନ କରିବାକୁ ଅଫିସରମାନେ ବିଭିନ୍ନ ଡିଭିଜନ ଓ ସେକ୍ସନ ଗସ୍ତ କରିଛନ୍ତି । ଏହି ପଦକ୍ଷେପ ଦ୍ୱାରା ଅଫିସ ସ୍ପେସ ମ୍ୟାନେଜମେଣ୍ଟ ଓ ଉତ୍ତମ ସାଇବର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇପାରିଛି ।

## ଏସଏଚଏସ ଅଭିଯାନର ସିଟିୟୁରେ ୨୫% ସ୍ୱଚ୍ଛତା ମାଇଲଖୁଣ୍ଟ ଛୁଇଁଲା



**ନୂଆଦିଲ୍ଲୀ,୨୪।୯:** ଏହା ଏସଏଚଏସ ୨୦୨୪ ଅଭିଯାନର ସପ୍ତମ ଦିବସ, ଯାହାର ଶୀର୍ଷକ ଥିଲା 'ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା' ଏବଂ ଏଥିରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହାସଲ ହୋଇସାରିଛି ! ଏହି ଅଭିଯାନ ଆରମ୍ଭ ହେବାର ମାତ୍ର ୭ ଦିନ ମଧ୍ୟରେ ଚିହ୍ନଟ ହୋଇଥିବା ସ୍ୱଚ୍ଛତା ଲକ୍ଷ୍ୟ ୟୁନିଟ୍ (ସିଟିୟୁ)ର ୨୫ ପ୍ରତିଶତକୁ ସ୍ୱଚ୍ଛ ସ୍ଥାନରେ ପରିଣତ କରି ସୌନ୍ଦର୍ଯ୍ୟକରଣ କରାଯାଇଛି। ସାରା ଦେଶରେ ସ୍ୱଚ୍ଛତା ଅଭିଯାନ ପାଇଁ ଅନ୍ଧାରୁଆ, ଗମନାଗମନ ନିମନ୍ତେ କଷ୍ଟକର ସ୍ଥାନ ଏବଂ ପରିତ୍ୟକ୍ତ ଅଞ୍ଚଳରେ ୫ ଲକ୍ଷରୁ ଅଧିକ ସିଟିୟୁ ପାଇଁ ଲକ୍ଷ୍ୟ ରଖାଯାଇଛି। ସ୍ୱଚ୍ଛ ଭାରତ ମିଶନ ଅର୍ବାନ୍ (ଏସବିଏମ୍ - ୟୁ) ସ୍ୱଚ୍ଛତାର ଏକ ବିଶେଷ ଦଶନ୍ଧି ପୂରଣ କରୁଥିବାବେଳେ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୨, ୨୦୨୪ ପର୍ଯ୍ୟନ୍ତ ଚାଲିଥିବା ଦୁଇ ସପ୍ତାହବ୍ୟାପୀ ଚାଲିଥିବା ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି ଏହି ପଦକ୍ଷେପ। ଏକ ପେଡ୍ ମା' କେ ନାମ' ଅଭିଯାନ ଅଧୀନରେ ଏପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ଗଛ ଲଗାଯାଇଛି। ଦୈନନ୍ଦିନ ଜୀବନର ପ୍ରତ୍ୟେକ ଦିଗରେ ସ୍ୱଚ୍ଛତା ପ୍ରତି ସେମାନଙ୍କର ସମର୍ପଣକୁ ଦୋହରାଇ ରାଜ୍ୟ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଗ୍ରାମ ପଞ୍ଚାୟତ, ଆସ୍ଥା ସଂଗଠନ, ଏନଜିଓ, ସିପିଏସୟୁ, କେନ୍ଦ୍ର ମନ୍ତ୍ରଣାଳୟ ଏବଂ ଅନ୍ୟାନ୍ୟ ରାଜ୍ୟ ସରକାର ମାନେ ଏକତା ହିଁ ସେବା ୨୦୨୪ ପାଇଁ କାର୍ଯ୍ୟ କରିଛନ୍ତି। ଦେଶବ୍ୟାପୀ ବୃଦ୍ଧି ପାଉଥିବା ଗତି ଏବଂ ସକ୍ରିୟ ଅଂଶଗ୍ରହଣ ଯୋଗୁଁ ତୃଣମୂଳ ସ୍ତରରେ ଏହାର ଦୃଶ୍ୟମାନ ପ୍ରଭାବ ଗୁରୁତ୍ୱପୂର୍ଣ୍ଣ। ଏହି ସାମୂହିକ ପ୍ରୟାସ କେବଳ ଅଭିଯାନକୁ ସୁଦୃଢ଼ କରେ ନାହିଁ ବରଂ ଆବର୍ଜନା ମୁକ୍ତ ସହର ପାଇଁ ଲକ୍ଷ୍ୟ ରଖି ସ୍ୱଚ୍ଛ ଭାରତ ମିଶନ ସହରାଞ୍ଚଳର ଲକ୍ଷ୍ୟକୁ ମଧ୍ୟ ଆଗକୁ ବଢ଼ାଇଥାଏ।

## ଶିକ୍ଷକ ନିଯୁକ୍ତି ଆଇନରେ ସଂଶୋଧନ ଜରୁରୀ




**ଭୁବନେଶ୍ୱର, ୨୪।୯:** ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଆଇନ୍‌ରେ ସଂଶୋଧନ ନଆଣିଲେ ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି, ଶିକ୍ଷକ ଓ ଅନ୍ୟାନ୍ୟ ପଦ ପଦବୀରେ ସ୍ଥାୟୀ ନିଯୁକ୍ତି ଦିଆଯାଇ ପାରିବନାହିଁ। ୨୦୨୦ ମସିହାରେ ରାଜ୍ୟ ସରକାର ବିଧାନସଭାରେ ବିଲ୍ ଆଣି ପ୍ରଣୟନ କରିଥିବା ଏହି ଆଇନର ବୈଧତା ଉପରେ ପ୍ରଶ୍ନ ଉଠାଇ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସୁପ୍ରିମ୍‌କୋର୍ଟରେ ଯେଉଁ ମାମଲା ରୁଜୁ କରିଛନ୍ତି ସେଥିଯୋଗୁଁ ଏଭଳି ଅନଶ୍ଚିତତା ଲାଗି ରହିଛି।

ଉଚ୍ଚଶିକ୍ଷା ବିଭାଗର ୧୭ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ଏବେ ୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି। ଚଳିତବର୍ଷ ଉତ୍କଳ, ରମାଦେବୀ, ଗଙ୍ଗାଧର ମେହେର ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଥିବାବେଳେ ୨୦୨୫ରେ ରେଭେନ୍ସା, ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ, ଫକୀରମୋହନ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କ କାର୍ଯ୍ୟକାଳ ସରିବ। ଏବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଥିବାବେଳେ ବାଲେଶ୍ୱରର ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଦାୟିତ୍ୱ ତୁଲାଉଛନ୍ତି। କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟ ଓ ଜୟପୁରର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଆରମ୍ଭ ହେବା ଦିନରୁ ଏପର୍ଯ୍ୟନ୍ତ ବିନା କୁଳପତିରେ ଚାଲିଛି। ଗୁଜୁରାଟର ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ସଂକ୍ରାନ୍ତରେ ସୁପ୍ରିମକୋର୍ଟ ଯେଉଁ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସେହି ଆଧାରରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ୍ କାଟ୍ ଖାଇଯିବାର ସମ୍ଭାବନା ଅଧିକ ରହିଛି। ଏ ପରିପ୍ରେକ୍ଷୀରେ ଘଟଣାର ସହଜ ଓ ସରଳ ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଚିଠି ଲେଖି ବିଶ୍ୱବିଦ୍ୟାଳୟ ଆଇନ୍‌ର ତୁରନ୍ତ ସଂଶୋଧନ କରି ସୁପ୍ରିମକୋର୍ଟରୁ ମାମଲା ପ୍ରତ୍ୟାହାର ପ୍ରକ୍ରିୟାକୁ ସୁଗମ କରିବାକୁ କହିଛନ୍ତି।

ଓଡ଼ିଶାରେ ବିଜେପି ସରକାର ପ୍ରତିଷ୍ଠା ହେବାପରେ ବିଧାନସଭାର ଦୁଇଟି ଅଧିବେଶନ ସରିଥିଲେ ମଧ୍ୟ ୨୦୨୦ର ବିଶ୍ୱବିଦ୍ୟାଳୟ ଆଇନ୍‌ରେ ସଂଶୋଧନ ପାଇଁ କୌଣସି ବିଲ୍ ଆସିନାହିଁ। ତେବେ ଆଇନ୍ ବିଶାରଦମାନେ କହୁଛନ୍ତି ଯେ ରାଜ୍ୟ ସରକାର ଚାହିଁଲେ ଅଧ୍ୟାଦେଶ ଆଣି ନୂଆ ଆଇନ୍‌କୁ ଅଚଳ କରିବା ସହ ପୁରୁଣା ଆଇନ୍ ଆଧାରରେ ବିଶ୍ୱବିଦ୍ୟାଳୟଗୁଡିକର କୁଳପତି, ଶିକ୍ଷକ ଓ ଅନ୍ୟାନ୍ୟ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିପାରିବେ।

ବିଶ୍ୱବିଦ୍ୟାଳୟଗୁଡିକର ବିଭିନ୍ନ ପଦ ପଦବୀରେ ନିଯୁକ୍ତି ଲାଗି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସାରା ଦେଶ ପାଇଁ ମାର୍ଗଦର୍ଶିକା ଜାରି କରିଥାଏ। ଏଥିରେ କୁଳପତି, ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ଆଦି ପଦବୀ ଲାଗି ଉପଯୁକ୍ତ ପ୍ରାର୍ଥୀ ଚୟନ ଏବଂ ନିଯୁକ୍ତି ପାଇଁ ଯେଉଁ ବ୍ୟବସ୍ଥା ରହିଛି ରାଜ୍ୟ ସରକାରଙ୍କ ୨୦୨୦ର ଆଇନ୍ ତାହାର ବିରୁଦ୍ଧାଚରଣ କରୁଛି। ଏହି ଆଇନ୍ ବଳରେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟଗୁଡିକ ଠାରୁ ଶିକ୍ଷକ ଚୟନ ଦାୟିତ୍ୱ କାଢି ଆଣି ରାଜ୍ୟ ଲୋକସେବା ଆୟୋଗ ଉପରେ ନ୍ୟସ୍ତ କରିଛନ୍ତି। ସେହିଭଳି କୁଳପତି ଚୟନ ଲାଗି ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହା ବିଶ୍ୱବିଦ୍ୟାଳୟଗୁଡିକର ସ୍ୱୟଂଶାସନ ଉପରେ ଆଞ୍ଚ ଆଣୁଥିବା ଘେନି ବିରୋଧିଦଳରେ ଥିବାବେଳେ ବିଜେପି ଅଭିଯୋଗ କରୁଥିଲା। ଏବେ ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ବିଶ୍ୱବିଦ୍ୟାଳୟଗୁଡିକରେ ୨୯୬୯ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ମଧ୍ୟରୁ ୨୧୫୩ଟି ଖାଲି ପଡ଼ିଥିବାବେଳେ ୧୯୧୧ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀରୁ ୧୧୮୭ଟି ଖାଲି ପଡ଼ିଛି। (ତଥ୍ୟ)

# ଇସ୍ରାଏଲ ଆକ୍ରମଣରେ ୫୫୮ ମୃତ



## ମୃତକଙ୍କ ମଧ୍ୟରେ ୫୦ ଜଣ ଶିଶୁ

**ବିରୁଟ, ୨୪।୯:** ଇସ୍ରାଏଲର ରକେଟ ମାଡ଼ରେ ହିଜବୁଲ୍ଲାର ବହୁ ଆଡ୍ଡା ଧ୍ୱଂସ ପାଇଥିବା ବେଳେ ୫୫୮ରୁ ଅଧିକ ପ୍ରାଣ ହରାଇଛନ୍ତି ଏବଂ ହଜାରେରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ସଂଖ୍ୟା ଆହୁରି ଅଧିକ ହେବ ବୋଲି ଆଶଙ୍କା କରାଯାଉଛି। ଇସ୍ରାଏଲ ଆକ୍ରମଣରେ ମୃତାହତଙ୍କ ମଧ୍ୟରେ ୫୦ ଜଣ ଛୋଟ ପିଲା ଓ ୯୪ ଜଣ ମହିଳା ରହିଛନ୍ତି। ଏବେ ବି ଇସ୍ରାଏଲର ଆକ୍ରମଣ ଜାରି ରହିଛି ଏବଂ ଆଗକୁ ଆକ୍ରମଣ ଆହୁରି ଶାଣିତ ହେବ ବୋଲି କୁହାଯାଉଛି। ଜବାବରେ ହିଜବୋଲ୍ଲା ପକ୍ଷରୁ ମଧ୍ୟ ଇସ୍ରାଏଲର ଅନେକ ସାମରିକ ଘାଟୀ ଏବଂ ରାଫେଲ ଫ୍ୟାକ୍ଟ୍ରି ଉପରେ ଆକ୍ରମଣ ହୋଇଛି। ଇସ୍ରାଏଲ ସେନା ପକ୍ଷରୁ ଲେବାନନ ଉପରେ ୫୦୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ୨୦୦୬ ପରେ ଲେବାନନ ଉପରେ ଇସ୍ରାଏଲର ଏହା ସବୁଠାରୁ ବଡ଼ ଆକ୍ରମଣ। ଏହି ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଆହୁରି ଜଟିଳ ହୋଇଛି। ଲେବାନନ ଉପରେ ଏହି ଆକ୍ରମଣର ଭୟଙ୍କର ପରିଣାମ ଇସ୍ରାଏଲକୁ ଭୋଗିବାକୁ ପଡ଼ିବ ବୋଲି ଇରାନ ଚେତାବନୀ ଦେଇଛି। ଋଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ମଧ୍ୟପ୍ରାଚ୍ୟ ପରିସ୍ଥିତି ନେଇ ଗଭୀର ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ଯୁଦ୍ଧ ବିରାମ ପାଇଁ ଉଭୟ ପକ୍ଷକୁ ଅନୁରୋଧ କରିଛନ୍ତି। ବିଳମ୍ବିତ ରାତିରେ ହେଜବୁଲ୍ଲା ରକେଟ ମାଡ଼ କରିବାରୁ ହୈଫା, ଅଫୁଲା, ନାଜାରେଥ ଓ ଅନ୍ୟ କିଛି ସମୟରେ ନିରବଚ୍ଛିନ୍ନ ଭାବେ ରକେଟ ସାଇରନ ବାଜି ଚାଲିଛି। ଇସ୍ରାଏଲର ଏକାଧିକ ମିଲିଟାରୀ ବେସ୍ ଓ ଏୟାର ଫିଲ୍ଡକୁ ଟାର୍ଗେଟ କରି ଏପରି ଆକ୍ରମଣ ହୋଇଥିବା ହେଜବୁଲ୍ଲା କହିଛି। କିନ୍ତୁ ଇସ୍ରାଏଲର ଏଥିରେ କ'ଣ ସବୁ କ୍ଷୟକ୍ଷତି ହୋଇଛି, ସେକଥା ଜଣାପଡ଼ିନି। ସୋମବା ଠାରୁ ଇସ୍ରାଏଲ ସେନା ଆକ୍ରମଣ ଆରମ୍ଭ କରି ଦେଇଥିବାରୁ ହଜାର ହଜାର ଲୋକ ଦକ୍ଷିଣ ଲେବାନନ ଛାଡ଼ି ରାଜଧାନୀ ବେରୁଟ ମୁହାଁ ହୋଇଛନ୍ତି। ସେମାନେ ଜୀବନ ବଞ୍ଚାଇବାକୁ ଏବେ ବେରୁଟ ଆଡ଼େ ଚାଲିଛନ୍ତି। ଏଥିଯୋଗୁ ରାସ୍ତାରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହୋଇଛି। ମିଶାଇଲ ଆକ୍ରମଣେ ଦକ୍ଷିଣ ଲେବାନନର ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଠାରେ ଥିବା ଅଧିକାଂଶ ଘର ମାଟିରେ ମିଶି ଯାଇଥିବା ବେଳେ ଧ୍ୱଂସାବଶେଷ ତଳୁ ଲୋକମାନେ ନିଜ ପ୍ରିୟଜନଙ୍କୁ ଖୋଜୁଛନ୍ତି। ଏକାଧିକ ପ୍ରତିଷ୍ଠାନ ମଧ୍ୟ ଇସ୍ରାଏଲ ଏୟାର ଷ୍ଟ୍ରାଇକରେ କ୍ଷତିଗ୍ରସ୍ତ ହୋଇଛି। ଚାରିଆଡ଼େ କେବଳ ଧୂଆଁ ଓ ଧ୍ୱଂସର ଭୟଙ୍କର ଚିତ୍ର ଦେଖିବାକୁ ମିଳୁଛି। ଏବେ ବି ହସ୍ପିଟାଲରେ ୨ ହଜାରରୁ ଅଧିକ ଲୋକ ଚିକିତ୍ସିତ ହେଉଛି। ତେଣୁ ଆଗକୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି।



### ସିଦ୍ଧରମୈୟାଙ୍କୁ ଝଟକା

## ରାଜ୍ୟପାଳଙ୍କ ଅନୁମତି ବିରୋଧରେ ପିଟିସନ ଖାରଜ

**ବେଙ୍ଗାଲୁରୁ, ୨୪।୯:** ଜମି ଆବଣ୍ଟନରେ ଦୁର୍ନୀତି ଅଭିଯୋଗରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୋଧରେ ମାମଲା ରୁଜୁ ନିମନ୍ତେ ରାଜ୍ୟପାଳଙ୍କ ଅନୁମତିକୁ ଚାଲେଞ୍ଜ କରି ମୁଖ୍ୟମନ୍ତ୍ରୀ ହାଇକୋର୍ଟରେ କରିଥିବା ଆବେଦନ ଖାରଜ ହୋଇଯାଇଛି। ଏହା ଫଳରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଶକ୍ତ ଝଟକା ଲାଗିଛି। ଏବେ ଲୋକପାଳ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରିବେ। ଏଥିପାଇଁ ସିଦ୍ଧରମୈୟାଙ୍କୁ ଇସ୍ତଫା ଦେବାକୁ ପଡ଼ିପାରେ। ଉଲ୍ଲେଖ ଯୋଗ୍ୟ ଯେ, ମୁଡା ଲ୍ୟାଣ୍ଡସ୍କାମରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ରାଜ୍ୟପାଳ ଥୱର ଚାନ୍ଦ ଗେହଲଟ ଏହାର ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ମୁଖ୍ୟମନ୍ତ୍ରୀ କର୍ଣ୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ପ୍ରଥମେ ଏହା ଉପରେ ସାମୟିକ ରହିତାଦେଶ ଦେଇଥିଲେ। ମଙ୍ଗଳବାର ମାମଲାର ଶୁଣାଣୀ ବେଳେ ହାଇକୋର୍ଟ କହିଛନ୍ତି ଯେ, ରାଜ୍ୟପାଳ ଯାହା ନିର୍ଦ୍ଦେଶ ଦେଇଛନ୍ତି ତାହା ଆଇନ ଏବଂ ସମ୍ବିଧାନ ସମ୍ମତ। ତେଣୁ ଏହାକୁ କୋର୍ଟ ସ୍ୱୀକୃତି ପ୍ରଦାନ କରୁଛନ୍ତି। ସିଦ୍ଧରମୈୟାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ରାଜ୍ୟପାଳଙ୍କ ଅନୁମତି ପ୍ରଦାନ ଉପରେ ଅତି କମରେ ଦୁଇ ସପ୍ତାହ ଲାଗି ରହିତାଦେଶ ବୃଦ୍ଧି କରିବାକୁ କୋର୍ଟରେ ନିବେଦନ କରିଥିଲେ। କିନ୍ତୁ କୋର୍ଟ ଏହାକୁ ଅଗ୍ରାହ୍ୟ କରିଥିଲେ।

ଜମି ଦୁର୍ନୀତି ଅଭିଯୋଗରେ ମାମଲା ରୁଜୁ ନିମନ୍ତେ ରାଜ୍ୟପାଳଙ୍କ ଅନୁମତି ଉପରେ ରହିତାଦେଶ ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଅଗ୍ରାହ୍ୟ କରିବା ପରେ ବିଜେପି ସିଦ୍ଧରମୈୟାଙ୍କ ଇସ୍ତଫା ଦାବି କରିଛି। ତେବେ ମୁଖ୍ୟମନ୍ତ୍ରୀ ଏହାକୁ ତାଙ୍କ ବିରୋଧରେ ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି ଅଭିହିତ କରିବା ସହ ଦିନେ ସତ୍ୟ ନିଶ୍ଚୟ ପଦାକୁ ଆସିବ ବୋଲି କହିଛନ୍ତି। କଂଗ୍ରେସ ଏହାକୁ ବିଜେପିର ଷଡ଼ଯନ୍ତ୍ର ଏବଂ ରାଜ୍ୟପାଳ ବିଜେପିର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରିଛି। ହାଇକୋର୍ଟଙ୍କ ନିଷ୍ପତ୍ତି ପରେ ଏବେ ତଳ କୋର୍ଟରେ ସିଦ୍ଧରମୈୟାଙ୍କ ବିରୋଧରେ ମାମଲା ଚାଲିବ।

## ଜାପାନରେ ଭୂମିକମ୍ପ ପରେ ସୁନାମୀ

**ଟୋକିଓ, ୨୪।୯:** ଜାପାନରେ ୫.୯ ତୀବ୍ରତାର ଭୂମିକମ୍ପ ପରେ ସୁନାମୀ ଆସିଛି। ତେବେ ଏହା ସେପରି ବଡ଼ ଧରଣର ହୋଇନାହିଁ। ତେଣୁ କ୍ଷୟକ୍ଷତିର କୌଣସି ଖବର ମିଳିନି। ଜାପାନର ଦୁଇଟି ରିମୋଟ ଆଇଲାଣ୍ଡ ଇଜୁ ଏବଂ ଓଗାସାୱାରା ଦ୍ୱୀପରେ ଏହି ସୁନାମୀର ପ୍ରଭାବ ପଡ଼ିଛି। ପ୍ରାୟ ୧ ମିଟର ଉଚ୍ଚତାରେ ସମୁଦ୍ର ଜୁଆର ଆସି ଉପକୂଳ ଅଞ୍ଚଳକୁ ଜଳପ୍ଲାବିତ କରିଛି। ତେବେ ସୁନାମୀ ଆଲର୍ଟ ଯୋଗୁ ଅନେକ ସମୁଦ୍ର କୂଳରୁ ଦୁରକୁ ଚାଲିଯାଇଥିଲେ। ନଚେତ ଅନେକ ଜୀବନ ହାନୀ ହେବାର ଆଶଙ୍କା ଥିଲା।

## ନର୍ସିଂ ଛାତ୍ରୀଙ୍କୁ ଅପହରଣ ପରେ ଗଣଦୁଷ୍କର୍ମ

**ଚେନ୍ନାଇ, ୨୪।୯:** ଦେଶରେ ଦିନକୁ ଦିନ ବଢ଼ି ଚାଲିଛି ଦୁଷ୍କର୍ମ ଘଟଣା। କୋଲକାତାର ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା ଏପର୍ଯ୍ୟନ୍ତ ଥମି ନଥିବା ବେଳେ ଏବେ ଆଉ ଏକ ଲଜ୍ଜାଜନକ ମାମଲା ସାମ୍ନାକୁ ଆସିଛି। ତାମିଲନାଡୁର ଜଣେ ନର୍ସିଂ ଛାତ୍ରୀଙ୍କୁ ଅପହରଣ ପରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ତାମିଲନାଡୁର ଡିଣ୍ଡିଗୁଲ ଜିଲ୍ଲାରେ କିଛି ଅଜ୍ଞାତ ବ୍ୟକ୍ତିଙ୍କ ଦ୍ୱାରା ଥେନିର ଜଣେ ନର୍ସିଂ ଛାତ୍ରୀଙ୍କୁ ଅପହରଣ ଓ ଗଣଦୁଷ୍କର୍ମ କରାଯାଇଥି ଅଭିଯୋଗ ହୋଇଛି। ଦୁଷ୍କର୍ମର ପରେ ଅଭିଯୁକ୍ତମାନେ ପୀଡିତାଙ୍କୁ ଡିଣ୍ଡିଗୁଲ ରେଳ ଷ୍ଟେସନ ନିକଟରେ ଛାଡି ଫେରାର ହୋଇଯାଇଛନ୍ତି। ଏନେଇ ଡିଣ୍ଡିଗୁଲ ଜିଲ୍ଲା ଅଧୀକ୍ଷକ ପ୍ରଦୀପ ସୂଚନା ଦେଇଛନ୍ତି। ଏହାପରେ ପୀଡିତା ଜଣକ ଆହତ ଅବସ୍ଥାରେ ପୁଲିସକୁ ସହାୟତା ମାଗିଥିଲେ। ପୁଲିସ କହିବା ମୁତାବକ, ପୀଡିତା ଜଣକ ହେଉଛନ୍ତି ଦ୍ୱିତୀୟ ବର୍ଷର ନର୍ସିଂ ଛାତ୍ରୀ। ସେ ସୋମବାର ବସ୍ ଯୋଗେ ନିଜ ଘରକୁ ଆସୁଥିଲେ। ଏହି ସମୟରେ କଳା ପୋଷାକ ପିନ୍ଧିଥିବା କେହି ଜଣେ ମହିଳା ତାଙ୍କ ପିଛା କରୁଥିବା ନେଇ ସେ ନିଜ ବାପାଙ୍କୁ ଫୋନ୍ କରି କହିଥିଲେ। ଏହାପରେ ତାଙ୍କ ଫୋନ୍ ଆଉ ଲାଗି ନଥିଲା। ଏନେଇ ତାଙ୍କ ବାପା ଚିନ୍ତିତ ହୋଇପଡିଥିଲେ। ପରେ ସେ ଥେନି ପୁଲିସ ଷ୍ଟେସନର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତମାନେ ନର୍ସି ଛାତ୍ରୀଙ୍କୁ ଷ୍ଟେସନଠାରୁ ପ୍ରାୟ ୫୦ କିଲୋମିଟର ଦୂରକୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ। ଏହାପରେ ତାଙ୍କ ଷ୍ଟେସନ ପାଖରେ ଛାଡି ଫେରାର ହୋଇଯାଇଛନ୍ତି। ପୀଡିତାଙ୍କୁ ଉଦ୍ଧାର କରାଯାଇ ଡିଣ୍ଡିଗୁଲ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ପୁଲୱାମା ଆଟାକର ଅଭିଯୁକ୍ତ ହାର୍ଟ ଆଟାକରେ ଆଖି ବୁଜିଲା

**ଶ୍ରୀନଗର, ୨୪।୯:** ଜମ୍ମୁ-କଶ୍ମୀରର ପୁଲୱାମାରେ ୫ ବର୍ଷ ତଳେ ହୋଇଥିବା ଭୟଙ୍କର ହମଲାର ଜଣେ ଅଭିଯୁକ୍ତ ହୃଦଘାତରେ ପ୍ରାଣ ହରାଇଛି। ତା' ନାଁ ବିଲାଲ ଅହମଦ। ୨୦୧୯ ଫେବୃଆରୀ ୧୪ରେ ସିଆରପିଏଫ ଯବାନଙ୍କ କନଭୟ ଉପରେ ହୋଇଥିବା ଭାରତ ଇତିହାସର ସବୁଠାରୁ ବଡ଼ ହମଲାରେ ଦାଖଲ ହୋଇଥିବା ଚାର୍ଜଶିଟରେ ୩୨ ବର୍ଷୀୟ ବିଲାଲର ନାଁ ରହିଥିଲା। ତେବେ ଜମ୍ମୁରେ ଥିବା ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ତା'ର ମୃତ୍ୟୁ ହୃଦଘାତ ଯୋଗୁ ହୋଇଛି। ପୁଲୱାମା ହମଲା ଘଟଣାରେ କାକପୋରାର ହାଜିବାଲ ଗାଁର ମୋଟ ୧୯ ଜଣଙ୍କ ନାଁରେ ଚାର୍ଜଫ୍ରେମ ହୋଇଥିଲା। ଏମାନଙ୍କ ମଧ୍ୟ ବିଲାଲ ଅନ୍ୟତମ। ବିଲାଲ ଓ ଅନ୍ୟ ଅଭିଯୁକ୍ତମାନେ ପୁଲୱାମା ହମଲାରେ ଆତଙ୍କବାଦୀକୁ ପୂରା ସହଯୋଗ କରିଥିଲେ।

### ପଞ୍ଜାବ ସରକାର ଶିକ୍ଷାନୀତିକୁ ସୁପ୍ରିମକୋର୍ଟଙ୍କ ସମାଲୋଚନା

## 'ଏନ୍‌ଆର୍‌ଆଇ କୋଟା ଏକ ଜାଲିଆତି'

**ନୂଆଦିଲ୍ଲୀ, ୨୪।୯:** ଏମବିବିଏସ ପାଠ୍ୟକ୍ରମରେ ନାମ ଲେଖାଇବାକୁ ପଞ୍ଜାବ ସରକାରଙ୍କ ଏନଆରଆଇ ସିଷ୍ଟମକୁ ସୁପ୍ରିମକୋର୍ଟ ସମାଲୋଚନା କରିବା ଏହାକୁ ଏକ ଜାଲିଆତି ଭାବେ ଅଭିହିତ କରିଛନ୍ତି। ଶିକ୍ଷା ନୀତି ନାମରେ ଏହା କ'ଣ ଚାଲିଛି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଗତ ଅଗଷ୍ଟ ୨୦ ତାରିଖରେ ପଞ୍ଜାବ ସରକାର ପ୍ରବାସୀ ଭାରତୀୟ (ଏନଆରଆଇ) ସଂଜ୍ଞାକୁ ସଂଶୋଧନ କରି ଏକ ନୂତନ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହା ବଳରେ ଏନଆରଆଇ କୋଟାରେ ଅଧିକ ଛାତ୍ରଛାତ୍ରୀ ,ମବିବିଏସ ପାଠ୍ୟକ୍ରମେର ନାମ ଲେଖାଇବାର ସୁଯୋଗ ପାଇପାରିବେ। ଏପରିକି ଏନଆଇଙ୍କ ନିକଟ ସମ୍ପର୍କୀୟ ମାନେ ମଧ୍ୟ ଏହି ବ୍ୟବସ୍ଥାର ଫାଇଦା ନେଇପାରିବେ। କିନ୍ତୁ ପଞ୍ଜାବ ଓ ହରିୟାନା ହାଇକୋର୍ଟ ପଞ୍ଜାବ ସରକାରଙ୍କ ଏହି ବିଜ୍ଞପ୍ତିକୁ ରଦ୍ଦ କରିଥିଲେ। ଏହା ଦ୍ୱାରା କୋଟା ବ୍ୟବସ୍ଥାର ଦୁରୂପଯୋଗ ହେବ ବୋଲି ହାଇକୋର୍ଟ କହିଥିଲେ। ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ପଞ୍ଜାବ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣୀ ବେଳେ ପଞ୍ଜାବ ସରକାରଙ୍କ ପକ୍ଷରୁ କାଉନସେଲ କହିଥିଲେ ଯେ, ହିମାଚଳ ପ୍ରଦେଶ ଏବଂ ଉତ୍ତରପ୍ରଦେଶ ସରକାରଙ୍କ ,ନଆରଆଇ କୋଟାର ସଂଜ୍ଞା ସମ୍ପର୍କରେ ଉଲ୍ଲେଖ କରି ଏହା ପଞ୍ଜାବ ସରକାରଙ୍କ କୋଟା ସିଷ୍ଟମ ସହ ସମାନ ବୋଲି କହିଥିଲେ। ଏଥିରେ ବିରକ୍ତି ପ୍ରକାଶ କରି ପ୍ରଧାନ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୁଡ଼ କହିଥିଲେ ଯେ, ଏନଆରଆଇଙ୍କ ନିକଟ ସମ୍ପର୍କୀୟମାନେ ଏହି କୋଟା ବ୍ୟବସ୍ଥାର ସୁଯୋଗ ନେବାର ଯଥାର୍ଥତା ନାହିଁ। ଜଷ୍ଟିସ ଜେ ବି ପାର୍ଡିୱାଲା କହିଥିଲେ ଯେ, ଏହି କୋଟାରେ ଯେଉଁମାନେ ଏମବିବିଏସ ପାଠ୍ୟକ୍ରମରେ ନାମ ଲେଖାଇଚନ୍ତି ସେମାନଙ୍କଠାରୁ ୩ଗୁଣ ଅଧିକ ମାର୍କ ପାଇଥିବା ଛାତ୍ରଛାତ୍ରୀମାନେ ଏହି ସୁଯୋଗ ପାଇ ନାହାଁନ୍ତି। ଏହା ଶିକ୍ଷା ବ୍ୟବସ୍ଥାର ମଜାକ ବୋଲି ସେ କହିଥିଲେ। ଯେଉଁମାନେ ଏହି କୋଟାରେ ନାମ ଲେକାଇଛନ୍ତି ସେମାନେ ସମସ୍ତେ ଭାରତରେ ରହୁଛନ୍ତି। ସେମାନଙ୍କ ସମ୍ପର୍କୀୟ କେବଳ ବିଦେଶରେ ରହୁଛନ୍ତି। ଏହା ସଂରକ୍ଷଣ ବ୍ୟବସ୍ଥାର ଦୁରୂପଯୋଗ ଲାଗି ରାସ୍ତା ଉନ୍ମୁକ୍ତ କରିଛି ବୋଲି ସେ କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ୧୮୫ଟି ଏମବିବିଏସ ଏବଂ ବିଡିଏସ ପାଠ୍ୟକ୍ରମ ସିଟ ଏନଆରଆଇଙ୍କ ପାଇଁ ସଂରକ୍ଷିତ ରହିଛି।

## ରେଷ୍ଟୁରାଣ୍ଟ ଓ ଖାଦ୍ୟକୁ ନେଇ କଡ଼ା ନିର୍ଦ୍ଦେଶ ଦେଲେ ଯୋଗୀ ଆଦିତ୍ୟନାଥ

**ଲକ୍ଷ୍ନୌ, ୨୪।୯:** ଆନ୍ଧ୍ରପ୍ରଦେଶର ତିରୁପତି ବାଲାଜୀ ମନ୍ଦିର ପ୍ରସାଦ ଲଡୁରେ ଅପମିଶ୍ରିତ ମାମଲା ସାମ୍ନାକୁ ଆସିବା ପରେ ଏହାକୁ ନେଇ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି। ଏହାରି ଭିତରେ ଆଲର୍ଟ ମୁଡ୍‌କୁ ଆସିଛନ୍ତି ଉତ୍ତରପ୍ରଦେଶ ସରକାର। ଢ଼ାବା, ରେଷ୍ଟୁରାଣ୍ଟ ଓ

### ତିରୁପତି ଲଡୁ ବିବାଦ

ଖାଦ୍ୟ ସାମଗ୍ରୀକୁ ନେଇ ସେ ଜାରି କରିଛନ୍ତି ନୂଆ ଫରମାନ। ରେଷ୍ଟୁରାଣ୍ଟ, ଢ଼ାବା ଓ ଖାଦ୍ୟପେୟରେ ଅପମିଶ୍ରିତ ରୋକିବା ପାଇଁ ନୂଆ ଗାଇଡ୍‌ଲାଇନ୍ ଜାରି କରିଛନ୍ତି ଯୋଗୀ ସରକାର। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି ଯେ ଜୁସ୍, ଡାଲି ଏବଂ ରୁଟି ଭଳି ଖାଦ୍ୟ ପଦାର୍ଥରେ ମାନବ ବର୍ଜ୍ୟବସ୍ତୁ ମିଶ୍ରଣ କରିବା ସବୁଠାରୁ ଘୃଣ୍ୟ। ଏସବୁ ଗ୍ରହଣୀୟ ନୁହେଁ। ଢ଼ାବା/ରେଷ୍ଟୁରାଣ୍ଟ ଇତ୍ୟାଦି ଖାଇବା ପ୍ରତିଷ୍ଠାନଗୁଡ଼ିକର ଭେରିଫିକେସନ ହେବ। ପ୍ରତ୍ୟେକ କର୍ମଚାରୀଙ୍କ ପୁଲିସ ଯାଞ୍ଚ ହେବ। ଖାଦ୍ୟ ସାମଗ୍ରୀର ଶୁଦ୍ଧତା ଏବଂ



ପବିତ୍ରତା ନିଶ୍ଚିତ କରିବାକୁ ଖାଦ୍ୟ ନିରାପତ୍ତା ଏବଂ ମାନକ ଅଧିନିୟମରେ ଆବଶ୍ୟକୀୟ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯୋଗୀ ସରକାରଙ୍କ ନୂଆ ଗାଇଡ୍‌ଲାଇନ୍ ଅନୁଯାୟୀ, ଏଣିକି ସମସ୍ତ ହୋଟେଲ, ଢ଼ାବା ଓ ରେଷ୍ଟୁରାଣ୍ଟରେ ଅପରେଟର, ମାଲିକ, ପରିଚାଳକଙ୍କ ନାମ ଏବଂ ଠିକଣା ଡିସ୍‌ପ୍ଲେ କରିବା ବାଧ୍ୟତାମୂଳକ ହେବ। ରୋଷେୟା କିମ୍ବା ହୁଅନ୍ତୁ ୱେଟର, ସମସ୍ତଙ୍କୁ ମାସ୍କ ଏବଂ ଗ୍ଲୋବସ୍ ପିନ୍ଧିବାକୁ ପଡିବ। ଏଥିରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ।

ହୋଟେଲ/ରେଷ୍ଟୁରାଣ୍ଟରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ। ଯଦି କେହି ଖାଦ୍ୟପଦାର୍ଥ ବର୍ଜ୍ୟବସ୍ତୁ କିମ୍ବା ଅନ୍ୟାନ୍ୟ ମଇଳା ଜିନିଷ ମିଶାଇବାକୁ ଚେଷ୍ଟା କରନ୍ତି ତେବେ ଉକ୍ତ ବ୍ୟକ୍ତିଙ୍କ ସମେତ ଅପରେଟର/ମାଲିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖାଦ୍ୟପେୟ କେନ୍ଦ୍ର ତଥା ରେଷ୍ଟୁରାଣ୍ଟ ଓ ଢ଼ାବାଗୁଡ଼ିକରେ ସଫାସୁତୁରା ରହିବା ଉଚିତ୍ ବୋଲି ଯୋଗୀ ସରକାର ନିର୍ଦ୍ଦେଶ ଦେଇଛନ୍ତି।

## ପାର୍ବଣ ପୂର୍ବରୁ ସେନ୍‌ସେକ୍ସର ସର୍ବକାଳୀନ ରେକର୍ଡ

**ମୁମ୍ବାଇ, ୨୪।୯:** ପାର୍ବଣ ପୂର୍ବରୁ ସେୟାର ବଜାରରେ ଜବରଦସ୍ତ ଉତ୍ସାହ। ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଲା ସେନସେକ୍ସ। ପ୍ରଥମ ଥର ୮୫ ହଜାର ପାର କରିଛି। ସେହିପରି ନିଫଟି ଉପରମୁହାଁ ହୋଇଛି। ନିଫଟି ୨୬ ହଜାର ପଏଣ୍ଟ ସୂଚକାଙ୍କ ଛୁଇଁଛି।

ଆଜି କାରବାର ଆରମ୍ଭରୁ ଷ୍ଟକ ମାର୍କେଟରେ ବମ୍ପର ଉତ୍ସାହ ଦେଖିବାକୁ ମିଳିଛି। ୮୪ ହଜାର ୭୮୭ ପଏଣ୍ଟରୁ କାରବାର ଆରମ୍ଭ ହୋଇଥିଲା। ପରେ ଏହା ପାର୍ କରିଥିଲା ୮୫ ହଜାର ମାର୍କ। ସକାଳ ୯.୫୫ରେ, ସେନସେକ୍ସ ପ୍ରାୟ ୯୦ ପଏଣ୍ଟ ହାସଲ କରି ୮୫,୦୧୭ ପଏଣ୍ଟରେ କାରବାର କରିଛି। ସେନସେକ୍ସ ପ୍ରଥମ ଥର ପାଇଁ ୮୫ ହଜାର ମାର୍କ ଅତିକ୍ରମ କରିବାରେ ସଫଳ ହୋଇଛି। ଏନ୍‌ଏସ୍‌ଇର ନିଫ୍ଟି ୫୦ ଇଣ୍ଡେକ୍ସ ପ୍ରାୟ ୩୩ ପଏଣ୍ଟ ହାସଲ କରି ୨୫,୯୭୫ ପଏଣ୍ଟ ନିକଟରେ ରହିଛି।

### ଉପରମୁହାଁ ନିଫ୍ଟି

ଏହାପୂର୍ବରୁ ଘରୋଇ ଷ୍ଟକ ବଜାର ସୋମବାର ଏକ ଭଲ ଆରମ୍ଭ କରିଥିଲା। ସୋମବାର, ସେନସେକ୍ସ ୩୮୪.୩୦ ପଏଣ୍ଟ (୦.୪୫ ପ୍ରତିଶତ) ବୃଦ୍ଧି ସହିତ ୮୪,୯୨୮.୬୧ ପଏଣ୍ଟରେ ବନ୍ଦ ହୋଇଥିଲା। କହିରଖୁ ଯେ, ଗତ ୧୨ ଦିନ ଭିତରେ ସେନସେକ୍ସ ୮୦ହଜାରରୁ ୮୫ ହଜାର ଛୁଇଁଛି। ଚାରି ଦିନ ତଳେ ୮୪ ହଜାର ପାର କରିଥିଲା।

## ପୁଣି ଟ୍ରେନ୍ ଦୁର୍ଘଟଣା, ଲାଇନ୍‌ଚ୍ୟୁତ ହେଲା ୫ ବଗି

**କୋଲକାତା, ୨୪।୯:** ପୁଣି ଟ୍ରେନ୍ ଦୁର୍ଘଟଣା। ଲାଇନ୍‌ଚ୍ୟୁତ ହେଲା ମାଲବାହୀ ଟ୍ରେନ୍। ଆଜି ସକାଳୁ ପଶ୍ଚିମବଙ୍ଗ ଜଳପାଇଗୁଡିର ମୟନାଗୁଡି ଷ୍ଟେସନରେ ଘଟିଛି ଏହି ଘଟଣା। ଗୁଡ୍‌ସ୍ ଟ୍ରେନ୍‌ର ୫ଟି ବଗି ଲାଇନଚ୍ୟୁତ ହୋଇଛି। ଆଜି ସକାଳ ସାଢ଼େ ୬ଟାରେ ଆଲିପୁରଦାର ଡିଭିଜନର ନୂଆ ମୟନାଗୁଡି ଷ୍ଟେସନରେ ଏକ ମାଲବାହୀ ଟ୍ରେନ୍‌ର ୫ଟି ଓ୍ୱାଗନ୍ ଲାଇନ୍‌ଚ୍ୟୁତ ହୋଇଛି। ଏହି କାରଣରୁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅନ୍ୟ ଟ୍ରେନ ଗୁଡିକ ଷ୍ଟେସନରେ ଅଟକି ରହିଛି। ତେବେ ସୌଭାଗ୍ୟବଶତଃ ଏସମସ୍ତ ଓ୍ୱାଗନ ଖାଲି ଥିଲା। ସେପଟେ ଏହି ଘଟଣାରେ ଷ୍ଟେସନର ଜଳ ଯୋଗାଣ ପାଇପଲାଇନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଟ୍ରେନ୍ ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ରେଳ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମ୍ପ୍ରତି ମରାମତି କାମ ଚାଲିଛି। ଏହି ରୁଟ୍ ଦେଇ ଯାଉଥିବା ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅନେକ ଟ୍ରେନ୍‌ର ଗତିକୁ ପରିବର୍ତ୍ତନ କରାଯାଇଛି। ଖୁବଶୀଘ୍ର ମରାମତି କାମ ସରିବ ବୋଲି ରେଳ ଅଧିକାରୀମାନେ କହିଛନ୍ତି।

## ୧୦ ମାସର ଝିଅକୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

**ଗାନ୍ଧୀନଗର, ୨୪।୯:** ଥମିବାର ନାଁ ନେଉନି ଦୁଷ୍କର୍ମ ପରି ଅପରାଧିକ ଘଟଣା। କଠୋର ଆଇନ ପ୍ରଣୟନ ସତ୍ତ୍ୱେ ପିଶାଚଙ୍କ ପାଶବୀୟ କାଣ୍ଡରେ ବ୍ରେକ୍ ଲାଗିପାରୁନି। ଏହି ପରିପ୍ରେକ୍ଷୀରେ ଗୁଜରାଟର ଏକ ୧୦ ମାସର ଝିଅକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ଆସିଛି। ଘର ଅଗଣାରେ ଖେଳୁଥିବା ସମୟରେ ଜଣେ ୩୦ ବର୍ଷର ଯୁବକ ତାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିଛି। ପୁଲିସ ଏହି ମାମଲାରେ ଅଭିଯୁକ୍ତକୁ ଗିରଫ କରି ଅଧିକ ତଦନ୍ତ କରୁଛି।

ପୁଲିସ ସୂଚନାନୁସାରେ, ଝିଅଟିର ମାଆ ଏକ ରେଷ୍ଟୁରାଣ୍ଟରେ କାମ କରନ୍ତି। ଅଭିଯୁକ୍ତ ଦୀପକ କୁମାର ଲାଲବାବୁ ସିଂହ ତାଙ୍କ ପରିବାର ବର୍ଗଙ୍କ ସହ ପରିଚିତ। ସେ ଅନେକ ସମୟରେ ତାଙ୍କ ଘରକୁ ଯା'ଆସ କରନ୍ତି। ଗତ ରବିବାର ମଧ୍ୟ ତାଙ୍କ ଘରକୁ ଆସିଥିଲେ। ଏହି ସମୟରେ ଝିଅଟି ଘର ଅଗଣାରେ ଖେଳୁଥିବା ଦେଖି ସେଠାରୁ ତାଙ୍କୁ ଉଠାଇ ନେଇ କିଛି ବାଟ ଦୂରରେ ଦୁଷ୍କର୍ମ କରିଥିଲେ। ଝିଅଟିର କାନ୍ଦ ଶୁଣି ତାଙ୍କ ଜେଜେମା ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଝିଅଟି ଶରୀରରୁ ରକ୍ତସ୍ରାବ ହୋଇ ଥିବାବେଳେ ଶରୀରରେ ଅନେକ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତକୁ କାବୁ କରି ଥାନାରେ ଜିମା ଦେଇଛନ୍ତି। ସେପଟେ ଝିଅଟିର ମାଆ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି ଅଧିକ ତଦନ୍ତ କରୁଛି। ତାଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତା ସମେତ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରିଛି।

ତେବେ କଠୋର ଆଇନ ପ୍ରଣୟନ ସତ୍ତ୍ୱେ ଦୁଷ୍କର୍ମ ପରି ଜଘନ୍ୟ କାଣ୍ଡ ଥମିବାର ନାଁ ନେଉନି। ଛୋଟ ଛୁଆଙ୍କ ପ୍ରତି ଏପରି ପାଶବୀୟ ବ୍ୟବହାର ନିଶ୍ଚିତ ରୂପେ ଚିନ୍ତାଜନକ। ନିକଟରେ ଗୁଜରାଟରେ ମଧ୍ୟ ଜଣେ ପ୍ରଥମ ଶ୍ରେଣୀର ଛାତ୍ରୀଙ୍କୁ ପ୍ରିନ୍ସିପାଲ ଦୁଷ୍କର୍ମ ଉଦ୍ୟମ କରିବା ସମୟରେ ସେ ପାଟି କରିବାରୁ ତା ତଣ୍ଟିଚିପି ହତ୍ୟା କରିଥିବା ଖବର ସାମ୍ନାକୁ ଆସିଥିଲା।

## ପୋଲିସ୍ ଗୁଳିରେ ଗ୍ୟାଙ୍ଗଷ୍ଟର 'ସିଜିଂ ରାଜା' ନିହତ

### 'ମାଷ୍ଟର' ସିନେମା ଭଳି ଘଟାଉଥିଲା ଅପରାଧ

**ନୂଆଦିଲ୍ଲୀ, ୨୪।୯:** ଅଭିନେତା ବିଜୟଙ୍କ ସୁପରହିଟ ସିନେମା ମାଷ୍ଟର(୨୦୨୧) କଥା ସମସ୍ତଙ୍କର ମନେଥିବ। ଏହି ସିନେମାରେ ଗ୍ୟାଙ୍ଗଷ୍ଟରମାନେ କେମିତି ଅପରାଧ ଓ କୌଣସି ମାମଲାରେ ଆତ୍ମସମର୍ପଣ କରିବା ପାଇଁ ନାବାଳକମାନଙ୍କୁ ବ୍ୟବହାର କରନ୍ତି, ତା'ର ଦୃଶ୍ୟ ରହିଛି। ନାବାଳକଙ୍କୁ ବ୍ୟବହାର କରିବାର ଦୁଇଟି ଉଦ୍ଦେଶ୍ୟ- ଗୋଟିଏ ହେଲା ମୁଖ୍ୟ ଅପରାଧୀକୁ ଆଇନ ସ୍ପର୍ଶ କରିପାରିବ ନାହିଁ, ଦ୍ୱିତୀୟ ହେଲା- ଅପରାଧ ଯେତେ ବଡ଼ ହୋଇଥିଲେ ହେଁ ନାବଳକଙ୍କୁ ସର୍ବାଧିକ ୩ ବର୍ଷ ହିଁ ଜେଲଦଣ୍ଡ ମିଳିବାର ପ୍ରାବଧାନ ରହିଛି। ସୋମବାର ତାମିଲନାଡୁ ପୁଲିସ୍ ଗୁଳିରେ ପ୍ରାଣ ହରାଇଥିବା ଏନ ସିଜିଂ ରାଜା ମଧ୍ୟ ସମାନ ଷ୍ଟାଇଲରେ ଅପରାଧ ଘଟାଉଥିଲା। ଦୀର୍ଘ ବର୍ଷ ଧରି ଅପରାଧ ଦୁନିଆରେ ସକ୍ରିୟ ଥିବା ରାଜା ଏଯାଏ ପୁଲିସ୍ ଆଖିରେ ଧୂଳି ଦେବାକୁ ସକ୍ଷମ ହୋଇଥିଲା। ହେଲେ ସୋମବାର ତା'ର ସବୁ ଖେଳରେ ପୁଲିସ ପୂର୍ଣ୍ଣଚ୍ଛେଦ ଟାଣିଛି। ଫିଟନେଶ ଓ କରାଟେ ମାଷ୍ଟର ରାଜା ଅଧୀନରେ ପ୍ରାୟ ୩୦୦ ଜଣ ନାବଳକ ରହିବା ସହ ଅପରାଧ ଘଟାଇବାର ତାଲିମ ନେଉଥିଲେ। ରାଜା କେମିତି ଅପରାଧ ଦୁନିଆରେ ସକ୍ରିୟ ଥିଲା, ସେସମ୍ପର୍କରେ ଗୋଟିଏ ଉଦାହରଣ ଜଣେ ପୁଲିସ୍ ଅଧିକାରୀ ଦେଇଛନ୍ତି।

ଅଧିକାରୀ ଜଣଙ୍କ କହିଛନ୍ତି, ମାର୍ଚ୍ଚ ମାସରେ ପାଡାପ୍ପି ଠାରେ ଡିଏମକେର ୟୁନିୟନ ସଚିବ ଅର୍ବାବୁଧାନଙ୍କ ହତ୍ୟା ହୋଇଥିଲା। ପୁଲିସ୍ ଘଟଣାର ତଦନ୍ତ କରି ଘଟଣା ଦିନ ସ୍କୁଲ ୟୁନିଫର୍ମରେ ସେଠାରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ଜଣେ ସ୍କୁଲ ପିଲାକୁ ଚିହ୍ନଟ କରିଥିଲା। କିଛି ଦିନ ପରେ ଉକ୍ତ ନାବାଳିକା ଓ ତା'ର ୪ ଜଣ ସାଥୀ ହତ୍ୟା ଘଟଣାରେ ସତ୍ୟମଙ୍ଗଲ କୋର୍ଟରେ ଆତ୍ମସମର୍ପଣ କରିଥିଲେ ବୋଲି ଅଧିକାରୀ ଜଣଙ୍କ କହିଛନ୍ତି। ୯ମ ଯାଏ ପଢ଼ିଥିବା ଜଣେ ଲୋକ କେମିତି ସିଜିଂ ରାଜା ହେଲା? ଏହାର ଉତ୍ତରରେ ପୁଲିସ୍ କହିଛି ଯେ ୧୯୯୦ରେ ସେ ଜଣେ ଋଣ ଅସୁଲକାରୀ ଭାବେ କାମ କରୁଥିଲା। ଋଣ ପୈଠ କରିପାରୁ ନଥିବା ଲୋକଙ୍କୁ ଠାବ କରିବା ଓ ସେମାନଙ୍କ ଗାଡ଼ିକୁ ସିଜ କରିବା କାମରେ ରାଜା ରହିଥିଲା। ଏହି କାମ କରୁଥିବା ବେଳେ ରାଜା ଗଣ୍ଡଗୋଳ କରିବା ଆରମ୍ଭ କରିଥିଲା ଓ ଗୋଟିଏ ହତ୍ୟା ମାମଲାରେ ଫସିଥିଲା। ତା' ମେଣ୍ଟୋର ହେଉଛି ୭୨ ବର୍ଷୀୟ ମାର୍କେଟ ଶିବା। ସେ ଏକଦା ଅପରାଧ ଦୁନିଆରେ ସକ୍ରିୟ ଥିଲା। କିନ୍ତୁ ଏବେ ସେ ଅପରାଧ ଦୁନିଆରୁ ଦୂରେଇ ଯାଇଛି। ମାର୍କେଟ ଶିବାର ଅପରାଧ କାର୍ଯ୍ୟକଳାପକୁ ପାଡାପ୍ପି ଗୁନା, ରାଜା ଓ ଆଉ କିଛି ଯୁବକ ଆଗକୁ ନେଇଥିଲେ। ଗୁନା ଉପକଣ୍ଠରେ କାର୍ଯ୍ୟ କରୁଥିବା ବେଳେ ରାଜା ନାବାଳକାଙ୍କୁ ନେଇ ଗୋଟିଏ ଟିମ ଗଠନ କରିଥିଲେ। ହତ୍ୟା ହିଁ ଏହାର ଫୋକସରେ ରହିଥିଲା। ଏହାବାଦ ହତ୍ୟା ଉଦ୍ୟମ ଓ ବଟି ଆଦାୟ ମଧ୍ୟ କରୁଥିଲା। କିନ୍ତୁ ଅଧିକାଂଶ ସମୟରେ ସେ ଘଟଣା ସ୍ଥଳକୁ ଯାଉ ନଥିଲା। ହତ୍ୟାର ସବୁ ଯୋଜନା ସେ କରୁଥିଲା। ରାଜା ନାବାଳକମାନଙ୍କୁ ସ୍ୱତନ୍ତ୍ର ଭାବେ ତାଲିମ ଦେଇ ଅପରାଧ ଘଟାଉଥିଲା। ଅପରାଧ ଘଟାଇବା କିମ୍ବା ଆତ୍ମସମର୍ପଣ କରିବା ପୂର୍ବରୁ ନାବାଳକମାନଙ୍କୁ ଏହା ଉପରେ ରାଜା ନିଜେ ହିଁ ତାଲିମ ଦେଉଥିଲା। ପୁଲିସ୍‌ର କହିବା କଥା ଯେ ରାଜାର ୪ଟି ପରିବାର। ସମସ୍ତଙ୍କୁ ସେ ସ୍ୱତନ୍ତ୍ର ସ୍ଥାନରେ ରଖିଛି। ରବିବାର ତା'କୁ ଆନ୍ଧ୍ର ପ୍ରଦେଶର ରାଜାମପେଟ ସ୍ଥିତ ଘରକୁ ଗିରଫ କରାଯାଇଛି। ଏଠାରେ ସେ ତା'ର ଝାନସୀ ନାମକ ପତ୍ନୀ ପାଖରେ ରହୁଥିଲା। ଝାନସୀ ବ୍ୟତୀତ ତା'ର ଆଉ ୩ ଜଣ ପତ୍ନୀ ରହିଛନ୍ତି। ଆନ୍ଧ୍ରରୁ ରାଜାକୁ ଗିରଫ କରିବା ପରେ ଚେନ୍ନାଇ ଅଣାଯାଇଥିଲା। ସୋମବାର ଚେନ୍ନାର ଇଷ୍ଟ କୋଷ୍ଟ ରୋଡରେ ଥିବା ଗୋଟିଏ ପରତ୍ୟକ୍ତ ସ୍ଥାନରେ ସେ ଲୁଚାଇ ରଖିବା ଅସ୍ତ୍ରଶସ୍ତ୍ରକୁ ଜବତ କରିବା ପାଇଁ ପୁଲିସ୍ ତା'କୁ ନେଇଥିଲା। ହେଲେ ସେଠାରେ ପୁଲିସ୍‌କୁ ଚକମା ଦେଇ ଖସି ଯିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ହୋଇଥିବା ଗୁଳି ବିନିମୟରେ ରାଜାର ମୃତ୍ୟୁ ହୋଇଛି।



# ଚେସ୍ ଅଲମ୍ପିଆଡ୍‌ରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ

**ନୂଆଦିଲ୍ଲୀ, ୨୪।୯(ସଂଚାର ବ୍ୟୁରୋ):** ଭାରତୀୟ ମହିଳା ଓ ପୁରୁଷ ଦଳ ପ୍ରଥମଥର ପାଇଁ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଏଥିପାଇଁ ଦେଶର ଚେସ୍ ମହଲରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷର ଶେଷ ଭାଗରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବାକୁ ଯାଉଥିବା ଡି. ଗୁକେଶ ଭାରତୀୟ ପୁରୁଷ ଦଳର ନେତୃତ୍ୱ ନେଇ ଅତି ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ଅପରାଜେୟ ରହି ଦଳଗତ ସ୍ୱର୍ଣ୍ଣ ସହ ବ୍ୟକ୍ତିଗତ

## ଚମତ୍କାର ଅନୁଭବ, ସ୍ୱପ୍ନ ସାକାର ହୋଇଛି




ଟପ୍ ବୋର୍ଡରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। 'ଏହା ଏକ ଚମତ୍କାର ଅନୁଭବ, ସ୍ୱପ୍ନ ସାକାର ହୋଇଛି' ବୋଲି ପ୍ରକାଶ କରିଛନ୍ତି ଗୁକେଶ।

୧୮ ବର୍ଷୀୟ ଗୁକେଶ ଚେସ୍ ଇତିହାସରେ ସର୍ବକନିଷ୍ଠ ପ୍ରତିଯୋଗୀଭାବେ ଆଗାମୀ ନଭେମ୍ବରରେ ଚାଇନାର ଡିଙ୍ଗ ଲିରେନଙ୍କୁ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ଚ୍ୟାଲେଞ୍ଜ ଦେବେ। 'ମୁଁ ଏବେ ଅତ୍ୟନ୍ତ ଖୁସି' ବୋଲି ରବିବାର ଅଲିମ୍ପିଆଡ୍‌ର ଶେଷ ରାଉଣ୍ଡରେ ଜିଆଣ୍ଟ-କିଲର ସ୍ଲୋଭେନିଆର ଭ୍ଲାଡିମିର ଫେଡୋସିଭଙ୍କୁ ହରାଇବା ପରେ ପ୍ରକାଶ କରିଥିଲେ ଗୁକେଶ। ୧୦ ଗେମ୍ ଖେଳି ୯ ପଏଣ୍ଟ ହାସଲ କରିଥିଲେ ଗୁକେଶ। ଏହା ମଧ୍ୟରେ ୮ ବିଜୟ ଓ ୨ ଡ୍ର ସାମିଲ ଥିଲା। ତାଙ୍କର ଏହି ପ୍ରଦର୍ଶନ ଭାରତକୁ ସମ୍ଭାବ୍ୟ ୨୨ରୁ ୨୧ ପଏଣ୍ଟ ହାସଲ କରିବାରେ ବିଶେଷ ସହାୟକ ହୋଇଥିଲା। ଗତ ଅଲିମ୍ପିଆଡ୍ ବିଜେତା ଉଜବେକିସ୍ତାନ ବିପକ୍ଷରେ କେବଳ ଭାରତୀୟ ପୁରୁଷ ଦଳ ଡ୍ର ରଖିଥିଲା। "ବ୍ୟକ୍ତିଗତଭାବେ ଏହା ମୋ ପାଇଁ ଏବଂ ଦଳ ଲାଗି ଏକ ସୁନ୍ଦର ଅନୁଭବ। ସ୍ୱପ୍ନ ସାକାର ହୋଇଛି" ବୋଲି ଅଲିମ୍ପିଆଡ୍‌ର ଅନ୍ତିମ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଗୁକେଶ। ପୁରୁଷ ଦଳର ସଫଳତାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ବୋର୍ଡ-୩ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଅର୍ଜୁନ ଇରିଗାସି ପୂରା ୧୧ଟି ମ୍ୟାଚ ଖେଳି ୧୦ ପଏଣ୍ଟ ହାସଲ କରିଥିଲେ। ଲାଇଭ୍ ଓ୍ୱାଲର୍ଡ ର୍‍ୟାଙ୍କିଙ୍ଗ୍‌ରେ ସେ ଏବେ ନରଓ୍ୱେର ମ୍ୟାଗ୍ନସ କାର୍ଲସେନ ଓ ଆମେରିକାର ହିକାରୁ ନାକାମୁରାଙ୍କ ପଛକୁ ୩ ନମ୍ବର ସ୍ଥାନ ହାସଲ କରିଛନ୍ତି। ବର୍ତ୍ତମାନ ୨୭୯୭ ରେଟିଂ ପଏଣ୍ଟରେ ଥିବା ଅର୍ଜୁନ ମ୍ୟାଜିକ୍ ୨୮୦୦ ରେଟିଂ ସ୍ପର୍ଶ କରିବାଠାରୁ ମାତ୍ର ୩ ପଏଣ୍ଟ ଦୂରରେ ରହିଛନ୍ତି। ର୍‍ୟାଙ୍କିଙ୍ଗ୍‌ର ଦ୍ୱିତୀୟ ସ୍ଥାନରେ ଥିବା ନାକାମୁରାଙ୍କଠାରୁ ସେ ମାତ୍ର ୫ ପଏଣ୍ଟ ପଛରେ ଅଛନ୍ତି। ମାତ୍ର କାର୍ଲସେନ ୨୮୩୦ ପଏଣ୍ଟ ସହ ବହୁ ଆଗରେ ରହିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୩ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଥିଲେ ମଧ୍ୟ ସେ ଏହାକୁ ସେତେ ଗୁରୁତ୍ୱ ଦେଉ ନାହାନ୍ତି। "ଏହା ଏକ ସୁନ୍ଦର ଅନୁଭବ, ମାତ୍ର ୧୦ରୁ ୧୫ ସମାନ ଦକ୍ଷତାସମ୍ପନ୍ନ ଖେଳାଳି ରହିଛନ୍ତି। ତେଣୁ ୩ ନମ୍ବର ହେଉ କି ୪ ର୍‍ୟାଙ୍କିଙ୍ଗ୍ ସମ୍ପର୍କରେ ମୁଁ ବିଶେଷ କିଛି ଭାବୁନି" ବୋଲି ସେ ପ୍ରକାଶ କରିଛନ୍ତି। ଅର୍ଜୁନ ଭାରତୀୟ ଦଳର ସବୁଠାରୁ ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳି ହୋଇଥିଲେ ମଧ୍ୟ ଟପ୍ ବୋର୍ଡରେ ନ ଖେଳି କାହିଁକି ୩ ନମ୍ବର ବୋର୍ଡରେ ଖେଳିଥିଲେ ତାହାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ରହିଛି। ମାତ୍ର ଏହା ଦଳୀୟ ରଣନୀତିର ଅଂଶବିଶେଷ ଥିଲା ବୋଲି ଇରିଗାସି ସ୍ପଷ୍ଟ କରିଛନ୍ତି। "ଆମେ ଭାବିଲୁ ଗୁକେଶ ବୋର୍ଡ-୧ରେ ଭଲ ଖେଳିବେ ଏବଂ ମୁଁ ବୋର୍ଡ-୩ରେ ପ୍ରଭାବୀ ରହିପାରିବି। ଏହା କିନ୍ତୁ ବଢ଼ିଆ କାମଦେଲା ସେଥିପାଇଁ ଅନୁଶୋଚନା ନାହିଁ" ବୋଲି ସେ କହିଛନ୍ତି।

ଉଭୟ ଗୁକେଶ ଓ ଇରିଗାସି ଶ୍ରେଷ୍ଠ ପ୍ରଦର୍ଶନ କରି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଆଉ ଜଣେ ଭାରତୀୟ ଖେଳାଳି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ସେ ହେଉଛନ୍ତି ଭିଡିଥ ସନ୍ତୋଷ ଗୁଜରାଠି। ଗୁଜରାଠି ୧୦ ଗେମ୍ ଖେଳି ୭.୫ ପଏଣ୍ଟ ହାସଲ କରିଥିଲେ। ମାତ୍ର ପରଫର୍ମାନ୍ସ ରେଟିଂରେ ବୋର୍ଡ-୪ରେ ୪ ନମ୍ବର ସ୍ଥାନରେ ରହି ଯାଇଥିଲେ। ଆର. ପ୍ରଜ୍ଞାନନ୍ଦଙ୍କ ପ୍ରଦର୍ଶନ ଯଦିଓ ଆଶାନୁରୂପ ହୋଇ ନ ଥିଲା ତେବେ ପରଫେକ୍ଟ ଆଙ୍କର ଭୂମିକା ନିର୍ବାହ କରିଥିଲେ। ବିଶେଷ କରି ୯ମ ଗେମ୍ ପର୍ଯ୍ୟନ୍ତ ଦଳକୁ ସ୍ଥିର ପୋଜିଶନରେ ରଖିବାରେ ସେ ବଡ଼ ଦାୟିତ୍ୱ ତୁଲାଇଥିଲେ। ପୂରା ଟୁର୍ନାମେଣ୍ଟରେ ସେ ଏକମାତ୍ର ଆମେରିକାର ଓ୍ୱେସଲି ସୋ'ଙ୍କଠାରୁ ହାରିଥିଲେ। ମାତ୍ର ପରବର୍ତ୍ତୀ ଗେମ୍‌ରେ ବିଜୟୀ ହୋଇ ଭାରତକୁ ସ୍ୱର୍ଣ୍ଣ ବିଜେତା କରିବାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଏହି ଯୁବ ଖେଳାଳିଙ୍କ ଦକ୍ଷତାକୁ ପ୍ରତିପାଦିତ କରୁଛି।

ଟିମ୍ କ୍ୟାପ୍‌ଟେନ ଏନ. ଶ୍ରୀନାଥ ସ୍ୱାଭାବିକଭାବେ ଉଲ୍ଲସିତ ହୋଇଛନ୍ତି। "ସମସ୍ତ ଖେଳାଳି ପେସାଦାର ହୋଇଥିବାରୁ ସେମାନଙ୍କୁ ବିଶେଷ ପରାମର୍ଶ ଦେବା ଆବଶ୍ୟକ ପଡ଼ି ନ ଥିଲା। କ'ଣ କରିବାକୁ ଆବଶ୍ୟକ ସେମାନେ ଭଲଭାବେ ଜାଣିଥିଲେ। କେବଳ ସେମାନଙ୍କୁ ଏକାଠି କରି କେତେକ ଅଭ୍ୟାସ କରାଇବା ଏବଂ ସେମାନଙ୍କ ପଛରେ ଛିଡ଼ାହୋଇ ଖେଳକୁ ଅନୁଧ୍ୟାନ କରିବାକୁ ପଡ଼ିଥିଲା" ବୋଲି ଶ୍ରୀନାଥ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ସୋମବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ପ୍ରକୃତ ସେଲିବ୍ରେଶନ କିଛିଦିନ ମଧ୍ୟରେ ଅନୁଷ୍ଠିତ ହେବ। ତେବେ ବିଶ୍ୱରେ ଯେ ଭାରତ ଏବେ ଚେସ୍‌ର ପାଓ୍ୱାର ହାଉସ ଏଥିରେ କୌଣସି ଦ୍ୱିଧା ନ ଥିବା ଏହି ଅଲିମ୍ପିଆଡ୍‌ରୁ ପ୍ରମାଣ ମିଳିଛି। ରବିବାର ଟିମ୍ ବୈଠକ ହୋଇଥିଲା। ଆମେ ଏବେ ସେଲିବ୍ରେଶନ ମୁଡ୍‌ରେ ଅଛୁ। ଆମେ ଯଦି ଅନ୍ତିମ ମ୍ୟାଚ ହାରିଥାନ୍ତୁ ଟାଇବ୍ରେକ୍‌ର ସୁଯୋଗ ଥିଲା। ମାତ୍ର ଆମେ ବିଜୟୀ ହେବାକୁ ଚେଷ୍ଟା କରିଥିଲୁ। ଖୁସି ଲାଗୁଛି ଯେ ମୁଁ ଏବଂ ଅର୍ଜୁନ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିପାରିଲୁ। ଆମେ ଏବେ ରିଲାକ୍ସ ଅନୁଭବ କରୁଛୁ" ବୋଲି ଗୁକେଶ କହିଛନ୍ତି। ଭାରତୀୟ ପୁରୁଷ ଦଳ ପୂର୍ବରୁ ୨୦୧୪ ଓ ୨୦୨୨ରେ ଦୁଇଥର ବ୍ରୋଞ୍ଜ ପଦକ ହାସଲ କରିଥିଲା। ଚେସ୍ ଅଲିମ୍ପିଆଡ୍‌ରେ ଏହା ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଥିଲା।

# ଭାରତଠାରୁ କିଛି ଶିଖିବାକୁ ପିସିବିକୁ ପରାମର୍ଶ ଦେଲେ ପାକ୍ କ୍ରିକେଟର୍

**ଇସଲାମାବାଦ୍,୨୪।୯:** ପାକିସ୍ତାନ କ୍ରିକେଟ ଦିନକୁ ଦିନ ତଳସ୍ତରକୁ ଯାଉଛି। ୨୦୨୪ ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପରେ ପାକିସ୍ତାନକୁ ପ୍ରଥମ ଥର ପାଇଁ ଟୁର୍ନାମେଣ୍ଟରେ ଭାଗ ନେଉଥିବା ଆମେରିକା ବିପକ୍ଷରେ ପରାଜୟର ସାମ୍ନା କରିବାକୁ ପଡିଥିଲା। ନିକଟରେ ବାଂଲାଦେଶ ପାକିସ୍ତାନ ମାଟିରେ ଅନୁଷ୍ଠିତ ୨ ମ୍ୟାଚ ଟେଷ୍ଟ ସିରିଜରେ ପାକିସ୍ତାନକୁ ୨-୦ରେ ପରାସ୍ତ କରିଥିଲା। ଏବେ ଏହି ଖରାପ ଅବସ୍ଥା ଦେଖି ପାକିସ୍ତାନର ପୂର୍ବତନ ଉଇକେଟ କିପର କମ୍ରାନ ଆକମଲ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ପୋଲ୍ ଖୋଲିଛନ୍ତି। ଅକମଲ କହିଛନ୍ତି, ପାକିସ୍ତାନ କ୍ରିକେଟ ବୋର୍ଡ ବିସିସିଆଇରୁ ଶିଖିବା ଉଚିତ୍। ସେମାନଙ୍କର ବୃତ୍ତିଗତତା, ସେମାନଙ୍କ ଦଳ, ଚୟନକର୍ତ୍ତା, ଅଧିନାୟକ ଏବଂ କୋଚ - ଏହିସବୁ ଦଳ ଦଳକୁ ଏକ ନମ୍ବର କରି ବିଶ୍ୱରେ ରାଜ୍ କରେ।

୨୧ ଅଗଷ୍ଟରୁ ୦୩ ସେପ୍ଟେମ୍ବର ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ବାଂଲାଦେଶ ପାକିସ୍ତାନ ଗସ୍ତ କରିଛି। ଏହି ଗସ୍ତ ପୂର୍ବରୁ ବାଂଲାଦେଶ ପାକିସ୍ତାନ ବିପକ୍ଷରେ କୌଣସି ଟେଷ୍ଟ ମ୍ୟାଚ ଜିତି ନ ଥିଲା, କିନ୍ତୁ ବାଂଲାଦେଶ ଦଳ ପାଇଁ ଏହି ଗସ୍ତ ଐତିହାସିକ ଥିଲା। ଏଠାରେ ସେମାନେ ନିଜ ଘରେ ଟେଷ୍ଟ ସିରିଜରେ ପାକିସ୍ତାନକୁ ୨-୦ରେ ପରାସ୍ତ କରିଥିଲେ। ଏହି ପରାଜୟ ପରେ ପାକିସ୍ତାନ ଦଳ ଉପରେ ଅନେକ ସମାଲୋଚନା କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ପାକିସ୍ତାନ ଗସ୍ତ ପରେ ବାଂଲାଦେଶ ଦଳ ଭାରତ ଗସ୍ତରେ ଆସିଛନ୍ତି। ଭାରତ ଏବଂ ବାଂଲାଦେଶ ମଧ୍ୟରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ। ସିରିଜର ପ୍ରଥମ ମ୍ୟାଚ ଚେନ୍ନାଇରେ ୧୯ ସେପ୍ଟେମ୍ବରରୁ ଖେଳାଯାଇଥିଲା। ଚେନ୍ନାଇ ଟେଷ୍ଟରେ ଆୟୋଜକ ଦଳ ଭାରତ ଭ୍ରମଣକାରୀ ବାଂଲାଦେଶକୁ ୨୮୦ ରନରେ ପରାସ୍ତ କରିଛି। ଉଭୟ ଦଳ ମଧ୍ୟରେ ସିରିଜର ଦ୍ୱିତୀୟ ଏବଂ ଶେଷ ଟେଷ୍ଟ ସେପ୍ଟେମ୍ବରରୁ କାନପୁରରେ ଖେଳାଯିବ।

## ରାଜ୍ୟ ହକି ପ୍ରତିଯୋଗିତା

# କନିଷ୍ଠ ପୁରୁଷ ବର୍ଗର କ୍ୱାର୍ଟରଫାଇନାଲ ସୂଚୀ ଚୂଡ଼ାନ୍ତ

**ରାଉରକେଲା, ୨୪।୯ (ଏଜେନ୍ସି):** କନିଷ୍ଠ ପୁରୁଷ ରାଜ୍ୟ ହକି ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ ସୂଚୀ ଚୂଡ଼ାନ୍ତ ହୋଇଛି। ମଙ୍ଗଳବାର ସମସ୍ତ ୪ଟି ଯାକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଓ ଝାରସୁଗୁଡ଼ା ମଧ୍ୟରେ ଖେଳାଯିବାକୁ ଥିବାବେଳେ ପାନପୋଷ କ୍ରୀଡ଼ା ଛାତ୍ରାବାସ(ରାଉରକେଲା) ଓ



ଗାଙ୍ଗପୁର ହକି ଆସୋସିଏସନ ମଧ୍ୟରେ ଦ୍ୱିତୀୟ, ଓଏନ୍‌ଟିଏଚ୍‌ଏଚ୍‌ପିସି ଓ ଦେବଗଡ଼ ମଧ୍ୟରେ ତୃତୀୟ ଏବଂ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ମଧ୍ୟରେ ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ।

ସୋମବାର ୮ଟି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଆର୍‌ଏସ୍‌ପି ୭-୦ ଗୋଲରେ ଅନୁଗୁଳକୁ ପରାସ୍ତକରି ପ୍ରଥମ ଦଳଭାବେ କ୍ୱାର୍ଟର ଫାଇନାଲ ପ୍ରବେଶ କରିଥିବାବେଳେ ଝାରସୁଗୁଡ଼ା ୨-୧ ଗୋଲରେ ଗଞ୍ଜାମକୁ, ଗାଙ୍ଗପୁର ହକି ଆସୋସିଏସନ ୬-୦ ଗୋଲରେ ଭୁବନେଶ୍ୱର ହକି କ୍ଲବକୁ ଓଏନ୍‌ଟିଏଚ୍‌ଏଚ୍‌ପିସି ୧୦-୦ ଗୋଲରେ ସମ୍ବଲପୁରକୁ, ଦେବଗଡ଼ ୬-୦ ଗୋଲରେ ନୟାଗଡ଼କୁ, ସୁନ୍ଦରଗଡ଼ ୬-୦ ଗୋଲରେ ଏସ୍‌ଏମଏସ୍ ହକି ଏକାଡେମୀ, ପାନପୋଷ କ୍ରୀଡ଼ା ଛାତ୍ରାବାସ ୮-୧ ଗୋଲରେ ବଲାଙ୍ଗୀର ଓ ଖୋର୍ଦ୍ଧା ୫-୦ ଗୋଲରେ ଢେଙ୍କାନାଳକୁ ପରାସ୍ତକରି କ୍ୱାର୍ଟର ଫାଇନାଲ ସ୍ଥାନ ସୁରକ୍ଷିତ କରିଛନ୍ତି। ସେହିଭଳି ଆଜିଠାରୁ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ବରିଷ୍ଠ ମହିଳା ରାଜ୍ୟ ହକି ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମୋଟ୍ ୭ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ନୟାଗଡ଼ ୫-୦ ଗୋଲରେ ସମ୍ବଲପୁରକୁ ପରାସ୍ତ କରିଥିବାବେଳେ ପାନପୋଷ କ୍ରୀଡ଼ା ଛାତ୍ରାବାସ(ରାଉରକେଲା) ୮-୦ ଗୋଲରେ କେନ୍ଦ୍ରାପଡ଼ାକୁ, ଦେବଗଡ଼ ୬-୦ ଗୋଲରେ ରାୟଗଡ଼ାକୁ, ଓଡ଼ିଶା ସେକ୍ରେଟାରିଏଟ୍ ୫-୦ ଗୋଲରେ ଏସ୍‌ଏମଏସ୍ ହକି ଏକାଡେମୀକୁ, ଙ୍କୋନାଳ ୬-୦ ଗୋଲରେ ଗଜପତିକୁ, ଓଡ଼ିଶା ପୁଲିସ ୫-୦ ଗୋଲରେ କୋରାପୁଟକୁ ଓ ଗାଙ୍ଗପୁର ହକି ଆସୋସିଏସନ ୭-୦ ଗୋଲରେ ଝାରସୁଗୁଡ଼ାକୁ ପରାସ୍ତ କରିଛି।

## ଜାତୀୟ ସିନିୟର ଟେନିସ ବଲ କ୍ରିକେଟ ଚାମ୍ପିୟନଶିପ

# ୨୯ରେ ଓଡ଼ିଶା ଟିମ୍ ଚୟନ



**ଭୁବନେଶ୍ୱର,୨୪।୯ (ସଂଚାର ବ୍ୟୁରୋ):** ଆସନ୍ତା ନଭେମ୍ବର ମାସ ୧୮ତାରିଖରୁ ୨୧ ଯାଏ ଚାଲିବ ୩୫ତମ ଜାତୀୟ ସିନିୟର ଟେନିସ ବଲ ଚାମ୍ପିୟନଶିପ। ଜମ୍ମୁ-କଶ୍ମୀରର ଶ୍ରୀନଗର ଠାରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ସବୁଥର ପରି ଏଥର ମଧ୍ୟ ଓଡ଼ିଶା ଏଥିରେ ଭାଗ ନେବ। ଏହାପୂର୍ବରୁ ଖେଳାଳି ଚୟନ ମଧ୍ୟ କରାଯିବ। ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଥିବା ଓଡ଼ିଶା ଜାତୀୟ ସିନିୟର ଖେଳାଳି (ମହିଳା ଓ ପୁରୁଷ) ଚୟନ ପ୍ରକ୍ରିୟା ଆସନ୍ତା ସେପ୍ଟେମ୍ବର ୨୯ରେ ଅନୁଷ୍ଠିତ ହେବ। ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏନ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଏଲଏଲସିସି ଗ୍ରାଉଣ୍ଡରେ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ସକାଳ ୭ରୁ ଚୟନ ପ୍ରକ୍ରିୟା ଆରମ୍ଭ ହେଉଛି। ତେଣୁ ଜାତୀୟ ଦଳ ପାଇଁ ଖେଳିବାକୁ ଚାହୁଁଥିବା ଖେଳାଳିମାନେ ନିଜ ନିଜ ଆଧାର କାର୍ଡ ଧରି ଧାର୍ଯ୍ୟ ସମୟ ପୂର୍ବରୁ ଆଇଆରସି ଭିଲେଜେ ର ଏଲଏଲସିସି ଗ୍ରାଉଣ୍ଡରେ ରିପୋର୍ଟିଂ କରିପାରିବେ। ପ୍ରଥମେ ପଞ୍ଜୀକରଣ କରାଯିବ ଓ ଏହାପରେ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଯଦି କେହି ଠିକଣା ପାଇବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ତା'ହେଲେ ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏନର ଯୁଗ୍ମ ସଚିବ ସୋମନାଥ ପରିଡ଼ା (ମୋବାଇଲ ନମ୍ବର- ୭୩୮୧୦୭୧୦୮୪)ଙ୍କ ସହ ଯୋଗାଯୋଗ କରିପାରିବେ। ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏସନକୁ ଯୁବ କ୍ରୀଡ଼ା ମନ୍ତ୍ରଣାଳୟ, ଓଡ଼ିଶା ଅଲମ୍ପିକ ଆସୋସିଏସନ ଓ କ୍ରୀଡ଼ା ଓ ଯୁବ ବ୍ୟାପାର ଦ୍ୱାରା ମାନ୍ୟତା ପ୍ରଦାନ କରିଛନ୍ତି।

# ରୋହିତ ହେଉଛନ୍ତି ୨୪ କ୍ୟାରେଟ୍ ସୁନା: ପୂର୍ବତନ କ୍ରିକେଟର୍ ଆକାଶ ଚୋପ୍ରା



**ନୂଆଦିଲ୍ଲୀ,୨୪।୯:** ରୋହିତ ଶର୍ମା ଏବେ ଭାରତର ଟେଷ୍ଟ ଏବଂ ଦିନିକିଆ ଦଳର ଅଧିନାୟକ ଅଛନ୍ତି। ରୋହିତ ଟି-୨୦ ବିଶ୍ୱକପ ୨୦୨୪ ଜିତିବା ପରେ ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେଇଥିଲେ। ରୋହିତ ଶର୍ମା ଚମତ୍କାର ଅଧିନାୟକତ୍ୱ ଏବଂ କୁଲ୍ ମିଜାଜ୍ ପାଇଁ ଜଣାଶୁଣା। ଭାରତୀୟ ଅଧିନାୟକ ପ୍ରାୟତଃ ପଡ଼ିଆରେ କିଛି ମଜାଳିଆ କାମ କରୁଥିବା ଦେଖାଯାଏ। ନିଜର କୁଲ୍ ମିଜାଜ୍ ପାଇଁ ପ୍ରସିଦ୍ଧ ରୋହିତ ଶର୍ମା ବେଳେବେଳେ ଖେଳାଳିଙ୍କ ଉପରେ ରାଗୁଥିବା ଦେଖାଯାଏ। ଅନେକ ଥର ସେ ପଡ଼ିଆରେ ଦୁର୍ବ୍ୟବହାର ରାଗିଛନ୍ତି। ତେବେ ଦଳର ଖେଳାଳିମାନେ ରୋହିତ ଶର୍ମାଙ୍କ ଉପରେ ରାଗିଛନ୍ତି କି? ଏହି ପ୍ରଶ୍ନ ସମସ୍ତଙ୍କ ମନରେ ମଧ୍ୟ ଉଠିପାରେ। ରୋହିତ ଶର୍ମାଙ୍କ ଦଳର ଖେଳାଳିଙ୍କ ସହ ସମ୍ପର୍କ କିପରି ଏବଂ କାହା ସହିତ ଝଗଡା ଅଛି। ଭାରତୀୟ ଦଳର ପୂର୍ବତନ ବ୍ୟାଟ୍ସମ୍ୟାନ ଆକାଶ ଚୋପ୍ରା ରୋହିତ ଶର୍ମାଙ୍କ ଲଢେଇ ବିଷୟରେ ନିଜ ମତ ରଖିଛନ୍ତି। ସେ କହିଛନ୍ତି, ରୋହିତ ଶର୍ମାଙ୍କ ବିଷୟରେ ସେ କାହାଠାରୁ ଶୁଣି ନାହାଁନ୍ତି ଯେ ସେ ଜଣେ ଭଲ ବ୍ୟକ୍ତି ନୁହଁନ୍ତି।

ତାଙ୍କର ଏକ ବିବୃତ୍ତିରେ ଆକାଶ ରୋହିତ ଶର୍ମାଙ୍କ ବିଷୟରେ କହିଛନ୍ତି, ମୁଁ ଏପରି କୌଣସି ବ୍ୟକ୍ତିଙ୍କୁ ଦେଖି ନାହିଁ, ମୁଁ ଏହା ସମସ୍ତଙ୍କ ପାଇଁ କହି ପାରିବି ନାହିଁ, କିନ୍ତୁ ରୋହିତଙ୍କ ପାଇଁ ମୁଁ କହିପାରେ ଯେ ରୋହିତଙ୍କ ଭଳି ଭଲ ବ୍ୟକ୍ତି ମୁଁ କାଉଠି ବି ଦେଖି ନାହିଁ। ସେ ହେଉଛନ୍ତି ୨୪ କ୍ୟାରେଟ୍ ସୁନା। ସେ ମୋ ବନ୍ଧୁ ନୁହଁନ୍ତି କିନ୍ତୁ ଏକଥା ଦାବିର ସହ କହିପାରିବି।

# ଡବ୍ଲ୍ୟୁଟିସିରେ ଭାରତର ସ୍ଥିତି ଦୃଢ଼

**ନୂଆଦିଲ୍ଲୀ,୨୪।୯:** ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ (ଡବ୍ଲ୍ୟୁଟିସି) ଫାଇନାଲ୍ ପୂର୍ବରୁ ଭାରତର ଶେଷ ୧୦ ଟେଷ୍ଟ୍ ଅଭିଯାନ ଚମତ୍କାର ଢଙ୍ଗରେ ଆରମ୍ଭ ହୋଇଛି। ରବିବାର ଚେନ୍ନାଇରେ ବାଂଲାଦେଶକୁ ପରାସ୍ତ କରି ଭାରତ ଡବ୍ଲ୍ୟୁଟିସି ତାଲିକାର ଶୀର୍ଷ ସ୍ଥାନକୁ ଅଧିକ ଦୃଢ଼ କରିଛି। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ଦୁଇ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରିଥିଲା। ଏପରିକି ଗୋଟିଏ ଦିନ ପୂର୍ବରୁ ମ୍ୟାଚ୍ ଶେଷ ହୋଇଯାଇଥିଲା। ଏହି ବିଜୟ ଫଳରେ ଭାରତର ଡବ୍ଲ୍ୟୁଟିସି ପଏଣ୍ଟ ପ୍ରତିଶତ ୭୧.୬୭କୁ ବୃଦ୍ଧି ପାଇଛି। ଏହି ଶୃଙ୍ଖଳା ପୂର୍ବରୁ ମଧ୍ୟ ଭାରତ ଶୀର୍ଷରେ ଥିଲା। ଏବେ ଦ୍ୱିତୀୟ ସ୍ଥାନରେ ଥିବା ଅଷ୍ଟ୍ରେଲିଆଠୁ ୯.୧୭ ପଏଣ୍ଟ ପ୍ରତିଶତ ଅଧିକ ପାଇଛି। ଅନ୍ୟପକ୍ଷରେ ୯୨ ବର୍ଷରେ ପ୍ରଥମ ଥର ପାଇଁ ଭାରତ ଟେଷ୍ଟ୍ କ୍ରିକେଟ୍‌ରେ ବାଂଲାଦେଶ ବିପକ୍ଷରେ ୨୮୦ ରନ୍‌ର ବିଜୟ ପାଇ ଐତିହାସିକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି। ଏହି ବିଜୟ ପରେ ଭାରତର ଫାଇନାଲ୍‌ରେ ପହଞ୍ଚିବା ଆଶା ବଢ଼ିଯାଇଛି। ତଥାପି ଭାରତର ଫାଇନାଲ୍ ସ୍ଥିତି ନିଶ୍ଚିତ କରିବାକୁ ହେଲେ ଅବଶିଷ୍ଟ ୯ ମ୍ୟାଚ୍‌ରୁ ୪ ବିଜୟ ଆବଶ୍ୟକତା ରହିଛି। ଏହା ମଧ୍ୟରେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟ୍ ସହିତ ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଶୃଙ୍ଖଳା ଏବଂ ବର୍ଡର-ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆ ସହିତ ୫ ମ୍ୟାଚ୍ ବିଶିଷ୍ଟ ମ୍ୟାଚ୍ ଖେଳାଯିବ। ପାକିସ୍ତାନ ବିପକ୍ଷରେ ଐତିହାସିକ ୨-୦ ଶୃଙ୍ଖଳା ମୂଳପୋଛ ବିଜୟ ପରେ ବାଂଲାଦେଶର ପଏଣ୍ଟ ପ୍ରତିଶତରେ ବଡ଼ ବୃଦ୍ଧି ହୋଇଥିଲା ଏବଂ ଦଳ ସିଧାସଳଖ ଚତୁର୍ଥ ସ୍ଥାନରେ ପହଞ୍ଚିଯାଇଥିଲା। କିନ୍ତୁ ଭାରତଠୁ ପରାଜିତ ହେବା ପରେ ଦଳ ୪୫.୮୩ ପଏଣ୍ଟ ପ୍ରତିଶତରୁ ୩୯.୨୯କୁ ଖସିଆସିଛି ଓ ଚତୁର୍ଥରୁ ଖସି ଷଷ୍ଠ ସ୍ଥାନରେ ପହଞ୍ଚିଛି। ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ୍ ୨୭ ତାରିଖରୁ ଆରମ୍ଭ ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନଙ୍କ ପାଇଁ...

ପାଖରେ କିଛି ବରିଷ୍ଠ ନେତା ବି ଛିଡ଼ା ହୋଇଥିଲେ। ଶ୍ରୀ ମାଝୀ କହିଥିଲେ, ନିର୍ବାଚନ ପୂର୍ବରୁ ବିଜେଡି-ବିଜେପି ମଧ୍ୟରେ ମେଣ୍ଟ ହେବା ନେଇ ଚର୍ଚ୍ଚା, ଦଳ ମଧ୍ୟରେ ଥିବା ଅନ୍ତଃକନ୍ଦଳ ଓ ଖରାପ ନିର୍ବାଚନ ପରିଚାଳନା ପରାଜୟର ମୁଖ୍ୟ କାରଣ । ଏହାସହିତ ଆଉ କିଛି ନେତା ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଥିଲେ ବି ସମାଧାନ ଲାଗି ଉଦ୍ୟମ ନ କରିବା, ବରିଷ୍ଠମାନଙ୍କୁ ବିଶ୍ୱାସକୁ ନ ନେବା ଅନ୍ୟତମ କାରଣ। ଜିଲ୍ଲାର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ଶ୍ରୀ ମାଝି ଅପ୍ରୀୟ ସତ କହିବା ରାଜନୈତିକ ମହଲରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

ନିର୍ବାଚନରେ ପରାଜୟ ପରେ ସଂଗଠନକୁ ସଜାଡ଼ିବା ପାଇଁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଦଳୀୟ ନେତାଙ୍କ ସହ ପ୍ରାୟତଃ ଆଲୋଚନା କରୁଛନ୍ତି। ଦଳର ପରାଜୟ ପାଇଁ ନେତାମାନେ ବିଭିନ୍ନ କାରଣ ଦର୍ଶାଉଛନ୍ତି।

ଅନ୍ୟପକ୍ଷରେ ସୁପ୍ରିମୋଙ୍କୁ ମୁହାଁମୁହିଁ ଜବାବ ଦେବା ଏହା ପ୍ରଥମ ଘଟଣା ନୁହେଁ। ପରାଜିତ ହେବା ପରେ ବିଭିନ୍ନ ସମୟରେ ଦଳର ବରିଷ୍ଠ ଓ କନିଷ୍ଠ ନେତାମାନେ ଖୋଲାଖୋଲି ନବୀନ ପଟ୍ଟନାୟକ, ଭିକେ ପାଣ୍ଡିଆନ ପ୍ରମୁଖଙ୍କୁ ଦାୟୀ କରି ଆସୁଛନ୍ତି। ଏହାକୁ ନେଇ ନବୀନ ନିବାସଠାରୁ ଶଙ୍ଖଭବନ ପର୍ଯ୍ୟନ୍ତ ନେତାମାନେ ତୁ ତୁ ମେଁ ମେଁ ହେଉଛନ୍ତି। ଦିନେ ଯେଉଁମାନେ ନବୀନ ଓ ପାଣ୍ଡିଆନଙ୍କ ଆଗକୁ ଯିବାକୁ ଭୟ କରୁଥିଲେ ଏବେ ସେମାନଙ୍କୁ ସିଧାସଳଖ ହେଉ କିମ୍ବା ବୁଲେଇ ବଙ୍ଗେଇ ବିରୋଧ କରୁଛନ୍ତି। ପରାଜୟ ଜନିତ ଧକ୍କାକୁ ସହଜରେ ନେତାମାନେ ଗ୍ରହଣ କରିପାରୁ ନ ଥିବାରୁ ଦଳରେ ଏଭଳି ଅବସ୍ଥା ଉପୁଜୁଥିବାବେଳେ ଆଗାମୀ ଦିନରେ ଏହା ବିଜେଡ଼ିକୁ କେଉଁଆଡ଼େ ନେବ ତାହା ଉପରେ ଏବେ ସମସ୍ତଙ୍କ ନଜର।

### ମନ୍ତ୍ରୀଙ୍କୁ ଅନ୍ଧାରରେ...

ଫେବୃୟାରୀ ୨୦୦୬ରୁ ଅଦ୍ୟାବଧି ବନ୍ଦ ରହିଛି । ଏହି ଉତ୍ତର ସ୍ପଷ୍ଟ କରୁଛି ଯେ ସନ୍ ଆଲଏଜ୍‌କୁ ଦିଆଯାଇଥିବା ନବୀକୃତ ପଟ୍ଟା ବାବଦରେ ସରକାରଙ୍କୁ ଅନ୍ଧାରରେ ରଖାଯାଇଛି। ଖଣିଜ ରିହାତି ନିୟମ, ୨୦୧୬ର ଧାରା ୨୪ରେ ନିଲାମ ମାଧ୍ୟମରେ ପ୍ରଦାନ କରାଯାଇନଥିବା ସମସ୍ତ ଖଣି ଲିଜ୍‌କୁ ରଦ୍ଦ କରିବା ପାଇଁ ସର୍ତ୍ତ ମଧ୍ୟ ଧାର୍ଯ୍ୟ କରାଯାଇଛି। ଏହି ସର୍ତ୍ତ ଅନୁସାରେ ଦୁଇବର୍ଷ ଯଦି କୌଣସି ଖଣି ଖନନ କରିବ ନାହିଁ ଅର୍ଥାତ୍ ଖଣିରୁ କୌଣସି ଖଣିଜ ଉତ୍ତୋଳନ ହେବ ନାହିଁ ତେବେ ତାହାର ଲିଜ୍ ଆବଣ୍ଟନ ରଦ୍ଦ କରାଯାଇ ନୂଆ ଲିଜ ଆବଣ୍ଟନ ହେବ। କିନ୍ତୁ ଏ କ୍ଷେତ୍ରରେ ଦୀର୍ଘ ୧୮ ବର୍ଷ ପାଟମୁଣ୍ଡା ଖଣି ବନ୍ଦ ପଡ଼ିଥିଲେ ମଧ୍ୟ ତାହାକୁ ରଦ୍ଦ କରାଯାଇନାହିଁ। ଅପରପକ୍ଷେ ନୂତନ ନିଲାମୀ ହେବା ପରିବର୍ତ୍ତେ ଏହାକୁ ପୁଣିଥରେ ସମାନ ଲିଜ୍‌ଧାରକଙ୍କ ନାଁରେ ଆବଣ୍ଟନ କରାଯାଇଛି।

ସୂଚନା ଅଧିକାର ଆଇନରେ ମିଳିଥିବା ରିପୋର୍ଟ ଅନୁସାରେ ସନ୍ ଆଲଏଜ୍ ଆଣ୍ଡ ମିନେରାଲ୍ସ ଲିମିଟେଡ୍ ୨୦୧୬-୧୭ରୁ ୨୦୨୩-୨୪ ପର୍ଯ୍ୟନ୍ତ ଖଣି ଖନନ କରିନଥିବାରୁ ସରକାରଙ୍କୁ ରୟାଲଟି ଦେଇନାହିଁ। ଏହି ସମୟ ମଧ୍ୟରେ କମ୍ପାନୀ କେବଳ ଡେଡ୍ ରେଣ୍ଟ ଓ ସର୍‌ଫେସ୍ ରେଣ୍ଟ ପ୍ରଦାନ କରିଛି। ତେଣୁ ଏହି ଉଲ୍ଲଂଘନ ଫଳରେ ଖଣିଜ ରିହାତି ନିୟମ, ୨୦୧୬ର ଧାରା ୨୪ ଅନୁଯାୟୀ ସନ୍ ଆଲଏଜ୍ ଆଣ୍ଡ ମିନେରାଲ୍ସ ଲିମିଟେଡ୍‌ର ଖଣି ଲିଜ୍‌କୁ ରାଜ୍ୟ ସରକାର ରଦ୍ଦ କରିପାରିବେ।

ସନ୍ ଆଲୟେଜ୍ ଆଣ୍ଡ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପାଟମୁଣ୍ଡା ମାଙ୍ଗାନିଜ୍ ଖଣି ଏହି ସମୟ ମଧ୍ୟରେ ଖଣିଜ ରିହାତି ନିୟମ, ୧୯୬୦ର ଧାରା-୩୭ର ଉଲଂଘନ କରିଛି। ଏହି ସର୍ତ୍ତର ଉଲ୍ଲଂଘନ କଲେ ଖଣି ଲିଜ୍‌କୁ ରଦ୍ଦ କରାଯିବ। କେବଳ ଖଣି ଆଇନ ନୁହେଁ, ଖଣିଜ ରିହାତି ନିୟମ, ୧୯୬୦ ଅନୁଯାୟୀ ଖଣି ଲିଜ୍ ପ୍ରଦାନ କରାଯାଉଥିବା ଫର୍ମ କେ (ଖଣି ଲିଜ୍‌ର ମଡେଲ୍ ଫର୍ମ)ର ୧୭ ଧାରାରେ ମଧ୍ୟ ଉପରୋକ୍ତ ସର୍ତ୍ତକୁ ଅନ୍ତର୍ଭୁକ୍ତ କରାଯାଇଛି।

### ବିଜେଡିରେ...

ସାମନ୍ତରାୟଙ୍କର ଖୋଲା ବକ୍ତବ୍ୟ । ଦଳରେ ଗୋଷ୍ଠି କନ୍ଦଳ କେବଳ ରାଜଧାନୀରେ ହେଉନାହିଁ, ପାରାଦୀପ୍‌ରୁ ଆରମ୍ଭକରି ନବରଙ୍ଗପୁରଯାଏ ବିଜେଡି ନେତାଏ ପରସ୍ପରରକୁ କାଦୁଅ ଫିଙ୍ଗିବାରେ ବ୍ୟସ୍ତ। ସେହିଭଳି ବିଧାନସଭାରେ ସରକାରଙ୍କୁ ପୋଲାଭରମ ଓ ସଂରକ୍ଷଣ ଆଦି ପ୍ରସଙ୍ଗରେ ଅକଳରେ ପକାଇଥିବା କଂଗ୍ରେସ ଏବେ ମୁରବୀ ବିହୀନ । ଦୀର୍ଘଦିନ ହେଲା ପ୍ରଦେଶ କଂଗ୍ରେସ ସଭାପତି ନିଯୁକ୍ତ ହୋଇପାରୁ ନାହାନ୍ତି। ରାଜ୍ୟରେ ଦଳର ଏକ ପ୍ରକାର ବାପ ଛେଉଣ୍ଡ ଅବସ୍ଥା । କାହା ନେତୃତ୍ୱରେ ଦଳ ଆଗକୁ ବଢ଼ିବ ଓ ବିଜେପି ସହିତ ଲଢ଼ିବ ତାହା ଦଳୀୟ ନେତାମାନେ ବୁଝିପାରୁ ନାହାନ୍ତି। କମିଟି ଗଠନକୁ ନେଇ ଦଳରେ ଏମିତି ଫାଟ ଯେ ଯେତେ ତାଳି ପକାଇଲେ ବି ତାହା ଜଳ ଜଳ ହୋଇ ଦିଶୁଛି । ୧୪ଜଣ ବିଧାୟକ ତିନି ଦିଗକୁ ମୁହଁ କରିଛନ୍ତି । ଜାତୀୟ ସ୍ତରରେ ରାହୁଲ ଗାନ୍ଧୀ ବିଜେପିକୁ ଘନ ଘନ ଆକ୍ରମଣ କରି ଅଡୁଆରେ ପକାଉଥିବାବେଳେ ରାଜ୍ୟରେ କିନ୍ତୁ କଂଗ୍ରେସ ନିଜେ ଅଡୁଆରୁ ବାହାରି ପାରୁନାହିଁ।

ଏଭଳି ସ୍ଥିତିରେ ସରକାରରେ ଥିବା ବିଜେପିକୁ ବିରୋଧି କିଭଳି ମୁକାବିଲା କରିବେ ତାହା ଜାଣିପାରୁ ନାହାନ୍ତି । ମୁଖ୍ୟ ବିରୋଧିଦଳ ସକାଳେ ବନ୍ଦ ଡାକରା ଦେଲେ ସଞ୍ଜରେ ତାହାକୁ ପ୍ରତ୍ୟାହାର କରିନେଉଛି। କଂଗ୍ରେସ ତାହାର ଅଣ୍ଡା ଓ ଟମାଟୋ ମାଡ ସଂସ୍କୃତିରୁ ବାହାରି ପାରୁନଥିବାବେଳେ ମୁରବୀ ବିହୀନ ହୋଇ ଏଣେ ତେଣେ ଧାଇଁବା ଭଳି ଅବସ୍ଥାରେ ରହିଛି । ଯାହା ଫଳରେ ସୁଭଦ୍ରା ବିଭ୍ରାଟ ଠାରୁ ଆରମ୍ଭ କରି ଭରତପୁର ଥାନା କାଣ୍ଡ ଭଳି ଘଟଣାରେ ବିରୋଧିଙ୍କ ସବୁ ରଣନୀତି ଫେଲ ମାରିଛି । ଏହା କେବଳ ବିରୋଧିଙ୍କୁ ଦୁର୍ବଳ କରୁନାହିଁ ନୂଆ ନୂଆ କରି ରାଜ୍ୟରେ ସରକାର ଗଢ଼ିଥିବା ବିଜେପିକୁ ସଶକ୍ତ କରିବାରେ ଲାଗିଛି।

### ଘର ମରାମତି...

ଟଙ୍କା, ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଜାଲ ପାଇଁ ୪ହଜାର ଟଙ୍କା ଓ ମତ୍ସ୍ୟ ଯାଆଁଳ ଚାଷ ପାଇଁ ହେକ୍ଟର ପିଛା ୧୦ହଜାର ଟଙ୍କା ଆର୍ଥିକ ସହାୟତା ରାଶି ଘୋଷଣା କରାଯାଇଛି। ମୃତ ମଇଁଷି, ଗାଈ ପିଛା ୩୭୫୦୦ଟଙ୍କା, ଛେଳି ଓ ମେଣ୍ଢା ପିଛା ୪ହଜାର ଟଙ୍କା, ବଳଦ ଓ ଘୋଡ଼ା ପିଛା ୩୨ହଜାର ଟଙ୍କା, ବାଛୁରୀ, ଗଧ ଓ ଖଚର ପିଛା ୨୦ହଜାର ଟଙ୍କା ଆର୍ଥିକ ସହାୟତା ଚାଷୀଙ୍କୁ ଦିଆଯିବ । ଏହି ସହାୟତା ରାଶି ଗୋଟିଏ ପରିବାରର ୩ଟି ବଡ଼ ଦୁଗ୍ଧ ପ୍ରଦାନକାରୀ ପଶୁ ବା ୩୦ଟି ଦୁଗ୍ଧ ପ୍ରଦାନକାରୀ ଛୋଟ ପଶୁ କିମ୍ବା ୩ଟି ବୃହତ୍ ଭାରବାହୀ ପଶୁ ବା ୬ଟି ଭାରବାହୀ ଛୋଟ ପଶୁଙ୍କ ପର୍ଯ୍ୟନ୍ତ ସୀମିତ ରହିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗରମାନଙ୍କୁ ଯନ୍ତ୍ରାଂଶ ନଷ୍ଟ ଓ ପ୍ରତିସ୍ଥାପନ ପାଇଁ ଗ୍ରାମୀଣ କାରିଗର ପିଛା ୫ହଜାର ଟଙ୍କା ଓ ବିଭିନ୍ନ ଆନୁସଙ୍ଗିକ ଦ୍ରବ୍ୟ ପାଇଁ କାରିଗର ପିଛା ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ।

### ୟୁଏନ୍‌ରେ ପେଡ୍...

କର୍ମଜୀବୀ ମହିଳାଙ୍କୁ ଋତୁସ୍ରାବ ପାଇଁ ଦିନେ ଛୁଟି ମିଳିବା ନେଇ ଘୋଷଣା କରିଥିଲେ। କର୍ଣ୍ଣାଟକରେ କର୍ମଜୀବୀ ମହିଳାମାନଙ୍କୁ ଋତୁସ୍ରାବ ପାଇଁ ବର୍ଷକୁ ୬ ଦିନ ସବୈତନିକ ଛୁଟି ମିଳୁଛି। ଭଲ ପଦକ୍ଷେପ ନେଇଛନ୍ତି ସରକାର, କିନ୍ତୁ ଏହି ଛୁଟିକୁ ୧୨ ଦିନକୁ ବୃଦ୍ଧି କରିବାକୁ ସେ ନିବେଦନ କରିଛନ୍ତି।

### ରେବନ୍ତଙ୍କୁ...

ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କ ଉପରେ ଦୁର୍ନୀତି ଅଭିଯୋଗ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ କେ.ଟି.ଆର କହିଛନ୍ତି ଯେ ଅମୃତ ୨.୦ ଯୋଜନା ଅନ୍ତର୍ଗତ ନକଲି ଟେଣ୍ଡର ଆବଣ୍ଟନକୁ କେନ୍ଦ୍ର କରି ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ୮୮୮୮ କୋଟି ଟଙ୍କାର ଦୁର୍ନୀତି କରିଛନ୍ତି। ୨୦୧୫ ର ନୋଟ୍ ଫର୍ ଭୋଟ୍ ମାମଲାରେ ସୁପ୍ରିମକୋର୍ଟ ସେପ୍ଟେମ୍ବର ୨୦ ରେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ କହିଥିଲେ, ସେ ଏହି ମାମଲାର ପ୍ରକ୍ରିୟାରେ ଅଭିଯୋଗକାରୀ ପକ୍ଷ ଉପରେ କୌଣସି ପ୍ରକାରେ ହସ୍ତକ୍ଷେପ କରିପାରିବେନି।

### ଥାନାଧିକାରୀ...

ସ୍ୱାଭାବିକ। କାରଣ ଭରତପୁର ଥାନାକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା । ଅପାରଗ ଅଫିସରଙ୍କ ପାଇଁ ବଦନାମ ହୋଇଛି କମିଶନରେଟ ପୁଲିସ । ତେଣୁ ନିଲମ୍ବିତ ଥାନାଧିକାରୀ ଦୀନକୃଷ୍ଣ ମିଶ୍ରଙ୍କ ପରେ ସଭିଙ୍କ ଆଶା ଥିଲା ଜଣେ ଦକ୍ଷ ଅଫିସର ଏଠାକୁ ଆସିବେ ବୋଲି । ଆଉ ଦୀପକଙ୍କ ଦକ୍ଷତା ଏହି ଘଟଣାରୁ ବେଶ ସ୍ପଷ୍ଟ ଅନୁମେୟ । କେବଳ ଏତିକି ନୁହେଁ, ନୟାଗଡ଼ ଓ ପିପିଲିରେ କାମ କଲାବେଳେ ଜମିବାଡ଼ି ସମ୍ପର୍କିତ ଅନେକ ଅଭିଯୋଗ ବାବୁଙ୍କ ବିରୋଧରେ ଥିବା ଜଣାପଡିଛି। ଡିଜିପିଙ୍କ କାର୍ଯ୍ୟାଳୟ ମଧ୍ୟ ଏଭଳି ଜଣେ ଅଫିସରଙ୍କୁ ସମ୍ବେଦନଶୀଳ ସ୍ଥାନରେ ପୋଷ୍ଟିଂ ଦେବା ନେଇ କମିଶନରେଟ ପୁଲିସ ଉପରେ ଅସନ୍ତୋଷ ବ୍ୟକ୍ତ କରିଛି। ସୋମବାର ଚାମ୍ବର ପ୍ରବେଶ ପୂର୍ବରୁ ଗ୍ରହଶାନ୍ତି ନେଇ ହୋମ ଯଜ୍ଞ କରିଥିଲେ ଦୀପକ । ଏପରିକି ପୂଜା କରି ଥାନା ଆଗରେ ଲେମ୍ବୁ ଟଙ୍ଗାଇଥିଲେ। କୌଣସି ବାହ୍ୟ ଶକ୍ତିର ଖରାପ ନଜର ପଡିବନି ବୋଲି ଆଶା କରିଥିଲେ। ହେଲେ ବାବୁଙ୍କ ଟ୍ରାକ ରେକର୍ଡ ଦେଖିବା ପରେ ଯାହା ଜଣାପଡୁଛି, ଯେତେ ଅଧିକ ଘିଅ ଢାଳି ହୋମ କଲେ ସୁଦ୍ଧା ଖୁରାନିଆଙ୍କ ଖୁର ଯେ କେତବେଳେ ତାଙ୍କ ଉପରେ ଚାଲିବ ତାହା କେହି କହିପାରିବେ ନାହିଁ।

### ପୀଡ଼ିତାଙ୍କୁ...

ଯୋଗାଇ ଦିଆଯାଇଥିଲା ସୁରକ୍ଷା । ହେଲେ ଆବଶ୍ୟକ ପଡ଼ିଲେ ପିଏସ୍‌ଓ ନେବେ କହି ଦୁହେଁ ଏଡ଼ାଇ ଯାଇଥିଲେ। କାଲି ପୁଣି ଗଣମାଧ୍ୟମ ସମ୍ମୁଖରେ ଜୀବନ ବିପଦରେ ଥିବା କହିବା ପରେ ପିଏସ୍‌ଓ ଯୋଗାଇଛି କମିଶନରେଟ ପୁଲିସ। ପୀଡିତାଙ୍କୁ ମହିଳା ପିଏସଓ ଦିଆଯାଇଛି। ହେଲେଏଯାବତ ପିଏସ୍‌ଓ ନେବାକୁ ରାଜି ହୋଇନାହାନ୍ତି କ୍ୟାପଟେନ।

# ଅଫିସରଙ୍କୁ ବିମାନ ଯାତ୍ରା ଅନୁମତି

**ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ):** ଏଣିକି ରାଜ୍ୟ ସରକାରଙ୍କ ଅଫିସରମାନେ ସରକାରୀ କାମରେ ବିମାନରେ ଯାତ୍ରା କରିପାରିବେ। ଅର୍ଥ ବିଭାଗ ପକ୍ଷରୁ ମଙ୍ଗଳବାର ଜାରି ବିଜ୍ଞପ୍ତି ଅନୁଯାୟୀ ରାଜ୍ୟରେ ବିମାନ ସେବା ତ୍ୱରାନ୍ୱିତ ହୋଇଥିବାରୁ ଗ୍ରୁପ -ଏ (ଲେବଲ-୧୨) ବର୍ଗର ଅଫିସରମାନେ ସରକାରୀ କାମରେ ବିମାନରେ ଯାତ୍ରା କରିପାରିବେ। ପୂର୍ବରୁ ଏହି ବର୍ଗର ଅଫିସରମାନେ ସରକାରୀ କାମରେ ସଡ଼କ କିମ୍ବା ରେଳରେ ଯାତ୍ରା କରୁଥିଲେ। ଏଣିକି ରାଜ୍ୟ ଭିତରେ ବିମାନ ଯାତ୍ରା କରି ଟୁର୍ କରିବାର ସୁବିଧା ମିଳିବ ବୋଲି ଦର୍ଶାଯାଇଛି।

# ପୋଡ଼ିଗଲା ୩୦ କ୍ୱିଣ୍ଟାଲ ଡାଲି

**ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଆମଣାକୁଦ ଛକ ନିକଟରେ ଆଜି ଭୋରରୁ ଏକ ଚଳନ୍ତା ଡାଲି ଟ୍ରକରେ ଅଗ୍ନିକାଣ୍ଡ ଘଟି ୩୦ କ୍ୱିଣ୍ଟାଲ ଡାଲି ସହିତ ଟ୍ରକ ପାଉଁଶ ହୋଇଯାଇଛି। ରାୟପୁରରୁ ଏକ ୧୬ ଚକିଆ ଟ୍ରକରେ ଡାଲି ବୋଝେଇ ହୋଇ କୋଣାର୍କ ଯାଉଥିବା ସମୟରେ ଫୁଲନଖରା ଓ ନିଆଳି ରାସ୍ତାର ଆମଣାକୁଦ ଛକ ନିକଟରେ ନିଆଁଲାଗିଯାଇଥିଲା। ଖବର ପାଇ ନିଆଳି ଓ ଅଡ଼ଶପୁର ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଛନ୍ତି।

ଭୋର ୪ଟା ସମୟରେ ଡାଲି ବୋଝେଇ ଟ୍ରକ (ଓଡି ୩୪ ପି ୩୬୪୭) ରେ ନିଆଁ ଲାଗିଥିଲା। ୩୦ କୁଇଣ୍ଟାଲ ଡାଲି ନଷ୍ଟ ହୋଇଯାଇଛି। ଟ୍ରକ ଡ୍ରାଇଭର କହିଛନ୍ତି, ଗାଡ଼ି ଚଳାଉଥିବା ସମୟରେ ହଠାତ ମିରରରେ ନିଆଁ ଲାଗିଥିବା ଦେଖି ଟ୍ରକ ଅଟକାଇ ଓହ୍ଲାଇ ପଡ଼ିଥିଲେ। ଏନେଇ ଅଡ଼ଶପୁର ଅଗ୍ନିଶମ ବିଭାଗ ଅଧିକାରୀ ଶାଙ୍କ ମାରାଣ୍ଡି କହିଛନ୍ତି, ରାତି ୪.୪୦ରେ ଜଣେ ବ୍ୟକ୍ତି ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ ଆମଣାକୁଦ ଛକରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।




# ମାଳମାଳ ଯୋଜନା ସତ୍ତ୍ୱେ ଦାଦନ ସଂଖ୍ୟା ବଢୁଛି

**ପାଟଣାଗଡ, ୨୪।୯ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଦାଦନ ଗଡ଼ରେ ମିଶନ ଉଦ୍ଧାର କାର୍ଯ୍ୟକ୍ରମ ତୃତୀୟ ବର୍ଷର ଜିଲ୍ଲା ପୋଲିସ ଓ ଜିଲ୍ଲା ପ୍ରଶାସନ ତରଫରୁ ଖପ୍ରାଖୋଲ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି । ଦାଦନ ଶ୍ରମିକ ମାନଙ୍କୁ ନିରାପଦ ସ୍ଥାନାନ୍ତରଣ ଓ ଶିଶୁ ଚାଲାଣ ର ପ୍ରତିକାର । ବଲାଙ୍ଗିର ଜିଲ୍ଲାପାଳ, ଜିଲ୍ଲା ଶ୍ରମ ଅଧିକାରୀଙ୍କ ସମେତ ଜିଲ୍ଲା ସ୍ତରୀୟ ପଦାଧିକାରୀ ସହ ବ୍ଲକ ପ୍ରଶାସନ, ସମସ୍ତ ପିଆରଆଇ ମେମ୍ବର, ଖପ୍ରାଖୋଲ ହରିଶଙ୍କର ମହାବିଦ୍ୟାଳୟ ର ରେଡ଼କ୍ରସ ଛାତ୍ରଛାତ୍ରୀ, ଏମବିକେ, ସିଆରପି, ଅଙ୍ଗନବାଡି, ଏସଏଚଜି ମହିଳା ମାନେ ଯୋଗ ଦେଇଥିଲେ । ବିଗତ କିଛି ବର୍ଷ ପୂର୍ବରୁ ଦାଦନ ସମସ୍ୟା ରୋକିବା ପାଇଁ, ମେଗା ପ୍ରକଳ୍ପ ମନରେଗା, ଓଡିଶା ଜୀବିକା ମିଶନ, ନାବାର୍ଡ ପ୍ରଶାସନ ତରଫରୁ ଜନସଚେତନ କରିବା ସହିତ ଯେଉଁ ସବୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି ତାହା ଫଳପ୍ରଦ ହେଉନଥିବା ମନେହେଉଛି। ଫଳରେ ଦାଦନ ସମସ୍ୟା ବଢିବାରେ ଲାଗିଛି । ଏଥିପାଇଁ ଦାୟୀ କିଏ? ଏ ପ୍ରଶ୍ନ ର ଉତ୍ତର ଖୋଜି ବାହାର କରିବା ଉଚିତ। ତା' ନହେଲେ ଆଗାମୀ ଦିନରେ ଆହୁରି ଦାଦନ ସମସ୍ୟା ଦ୍ୱିଗୁଣିତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ଏଥିପାଇଁ ନିଃଶୁଳ୍କ ନମ୍ବର ଯଥା- ୧୦୯୮, ୧୧୨, ୧୮୧ ଓ ୧୮୦୦୧୨୦୩୭୬୩ ଦିଆଯାଇଛି। ହେଲେ ଦରକାର ବେଳେ କାମକୁ ଆସୁନି । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଜୋରସୋର ଚର୍ଚ୍ଚା ।

### ପର କରିଦେଲେ ପୁଅବୋହୂ, ଜିଲ୍ଲା ପ୍ରଶାସନକୁ ସାହାରା ମାଗିଲେ ବୃଦ୍ଧ

# ହୁଇଲ ଚେୟାରରେ ଅଭିଯୋଗ କରିବାକୁ ଆସିଲେ ବୃଦ୍ଧ ଦମ୍ପତି

**ଉଦଳା, ୨୪।୯ (ସଂଚାର ବ୍ୟୁରୋ):** ହୁଇଲ ଚେୟାରରେ ବାପା ପଚାରୁଛି, ପୁଅରେ ମୋର ଭୁଲ କେଉଁଠି ରହିଲା । ପେଟ କାଟି ଖୁଆଇଲି, ତୋତେ ଭଲ ମଣିଷ କରିବାକୁ ନିଜ ଜୀବନକୁ ପଛରେ ପକାଇଲି । ହେଲେ ଏହି ଶେଷ ସମୟରେ ଆମ ବୁଢାବୁଢୀ ଦୁଇ ଜଣଙ୍କୁ କାହିଁକି ଏମିତି କରୁଛ । ଏଭଳି କିଛି ନିଶ୍ଚୟ ନିଜ ମନରେ କହୁଥିବେ ପୁଅ ବିରୋଧରେ ଗୁହାରି କରିବାକୁ ଆସିଥିବା ସେହି ଅସହାୟ ବାପା ଜଣକ । ଅନ୍ତ ଚିରି ଜନ୍ମ କରିଥିଲେ ଦୁଇ ପୁଅକୁ । ଆଶା ଥିଲା ବୃଦ୍ଧାବସ୍ଥାରେ ଦୁଇ ପୁଅ ସାହାରା ସାଜିବେ । ହେଲେ ପର କରିଦେଲେ ଜନ୍ମ କଲା ପୁଅ । ଆଉ ଏବେ ଶେଷ ସମୟରେ ଜୀବନ ଜିଇଁବାକୁ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ବୃଦ୍ଧ ଦମ୍ପତି।

ସୋମବାର ଉଦଳା ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚାଲିଥିବା ଜନଶୁଣାଣୀ ଶିବିରରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଜନଶୁଣାଣୀ ସମୟରେ ହଠାତ୍ ଏକ ଅଟୋରେ ଆସିଥିଲେ ଏବଂ ଅଟୋରୁ ତାଙ୍କୁ ବୋହି ଓହ୍ଲାଇବା ସହିତ ଏକ ହୁଇଲ୍ ଚେୟାରରେ ବସାଇଥିଲେ ଜଣେ ଯୁବକ । ପାଖରେ ଛିଡା ହୋଇଥିଲେ ଜଣେ ବୃଦ୍ଧା। ପୁରା ଘଟଣା ବୁଝିବାରୁ ସାମ୍ନାକୁ ଆସିଥିଲା ଜନ୍ମ କଲା ପୁଅଙ୍କ ଅସଲ ମୁଖା। ହୁଇଲ ଚେୟାରରେ



ଜୀବନର ଶେଷ ପାହାଚରେ ଥିବା ସେହି ବୃଦ୍ଧ ଜଣକ ହେଲେ କପ୍ତିପଦା ଥାନା ସାନଖଲାଡି ଗ୍ରାମର ଗୌରଚନ୍ଦ୍ର ରାଉତ । ପାଖରେ ଥିଲେ ତାଙ୍କ ସ୍ତ୍ରୀ ସୁବର୍ଣ୍ଣମଣୀ ରାଉତ। ସୁବର୍ଣ୍ଣମଣୀଙ୍କ ବୟସ ୭୦ ବର୍ଷ ହୋଇଥିବା ବେଳେ ଗୌରଚନ୍ଦ୍ରଙ୍କ ବୟସ ୮୦ ବର୍ଷ । ତାଙ୍କର ଦୁଇ ପୁଅ ମଧ୍ୟରୁ ବଡ ପୁଅ ନିଜ ପରିବାର ସହିତ ଶ୍ୱଶୁର ଘର ପାଖରେ ରହୁଥିବା ବେଳେ ସାନ ପୁଅ କିଛି ଦିନ ନିଜ ପାଖରେ ରଖିଥିଲା ବୃଦ୍ଧ ବାପାମାଙ୍କୁ। ହେଲେ ବାପାମାଙ୍କୁ ପାଖରେ ରଖିଥିଲେ ସୁଦ୍ଧା ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝି ନ ଥିଲେ କିମ୍ବା ତାଙ୍କ ଯତ୍ନ ନେଇ ନ ଥିଲେ । ବାପା ଗୌରଚନ୍ଦ୍ର ରାଉତ ନା କଥା କହିପାରୁଛନ୍ତି, ନା ଚାଲି ବୁଲି ପାରୁଛନ୍ତି । ସବୁବେଳେ ସେମିତି ବିଛଣାରେ ପଡି ରହିଥିବା ବେଳେ ମା ସୁବର୍ଣ୍ଣମଣୀ ହୃଦଘାତ ଏବଂ ଯକୃତ ରୋଗରେ ଆକ୍ରାନ୍ତ । ଏଭଳି ଅବସ୍ଥାରେ ଦୁଇ ପୁଅ ବାରମ୍ବାର ବାପାମାଆଙ୍କୁ ଅବହେଳା କରୁଥିବା ବେଳେ ସାନପୁଅକୁ ଡାକି ଗ୍ରାମରେ ବୈଠକ ବସାଇ ବାପାମାଆଙ୍କ ସାହାରା ହେବା ସହିତ ସେମାନଙ୍କ ଯତ୍ନ ନେବାକୁ କହିଥିଲେ ସୁଦ୍ଧା ସାନ ପୁଅ ବାପାମାଆଙ୍କ କଥା ବୁଝିପାରିବ ନାହିଁ ବୋଲି ରୋକଠୋକ ଶୁଣାଇ ଦେଇଥିଲେ । ଯାହା ପର ଠାରୁ ବୃଦ୍ଧ ବାପାମାଆ ଜୀବନର ଅନ୍ତିମ ସମୟରେ ନିଜର ତିନି ଝିଅମାନଙ୍କ ଉପରେ ଭରସା କରି ରହିଛନ୍ତି ।

ପରିଣତ ବୟସରେ ଗୋଟିଏ ସ୍ଥାନରେ ବସି ଉଠିବା ସମ୍ଭବ ହେଉ ନ ଥିବା ବେଳେ ପାଳି କରି ରହିବା ଭଳି ତିନି ଝିଅଙ୍କ ଘର ବୁଲି ବୁଲି ଜୀବନ ବିତାଉଛନ୍ତି। ଶେଷରେ ପୁଅବୋହୂଙ୍କ ଏହି ଯନ୍ତ୍ରଣାରେ ଜର୍ଜରିତ ହୋଇ ଜିଲ୍ଲାପାଳଙ୍କ ସମ୍ମିଳନୀରେ ଅଭିଯୋଗ କରିବାକୁ ଆସି ପହଂଚିଥିଲେ ଗୌରଚନ୍ଦ୍ର ଏବଂ ସୁବର୍ଣ୍ଣମଣୀ । ବଂଚିବା ପାଇଁ ଜୀବନର ଶେଷ ସମୟରେ ସୁରକ୍ଷା ମାଗିବାକୁ ଆସିଥିବା ଏହି ଦମ୍ପତିଙ୍କ ଅଭିଯୋଗ ଶୁଣିଛନ୍ତି ଜିଲ୍ଲାପାଳ । ତେବେ ଦୁଇ ପୁଅଙ୍କର ଏ ବାବଦରେ ପ୍ରତିକ୍ରିୟା ମିଳି ପାରିନାହିଁ ।

# ହାତୀ ଆକ୍ରମଣରେ ୨ମୃତ, ୩ ଗୁରୁତର

**ବାରିପଦା, ୨୪।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାରେ ପୁଣି ହାତୀ ଆକ୍ରମଣରେ ପୃଥକ ସ୍ଥାନରେ ୨ଜଣଙ୍କ ମୃତ୍ୟୁ ଘଟିଛି । ଦୀର୍ଘ ଦିନ ଧରି ଉପଦ୍ରବ ମଚାଉଥିବା ଝାଡଖଣ୍ଡୀ ହାତୀପଲ ସମସ୍ତଙ୍କ ନିଦ ହଜାଇଥିବା ବେଳେ ସୋମବାର ସନ୍ଧ୍ୟାରେ ପଶ୍ଚିମବଙ୍ଗ ପଟୁ ଏକ ଦନ୍ତାହାତୀ ହାତୀ ମୟୂରଭଞ୍ଜ ସୀମାକୁ ପ୍ରବେଶ କରି ଦେଉଳି, ରାସଗୋବିନ୍ଦପୁର ଓ ବେତନଟୀ ରେଞ୍ଜ ଅଞ୍ଚଳରେ ଉପଦ୍ରବ ରଚିଛି। ଘଟଣାରେ ଶୁଳିଆପଦା ଥାନା ଅଞ୍ଚଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲରେ ବନବିଭାଗ ଦ୍ୱାରା ଚିକିତ୍ସାଧୀନ ଅଛନ୍ତି । ମୃତକ ଜଣଙ୍କ ହେଲେ ପାକଟିଆ ସୋନପୁରିଆ ଗ୍ରାମର ରଘୁନାଥ ହେମ୍ବ୍ରମ । ଆହତ ଦ୍ୱୟ ହେଲେ ପୋଖରିଆ ଗ୍ରାମର ଲୁସକି ସୋରେନ ଓ ତାଡକି ଗ୍ରାମର ସର୍ବେଶ୍ୱର ସିଂ । ସେହିପରି ଆଜି ସକାଳ ୬ଟା ସମୟରେ ଏହି ଦନ୍ତା ମୋରଡା ଥାନା ଅଧୀନ ଘୋଳମୁହାଁ ପଞ୍ଚାୟତ ଉଲିଡ଼ିହି ଗ୍ରାମର ଜଣେ ମହିଳାଙ୍କର ମଧ୍ୟ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ତୁରାମ ହେମ୍ବ୍ରମଙ୍କ ସ୍ତ୍ରୀ ସାକ୍ରା। ଏହାପରେ ହାତୀଟି ବେତନଟୀ ରେଞ୍ଜରେ ପ୍ରବେଶ କରି ଆଣୁଆ ଗ୍ରାମର ସୁଗା ମହାନ୍ତଙ୍କୁ ଗୁରୁତର ଆହତ କରିଛି । ଆହତଙ୍କୁ ଚିକିତ୍ସା ନିମନ୍ତେ ବନବିଭାଗ ପକ୍ଷରୁ ପିଆରଏମ ମେଡିକାଲ କଲେଜ ଓ ଡାକ୍ତରଖାନାକୁ ନିଆଯାଇଛି ।

# ପ୍ରେମୀଯୁଗଳଙ୍କ ଆତ୍ମହତ୍ୟା

**ରାଇଘର, ୨୪।୯ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲା କୁନ୍ଦେଇ ଥାନା ଅନ୍ତର୍ଗତ ଭୁରୁଖାମହୁଲି ଗ୍ରାମ ନିକଟସ୍ଥ ଜଂଗଲରେ ପ୍ରେମୀଯୁଗଳଙ୍କ ଝୁଲନ୍ତା ଶବ ପୁଲିସ ଉଦ୍ଧାର କରିଛି। ମୃତକ ଦୁଇଜଣ ହେଲେ ରାଇଘର ବ୍ଲକ ଭୁରୁଖାମହୁଲି ଗ୍ରାମର ନାରାୟଣ ଗଣ୍ଡଙ୍କ ପୁଅ ରେମଲାଲ ଗଣ୍ଡ (୧୮) ଏବଂ ଛବିଲାଲ୍ ଗଣ୍ଡଙ୍କ ଝିଅ ଦିକେଶ୍ୱରୀ ଗଣ୍ଡ (୧୬)। ଦୀର୍ଘ ଦିନରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବା ବେଳେ ପରିବାର ଲୋକେ ବିବାହ ପାଇଁ ମନା କରିଥିବାରୁ ଦୁହେଁ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରିଛି। ସୂଚନା ଅନୁଯାୟୀ, ଗତ ରବିବାର ୨୨ ତାରିଖ ଠାରୁ ରେମଲାଲ୍ ଓ ଦିକେଶ୍ୱରୀ ଦୁହେଁ ଘରୁ ବାହାରି ଆଉ ଫେରି ନଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରି ପାଇ ନଥିଲେ। ଆଜି ସକାଳୁ ସେଠାକାର କିଛି ଗ୍ରାମବାସୀ ନିକଟସ୍ଥ ଜଙ୍ଗଲକୁ ଘାସ କାଟିବାକୁ ଯାଇଥିବା ବେଳେ ଏକ ଅଶ୍ୱତଥ ଗଛ ଉପରେ ଦୁଇଜଣଙ୍କ ମୃତଦେହ ଦେଖି ଗ୍ରାମରେ ଆସି ଆଲୋଚନା କରିଥିଲେ। ଏହି କଥା ଶୁଣି ସମ୍ପୃକ୍ତ ଉଭୟ ଯୁବକ ଯୁବତୀଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଶବ ଚିହ୍ନଟ କରିବା ସହ କୁନ୍ଦେଇ ଥାନାରେ ଲିଖିତ ଭାବେ ଜଣାଇଥିଲେ। କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି।

# ପ୍ରକଳ୍ପସ୍ତରୀୟ ଜାତୀୟ ପୋଷଣ ମାସ ପାଳନ

**ବୋରିଗୁମ୍ମା, ୨୪।୯ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ଶିଶୁବିକାଶ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ଟାଉନ ହଲ ଠାରେ ଜାତୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ



ବ୍ଲକର ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ସୁପରଭାଇଜର, ଆଶା କର୍ମୀ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ସିଡିପିଓ ଗାୟତ୍ରୀ ବାହିନୀପତିଙ୍କ ଦ୍ୱାରା ଏହି ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରୋଗ୍ରାମ ଅଫିସର ରେଖାରାଣୀ ବାରିକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଦିଲୀପ କୁମାର ନାଥ, ସରପଞ୍ଚ ତୁଷାର କାନ୍ତ କୁମ୍ଭରିକା, ଏବିଓ ସୁବାଷ ଚନ୍ଦ୍ର ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁମନ୍ତ କୁମାର ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ଥିଲେ । କର୍ମୀ ଓ ସହାୟିକାମାନଙ୍କ ଦ୍ୱାରା ମାଣ୍ଡିଆରେ ତିଆରି ସୁପ୍ ପରିବେଷଣ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳ ଶସ୍ୟରେ ତିଆରି ହୋଇଥିବା କାକରା, ଖିରି, ପିଠା, ମାଣ୍ଡିଆ, ଲଡୁ ଇତ୍ୟାଦି ପୁଷ୍ଟିକର ଖାଦ୍ୟକୁ ପ୍ରଦର୍ଶନ କରାଯାଇଥିଲା। ଅମୃତ ଭଣ୍ଡା କଞ୍ଚା, କଦଳୀ, ଛୁଇଁ, ଶାଗ, ଗାଜର, ବିନ୍ସ ଇତ୍ୟାଦି ପନିପରିବା ସିଝାଇ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ଉପକାର ହୋଇଥାଏ ଏବଂ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ ବୋଲି ପରାମର୍ଶ ଦେଇଥିଲେ। ଏଥିସହ ବ୍ଲକର ବିଭିନ୍ନ ସେଣ୍ଟରରୁ କିଶୋରୀମାନେ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ । ଯୋଗାସନ ମାଧ୍ୟମରେ ଉପସ୍ଥିତ ଗର୍ଭବତୀ ମହିଳା ଓ କିଶୋରୀମାନଙ୍କୁ ସ୍ୱାସ୍ଥ୍ୟର ଯତ୍ନ ନେବାପାଇଁ ଶିକ୍ଷା ଦେଇଥିଲେ।



# ଆଦର୍ଶ ବିଦ୍ୟାଳୟ ଛାତ୍ରୀ ନିବାସ ଉଦ୍‌ଘାଟିତ

**ଭେଡେନ, ୨୪।୯ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଅନ୍ତର୍ଗତ ବରପଦର ଠାରେ ଭେଡେନ ଆଦର୍ଶ ବିଦ୍ୟାଳୟର ଛାତ୍ରୀନିବାସ ମଙ୍ଗଳବାର ଶୁଭ ଉଦଘାଟିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅତାବିରା ନିର୍ବାଚନ ମଣ୍ଡଳୀର ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଲୁହାଖଣ୍ଡି ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମୀରା ମହାକୁର ଏବଂ ସମିତି ସଭ୍ୟା ଶ୍ରୀମତୀ ପଙ୍କଜିନି ପଶାୟତ ମହୋଦୟା, ଭେଡେନ ଅଞ୍ଚଳର ଯୁବ ନେତା ଶ୍ରୀ ସ୍ୱାଧୀନ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

# ଶୌଚାଳୟ ଆବେଦନ ଉପରେ ପ୍ରଶାସନର ଦୃଷ୍ଟି ପଡୁନି

**ପାଟଣାଗଡ, ୨୪।୯ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସ୍ଥାନୀୟ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମରେ ବ୍ୟକ୍ତିଗତ ଶୌଚଳୟ ନିର୍ମାଣ ପାଇଁ ହିତାଧିକାରୀ ମଦନ ମୁଣ୍ଡା ଆର ଡବ୍ଲୁ ଏସ ଏସ ଅଫିସ ରେ ଆବେଦନ କରିଛନ୍ତି । ହେଲେ ଦୀର୍ଘ ୧ ବର୍ଷ ବିତିଯାଇଥିଲେ ସୁଦ୍ଧା ଆବେଦନ କରିଥିବା ହିତାଧିକାରୀଙ୍କ ଘରେ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ ସର୍ଭେ ହୋଇଛି। ସରକାରଙ୍କ ତରଫରୁ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ପାଇଁ ଅନଲାଇନ ମାଧ୍ୟମରେ ହିତାଧିକାରୀମାନେ ଆବେଦନ କରିବା ପାଇଁ ଗାଇଡ ଲାଇନ ରହିଛି । ଆବେଦନ ପରେ ବିଭାଗ ତରଫରୁ ଆବେଦନ କରିଥିବା ହିତାଧିକାରୀଙ୍କ ଘରକୁ ଯାଇ ଶୌଚାଳୟ ପାଇବା ଯୋଗ୍ୟ ନା ଅଯୋଗ୍ୟ ତାହର ରିପୋର୍ଟ ସରକାରଙ୍କୁ ଦାଖଲ କରିଥାନ୍ତି । ଏହା ପରେ ଯୋଗ୍ୟ ହିତାଧିକାରୀ ମାନଙ୍କୁ ଶୌଚାଳୟ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥାଏ । ହେଲେ ଏଠାରେ ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ଦୀର୍ଘ ୧ ବର୍ଷ ବିତିଯାଇଥିଲେ ମଧ୍ୟ ଯୋଗ୍ୟ ହିତାଧିକାରୀଙ୍କ ସର୍ଭେ କରିବା ପରେ ଏପର୍ଯ୍ୟନ୍ତ ବ୍ୟକ୍ତିଗତ ଶୌଚଳୟ ପାଇନଥିବା ମଦନ ମୁଣ୍ଡା ଅଭିଯୋଗ କରିଛନ୍ତି । ଏନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଆର ଡବ୍ଲୁ ଏସ ଏସ ଅଫିସର ବିଆରସି ଫକୀର ମୋହନଙ୍କୁ ଫୋନ ମଧ୍ୟରେ ଯୋଗାଯୋଗ କରିବାରୁ କଲ ଗ୍ରହଣ କରିନଥିଲେ।

# ବଜ୍ରପାତରେ ସୋର୍ଣ୍ଣା ଶିବ ମନ୍ଦିର କୁମ୍ଭ ଭାଙ୍ଗିଲା

**ଭେଡେନ, ୨୪।୯ (ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲାର ପ୍ରସିଦ୍ଧ ଅଷ୍ଟଶମ୍ଭୁ ଶୈବ ପୀଠ ସୋର୍ଣ୍ଣା ସ୍ୱପ୍ନେଶ୍ୱର ଶିବ ମନ୍ଦିରରେ ସୋମବାର ବିଳମ୍ବିତ ରାତିରେ ବଜ୍ରଘାତ ଯୋଗୁଁ ମନ୍ଦିରର କୁମ୍ଭ ଭାଂଗି ଚୁରମାର ହୋଇଯାଇଛି। ମଙ୍ଗଳବାର ଦିନ ପୂର୍ବାହ୍ନରେ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଏହି ବଜ୍ରପାତ ବିଷୟରେ ଦେଖିଥିଲେ।



# ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ସରପଞ୍ଚ

**ସୁବର୍ଣ୍ଣପୁର, ୨୪।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତରଫରୁ ବୀରମହାରାଜ ପୁର ବ୍ଲକରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଅନ୍ୟା ଦାସଙ୍କୁ ଭେଟି ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ ସାମୁହିକ ଉନ୍ନୟନ ପ୍ରକଳ୍ପ ମଞ୍ଜୁରୀରେ ହେଉଥିବା ଅହେତୁକ ବିଳମ୍ବ ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଜୀବନ ଜୀବିକା ବୃଦ୍ଧି ପାଇଁ ବ୍ୟକ୍ତିଗତ ସହାୟତା ପ୍ରକଳ୍ପ ମଞ୍ଜୁରୀ ପାଇଁ ପ୍ରଶାସନର ଟାଳଟୁଳ ନୀତି ଯୋଗୁଁ ସେ ଜନତା ଓ ୱାର୍ଡ ମେମ୍ବରଙ୍କ ଅସନ୍ତୋଷକୁ ସାମ୍ନା କରୁଥିବା ଓ ନିର୍ବାଚନ ପ୍ରତିଶ୍ରୁତି ପାଳନରେ ନିଜର ବିଫଳତା ନେଇ ଆପତ୍ତି ସମ୍ମିଳିତ ଅଭିଯୋଗ କରିଥିଲେ । ଜିଲ୍ଲାପାଳ



ଉଫୁଲା ଗ୍ରାମ ପଂଚାୟତର ଉନ୍ନୟନ ପ୍ରକଳ୍ପ ସମୂହ ଯଥାର୍ଥତା ଭିତ୍ତିରେ ଶୀଘ୍ର ମଞ୍ଜୁରୀ ପାଇଁ ପ୍ରଶାସନିକ ନିର୍ଦ୍ଦେଶ ଦେଇଥିଲେ । ସରପଞ୍ଚ ପ୍ରଶାସନ ସହ କରିଥିବା ବିଭିନ୍ନ ସମୟର ପତ୍ରାଳାପ କପି ସମୂହ ସଂଲଗ୍ନ କରି ନୂତନ ଆପତ୍ତି ସମ୍ମିଳିତ ଅଭିଯୋଗ ପ୍ରଦାନ କରି ଥିଲେ। ଜିଲ୍ଲାପାଳ ତାଙ୍କ ଆପତ୍ତିର ଆଶୁ ପଦକ୍ଷେପ ଗ୍ରହଣ କରିଥିବା ସରପଞ୍ଚ ଶ୍ରୀୟା କର୍ମୀ ପ୍ରକାଶ କରିଛନ୍ତି ।



## ନିଆରା ଢଙ୍ଗରେ ବିଧାୟକଙ୍କ ଜନ୍ମଦିନ ପାଳିଲେ ଯୁବ ସମାଜସେବୀ

**କେନ୍ଦ୍ରାପଡ଼ା,୨୪।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ବିଧାୟକ ଗଣେଶ୍ୱର ବେହେରାଙ୍କ ଜନ୍ମଦିନ ଅବସରରେ ଦୁହୁରିଆସ୍ଥିତ କୁଷ୍ଠାଶ୍ରମର ଅଧିବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରି ନିଆରା ଢଙ୍ଗରେ ଜନ୍ମଦିନ ପାଳନ କଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବ୍ଲକ ଚେୟାରମ୍ୟାନ୍ ରଶ୍ମିତା ସେଠି, ରତିକାନ୍ତ ସାମଲ, ପର୍ଭେଜ ଅଖତର, ଜ୍ଞାନରଞ୍ଜନ ସାହୁ, ସୁବାଷ ମାହାଳିକ, ସୌମ୍ୟରଞ୍ଜନ ବେହୁରା, ଦୀପକ ଦାସ, ବିଚିତ୍ର ଲେଙ୍କା ଓ ରଞ୍ଜନ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରାଣନାଥ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ

**ଖୋର୍ଦ୍ଧା, ୨୪।୯ (ସଂଚାର ବ୍ୟୁରୋ):** ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ଉପଲକ୍ଷେ ଅଧ୍ୟକ୍ଷ ପ୍ରଣବ କିଶୋର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ଡ଼ଃ ପ୍ରମୋଦ ଚନ୍ଦ୍ର ଦାଶ, ପ୍ରତିଷ୍ଠାତା ଆମରି ସତ୍ୟ ତଥା ପ୍ରାକ୍ତନ ଅଧ୍ୟକ୍ଷ, ବେଗୁନିଆ କଲେଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମାଜିକ ସେବା ମାଧ୍ୟମରେ ଛାତ୍ରଛାତ୍ରୀମାନେ କିପରି ସଫଳ ବ୍ୟକ୍ତିତ୍ୱର ବିକାଶ ହେବ ତାହା ପାଇଁ ଏବେ ଠାରୁ ଯତ୍ନବାନ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଛାତ୍ରଛାତ୍ରୀ ମାନଙ୍କ ଚରିତ୍ର ଗଠନର ଓ ସର୍ବୋପରି ସେବା ମନବୃତ୍ତିର ବିକାଶ ଦେଶ ଗଠନରେ ସାହାଯ୍ୟ କରିବ ବୋଲି ମତ ବ୍ୟକ୍ତ କରିଥିଲେ. ଅଧ୍ୟକ୍ଷ, ଶ୍ରୀଯୁକ୍ତ ମହାନ୍ତି ଜାତୀୟ ସେବା ଯୋଜନାର କାର୍ଯ୍ୟକଳାପ ଓ ସାମାଜିକ କାର୍ଯ୍ୟ କିପରି ଆଗକୁ ବଢିପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟର ଏନ ଏସ ଏସ ପ୍ରୋଗ୍ରାମ ଅଧିକାରୀ ଅଲିଭା ବେହୁରା , ଅନ୍ୟତମ ପ୍ରୋଗ୍ରାମ ଅଫିସର ରବି ନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ପୂର୍ବତନ ଏନ ଏସ ଏସ ସ୍ୱେଚ୍ଛାସେବୀ ଅବିନାଶ ଦଳେଇ, ଶୁଭମ ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।




# ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ଉତ୍ସବ

**କଳାହାଣ୍ଡି, ୨୪।୯ (ସଂଚାର ବ୍ୟୁରୋ) :** ଜୁନାଗଡ ସହରରେ ଐତିହାସିକ କାଳରୁ ପାଳିତ ହୋଇଆସୁଛି ମା' ଲଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଖଣ୍ଡାବସା ଉତ୍ସବ। କଳାହାଣ୍ଡି ଜିଲ୍ଲାର ପୁରାତନ ରାଜଧାନୀ ଭାବେ ଜୁନାଗଡ ସହର ପରିଚିତ। ଜିଲ୍ଲାର ମନ୍ଦିର ମାଳିନୀ ସହର ଭାବେ ମଧ୍ୟ ଜୁନାଗଡ ସହର ଖ୍ୟାତି ଅର୍ଜନ କରିଛି। ଛଅକୋଡି ବନ୍ଧ ଓ ନଅକୋଡି ତୋଟା ପରିବେଷ୍ଟିତ ଏହି ଐତିହାସିକ ସହରର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଲଙ୍କେଶ୍ୱରୀ। ମା'ଙ୍କ ବାରମାସରେ ତେରପର୍ବ ପାଳିତ ହୁଏ। ସେଥିମଧ୍ୟରୁ ଖଣ୍ଡାବସା ପର୍ବ ପ୍ରସିଦ୍ଧି ଲାଭ କରିଛି। ଜୁନାଗଡ ସହର ବଙ୍ଗଳାଛକ ନିକଟରେ ଦୀର୍ଘ ଦଶନ୍ଧି ଧରି କୁଳଦେବୀ ଭାବେ ମା' ଲଙ୍କେଶ୍ୱରୀ ପୂଜା ପାଇ ଆସୁଛନ୍ତି।

ପୂର୍ବକାଳରେ ନାଗବଂଶୀୟ ରାଜାମାନେ ଲଙ୍କେଶ୍ୱରୀଙ୍କ ପବିତ୍ର ଖଣ୍ଡାବସା ଉତ୍ସବକୁ ପ୍ରତିବର୍ଷ ମହାସମାରୋହରେ ପାଳନ କରିଆସୁଥିଲେ ବୋଲି କୁହାଯାଏ। ସେହି ପରମ୍ପରା ବର୍ତ୍ତମାନ ମଧ୍ୟ ନିରବଚ୍ଛିନ୍ନ ଭାବେ ଉତ୍ସାହ ଉଦ୍ଦିପନା ସହ ଚାଲିଆସୁଛି। ଆଶ୍ୱିନ ମୂଳାଷ୍ଟମୀ ଦିନ ଦେବୀଙ୍କ ଖଣ୍ଡାବସା ପର୍ବ ଅନୁଷ୍ଠିତ ହୁଏ। ଦେବୀଙ୍କ ଖଡ୍ଗ ବା ଖଣ୍ଡା ହେଉଛି ଶକ୍ତି ଓ ସୌର୍ଯ୍ୟର ପ୍ରତୀକ। ସେଥିପାଇଁ କେଉଁ ଆବାହନ କାଳରୁ ରାଜାମାନେ ଦେବୀ ଉପାସନା କରିବା ସହିତ ଶକ୍ତି ଓ ଶୌର୍ଯ୍ୟର ପ୍ରତୀକ ରୂପେ ଖଣ୍ଡାକୁ ପୂଜା କରିଆସୁଛନ୍ତି। ଏହି ପର୍ବ ପୂର୍ବରୁ ଖଣ୍ଡାକୁ ବାହାର କରି ମାର୍ଜନା କରାଯାଏ ଓ ଶୁଦ୍ଧପୂତ କରି ଅକ୍ଷତ ଅରୁଆ ଚାଉଳ ଉପରେ ଥୋଇ ପୂଜାର୍ଚ୍ଚନା କରାଯାଏ।



ତା'ପରେ ଏହାକୁ ମା'ଙ୍କ ସିଂହାସନ ପାଖରେ ରଖାଯାଇଥାଏ। କଳାହାଣ୍ଡି ମହାରାଜା ହେଉଛନ୍ତି ଏହି ପର୍ବର ମୁଖ୍ୟ ପୁରୋଧା।

ପର୍ବ ପାଳନର ପୂର୍ବଦିନ ସେ ଭବାନୀପାଟଣା ରାଜବାଟୀରୁ ଜୁନାଗଡ ଆସି ଡାକବଙ୍ଗଳାରେ ସପରିବାର ଉପସ୍ଥିତ ହୋଇଥାନ୍ତି। ଲୋକେ ତାଙ୍କୁ ବାଜା ରୋଶଣିରେ ପାଛୋଟି ଆଣନ୍ତି ଡାକ ବଙ୍ଗଳାକୁ। ପୂର୍ବରୁ କଳାହାଣ୍ଡି ମହାରାଜ ଜୁନାଗଡକୁ ଆସିଲେ ଏହି ପୁରାତନ ଡାକବଙ୍ଗଳାରେ ଅବସ୍ଥାନ କରୁଥିଲେ। ସେହି ପରମ୍ପରା ଅନୁସାରେ ଉତ୍ସବ ଦିନ ରାଜ ପରିବାର ଡାକବଙ୍ଗଳାରେ ରହିଥାନ୍ତି। ଲଙ୍କେଶ୍ୱରୀ ମନ୍ଦିର ନିକଟ ବୁଢାରଜା ମନ୍ଦିରରୁ ସଙ୍ଗୁଆରୀ ଖଣ୍ଡା ଓ ଲଙ୍କେଶ୍ୱରୀ ମନ୍ଦିରରୁ ପାଟଖଣ୍ଡା ଡାକବଙ୍ଗଳା ପରିସରରେ ନିର୍ମିତ ହୋଇଥିବା ଅସ୍ଥାୟୀ କୁଡିଆକୁ ପୂଜକ ଆଣନ୍ତି। ପରେ ସ୍ୱର୍ଣ୍ଣକାର ଦୁଇଟି ଖଣ୍ଡାକୁ ମାର୍ଜନା କରିବା ପରେ ଏକ ଶୋଭାଯାତ୍ରାରେ ପୂଝାରୀ ଖଣ୍ଡାକୁ ମନ୍ଦିରରେ ପ୍ରବେଶ କରାଇବା ପରେ ରାଜା ମନ୍ଦିରକୁ ଆସନ୍ତି। ସେଠାରେ ଦେବୀଙ୍କ ଖଣ୍ଡାବସା ପୂଜା ନିମିତ୍ତ ଷୋଡଶ କଳସ ସ୍ଥାପନ ପୂର୍ବକ ପଣ୍ଡିତମାନଙ୍କୁ ଯଥା ଯୋଗ୍ୟ ବରଣ କରି ପାଟଖଣ୍ଡାକୁ ଦେବୀଙ୍କ ପାର୍ଶ୍ୱରେ ଥିବା ଚାଉଳ ଉପରେ ଉପବେଶନ କରାନ୍ତି। ପରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୁଏ। ବାମ ଓ ଦକ୍ଷିଣ ପାର୍ଶ୍ୱରେ ସ୍ଥାପନ ପୂର୍ବକ ଶକ୍ତି ପୂଜା ଓ ତନ୍ତ୍ର ପୂଜା ମାଧ୍ୟମରେ ପୂଜା ପାଠ କରନ୍ତି। ପରେ ଅଖଣ୍ଡ ଓ ମହାଯୋଗ ନାମକ ଦୁଇଟି ଦୀପକୁ ପ୍ରଜ୍ୱଳନ କରନ୍ତି। ଲୋହିତ ପାଟବସ୍ତ୍ର ସୁଶୋଭିତା, ମନ୍ଦାର ମାଳା ବିମଣ୍ଡିତା ଦେବୀଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରନ୍ତି। ଧୂପଦୀପ, ନୈବେଦ୍ୟ ଅର୍ପଣ ପରେ ଲଙ୍କେଶ୍ୱରୀଙ୍କ ପୂଜକ ପାଟଗଡରା ନାମକ ପଶୁ (ମେଷ) ଓ ମହାପଶୁ(ପୋଢ) ମା'ଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଏ। ଏହାପରେ ଜନସାଧାରଣ ଆଳତି ଦର୍ଶନ କରନ୍ତି, ପୂଜା ସମାପନ ହୁଏ। ଖଣ୍ଡାବସା ସାରି ମହାରାଜା ଲଙ୍କେଶ୍ୱରୀଙ୍କ ପାର୍ଶ୍ୱଦେବତା ଶ୍ରୀ ଶ୍ରୀ ବୁଢାରଜା ଲିଙ୍ଗକୁ ପୂଜାର୍ଚ୍ଚନା ପାଇଁ ବୁଢାରଜାଙ୍କ ମନ୍ଦିରକୁ ବିଜେ କରନ୍ତି। ବୁଢାରଜାଙ୍କ ପୂଜା ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ହୁଏ। ଏଥିପାଇଁ ପୂଜକ, ପୂଝାରୀ, ସୁଆର, ବୋଉଦ, ଫୁଲବାଲା, ବାଜାବାଲା, ଘଣ୍ଟୁଆ, ଶଙ୍ଖୁଆ ବଂଶାନୁକ୍ରମେ ଦେବୀଙ୍କ ସେବା କରିଆସୁଛନ୍ତି।

### ଉତ୍ସବର ମାହୋଲ

ଖଣ୍ଡାବସା ରାତିରେ ହସିଉଠେ ଜୁନାଗଡ ସହର। ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ଜିଲ୍ଲା ବାହାରୁ ଏପରିକି ରାଜ୍ୟ ବାହାରରୁ ବହୁ ଦର୍ଶକ, ଶ୍ରଦ୍ଧାଳୁ ଏହି ପର୍ବ ଦେଖିବାକୁ ଆସିଥାନ୍ତି। ଅତୀତରେ ପଡୋଶୀ ଛତିଶଗଡ ରାଜ୍ୟ ଲୋକଙ୍କ ମଧ୍ୟ ଏହା ପ୍ରିୟ ଉତ୍ସବ ଥିଲା। ପାର୍ବଣ ସମୟରେ ସେଠାରୁ ଅନେକ ବ୍ୟବସାୟୀ ଏଠାକୁ ଆସନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନୃତ୍ୟଗୀତ ପ୍ରତିଯୋଗିତା, ଘୁମୁରା ପ୍ରତିଯୋଗିତା, ଘୋଡାନାଚ, ଫୁଟବଲ ପ୍ରତିଯୋଗିତା, ନାଟକ, କୀର୍ତ୍ତନ ପରିବେଷଣ ହୋଇଥାଏ। ମଙ୍ଗଳବାର ମା'ଙ୍କ ଖଣ୍ଡାବସା ପର୍ବ ପାଳନ ହେଉଥିବାରୁ ଜୁନାଗଡ ସହର ଚଳଚଞ୍ଚଳ ହୋଇଉଠିଥିଲା।



# ଭୂମିଜ ଭାଷା ଓ ଜାତିକୁ ଅବହେଳା ପ୍ରତିବାଦରେ ଗଣସମାବେଶ

**ବୈଶିଙ୍ଗା, ୨୪।୯ (ସଂଚାର ବ୍ୟୁରୋ):** ଭାରତୀୟ ଆଦିବାସୀ ଭୂମିଜ ସମାଜ ଓଡ଼ିଶା ଶାଖା ଆନୁକୂଲ୍ୟରେ ବୈଶିଙ୍ଗା ଥାନା ଅନ୍ତର୍ଗତ ପାଙ୍ଗପୁରା ଠାରେ ପାଇକ ସିଂଙ୍କ ଆବାହକତ୍ୱରେ ଏକ ଗଣସମାବେଶ ଅନୁଷ୍ଠିତ ହୋଇଥିଲା । ଭାରତୀୟ ଆଦିବାସୀ ଭୂମିଜ ସମାଜର ଉପାଧ୍ୟକ୍ଷ ନୀଳକଣ୍ଠ ସିଂ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ବହୁ ନିଷ୍ପତ୍ତି ଗ୍ରହଣ କରଯାଇଥିଲା। ଓଡ଼ିଶା ସରକାର ଆଦିବାସୀଙ୍କର ଭାଷାର ସୁରକ୍ଷା ପାଇଁ ବହୁଭାଷି ଶିକ୍ଷଣ ପ୍ରକ୍ରିୟାରେ ଭାଷା ଭିତ୍ତିକ ଶିକ୍ଷକ ନିଯୁକ୍ତି କରିବା ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି ସତ ମାତ୍ର କ୍ଷୋଭର ବିଷୟ ଯେ ଭୂମିଜ ମାନେ ୨୦୧୪ ମସିହା ଠାରୁ ବାରମ୍ବାର ଆନ୍ଦୋଳନ କରୁଥିଲେ ମଧ୍ୟ ସରକାର ତାଙ୍କ ଦାବୀ ପ୍ରତି କର୍ଣ୍ଣପାତ କରୁନାହାନ୍ତି । ଏବେ ନୂଆ ସରକାରଙ୍କ ମଙ୍ଗ ଧରିଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୂମିଜମାନଙ୍କ ଦାବୀ ପ୍ରତି ଯତ୍ନବାନ ହେବାକୁ ନେଇ ସମଗ୍ର ଭୂମିଜ ସମାଜ ଆଶାବ୍ୟକ୍ତ କରିଛନ୍ତି । ଆଗାମୀ ଦିନରେ ଯଦି ଭୂମିଜ ମାନଙ୍କର ଭାଷା ସୁରକ୍ଷା ପାଇଁ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ କୌଣସି ଟାଳଟୁଳ ନୀତି ଅବଲମ୍ବନ ନ କରନ୍ତି ତେବେ ଆଦିବାସୀ ଭୂମିଜ ସମାଜ ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଏହି ସମାବେଶରେ ମତ ପ୍ରକାଶ ପାଇଥିଲା । ଏହି ସମାବେଶରେ ରଥିଆ ସିଂ, ବାଙ୍ଗୁରୁ ସିଂ, ରଘୁନାଥ ସିଂ, ସନିଆ ସିଂ, ମଙ୍ଗୁ ସିଂ, ନରୋତ୍ତମ ସିଂ, ମୁନ୍ନା ସିଂ, କଟିଆ ସିଂ, ଚିତ୍ତ ସିଂ, ବଳରାମ ସିଂ, ସୁଶାନ୍ତ ସିଂ, ଭଞ୍ଜ ସିଂଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ଏହିଭଳି ପ୍ରତିବାଦ ସଭା ଅନୁଷ୍ଠିତ ହେବ ବୋଲି ପାଇକ ସିଂ ମତ ପୋଷଣ କରିଥିଲେ।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ୨ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

# ସର୍ବୋତ୍ତମ ଶିକ୍ଷାଦାନ ପ୍ରଣାଳୀକୁ ସରକାରଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୨୪।୯(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଓଡିଶାର ଦୁଇ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ କୃତୀ ଶିକ୍ଷକ ଡ. ଦ୍ୱିତି ଚନ୍ଦ୍ର ସାହୁ ଏବଂ ସନ୍ତୋଷ କୁମାର କରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା ଅବସରରେ ସେମାନଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୨୪ ଜାତୀୟ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଓଡିଶାରୁ ଏହି ଦୁଇ ଜଣ କୃତୀ ଶିକ୍ଷକ ସ୍ଥାନ ପାଇବା ଆମ ପାଇଁ ଗର୍ବର ବିଷୟ। ବିଜ୍ଞାନ ଶିକ୍ଷକ ଶ୍ରୀ ସନ୍ତୋଷ କୁମାର କର ଅଭିନବ ଶିକ୍ଷା ପଦ୍ଧତିର ପ୍ରୟୋଗରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ବିଜ୍ଞାନ ଶିକ୍ଷାକୁ ସହଜ ଉପାୟରେ ପିଲାମାନଙ୍କୁ ବୁଝାଇ ଜଣେ ସୁନାମଧନ୍ୟ ଓ ଆଦର୍ଶ ଶିକ୍ଷକ ଭାବେ ନିଜକୁ ପ୍ରତିପାଦିତ କରିଛନ୍ତି। ସେହିଭଳି କଳା ଶିକ୍ଷକ ଡ. ଦ୍ୱିତି ଚନ୍ଦ୍ର ସାହୁ ଆମୋଦପୂର୍ଣ୍ଣ ଶିକ୍ଷାଦାନ ସହିତ ଶିକ୍ଷାରେ ଜନ ଜାତି ସଂସ୍କୃତି ଓ କଳାକୁ ପ୍ରଦର୍ଶିତ



କରିବା ଏକ ପ୍ରଶଂସନୀୟ କାର୍ଯ୍ୟ। ଉଭୟଙ୍କର ଏହି ଉଚ୍ଚ ଆଦର୍ଶ ଓ ଉଦ୍ୟମ ବଳରେ ସେମାନେ ଆଜି ଜାତୀୟ ସ୍ତରରେ ପ୍ରଶଂସନୀୟ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ସର୍ବୋତ୍ତମ ପ୍ରଣାଳୀ ଆଣିବା ପାଇଁ ଆମ ସରକାର ଚେଷ୍ଟା ଜାରି ରଖିଛନ୍ତି। ଶିକ୍ଷା ଭିତ୍ତିଭୂମିର ସୁଦୃଢ଼ି କରଣ ପାଇଁ ବଜେଟ୍‌ରେ ମଧ୍ୟ ବ୍ୟବସ୍ଥା କରାଯାଇଛି। ପ୍ରାଥମିକ ସ୍ତରରେ ପିଲାମାନଙ୍କ ମୂଳଦୁଆକୁ ମଜବୁତ୍ କରିବା ପାଇଁ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ' ଖୋଲାଯିବ। ଏହି ବିଦ୍ୟାଳୟ ଗୁଡିକ ପ୍ରାଥମିକ ସ୍ତରରେ ପିଲାଙ୍କ ମେଧା ଶକ୍ତିର ପରିସ୍ଫୁଟନ କରି ସେମାନଙ୍କୁ ଉଚ୍ଚ ବିଦ୍ୟାଳୟକୁ ଛାଡିବ। ଆଗାମୀ ଦିନରେ ଏହା ଆମର ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ସନ୍ତୋଷ କୁମାର କର କଳାହାଣ୍ଡି ଜିଲ୍ଲା ନର୍ଲା ରୋଡ ଜୟ ଦୁର୍ଗା ହାଇସ୍କୁଲରେ ବିଜ୍ଞାନ ଶିକ୍ଷକ ଥିବା ବେଳେ ଡ. ଦ୍ୱିତି ଚନ୍ଦ୍ର ସାହୁ ରାୟଗଡ଼ା ଜିଲ୍ଲା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ବିଲେସୁ ସରକାରୀ ଉଚ୍ଚ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ ଯେ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଭଲ ନାଗରିକ ଭାବେ ଗଢ଼ି ତୋଳିବା ହେଉଛି ଆମ ଶିକ୍ଷକ ସମାଜର ଦାୟିତ୍ୱ। ସନ୍ତୋଷ କୁମାର କର ଏବଂ ଦ୍ୱିତି ଚନ୍ଦ୍ର ସାହୁ ହେଉଛନ୍ତି ଶିକ୍ଷା ଦାନ କ୍ଷେତ୍ରରେ କାମ କରୁଥିବା ସମସ୍ତଙ୍କ ପାଇଁ ପ୍ରେରଣା। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁ ପଦ ସେଠୀ କାର୍ଯ୍ୟକ୍ରମରେ କୃତୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।




## ଭରତପୁର ଥାନାରେ ଲାଗିଲା ସିସିଟିଭି

ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ): ମେଜର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ନେଇ ବିବାଦରେ ଥିବା ଭରତପୁର ଥାନାରେ ମଙ୍ଗଳବାର ଲାଗିଛି ସିସିଟିଭି। ଏହାଦ୍ୱାରା ଥାନା ଭିତରେ ଘଟୁଥିବା ସବୁ ଦୃଶ୍ୟ ରେକର୍ଡ ହୋଇପାରିବ। ଲୋକମାନେ ଥାନାକୁ ଅଭିଯୋଗ ପାଇଁ ଆସିଲେ ପୁଲିସ ସେମାନଙ୍କ ଅଭିଯୋଗ ଶୁଣୁଛି କି ନାହିଁ, ଥାନାରେ ଲୋକମାନେ ନିର୍ଯାତନାର ଶିକାର ହେଉଛି କି ନାହିଁ ସବୁ ସତ ଜଣାପଡ଼ିବ। ଏହି ଥାନାରେ ସିସି ଟିଭି ଭଙ୍ଗାରୁଜା ଅବସ୍ଥାରେ ପଡ଼ିଥିବାର ଦୃଶ୍ୟ ଗଣମାଧ୍ୟମରେ ପ୍ରକାା ପାଇଥିଲା। ଏହାବ୍ୟତିତ ସୋମବାର ହାଇକୋର୍ଟ ଭରତପୁର ଥାନା ମାମଲାର ଶୁଣାଣି ସମୟରେ ସବୁ ଥାନାରେ ସିସିଟିଭି ଲଗାଇବା ଲାଗି ଏଡିଜିଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

କୋର୍ଟଙ୍କ ନିର୍ଦ୍ଦେଶ ଓ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ପୋଲି ବାବୁମାନଙ୍କର ନିଦ ଭାଙ୍ଗିଛି। ଏହି ଥାନାରେ ୨୫ ସିସିଟିଭି ଲଗାଇବାର ବ୍ୟବସ୍ଥା ରହିଛି। ହେଲେ ଆଜି ୧୬ ସିସିଟିଭି ଲଗାଯାଇଛି। ଥାନାରେ ଭିତରେ ଓ ବାହାରେ ଏହି ସିସିଟିଭି ଲାଗିଛି। ଖୁବ୍ ଶୀଘ୍ର ବାକି ସମସ୍ତ ସିସିଟିଭି ଲାଗିବ ବୋଲି ସୂଚନା ମିଳିଛି।

# ବଜ୍ରପାତରେ ସ୍କୁଲ୍ କାନ୍ଥ ଫାଟିଲା



**କଟକ,୨୪।୯(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଆଠଗଡ଼ ବ୍ଲକ୍ ତୋଟାପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବଜ୍ରପାତ ହେବାରୁ ଜଣେ ପାଚିକା ଗୁରୁତର ଆହତ ହୋଇଛନ୍ତି। ତେବେ ସୌଭାଗ୍ୟ ବଶତଃ କୌଣସି ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କର କିଛି ହୋଇନାହିଁ। ଆଜି ସ୍କୁଲ୍‌ରେ ପାଠପଢ଼ା ଚାଲିଥିବା ବେଳେ ଘଡ଼ଘଡ଼ି ସହିତ ବର୍ଷା ହୋଇଥିଲା। ସେହି ସମୟରେ ସ୍କୁଲର ଗୋଟିଏ କୋଠରୀରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଚାଲିଥିଲା। ସେଠାରେ ପ୍ରାୟ ୩୫ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଆଉ ସେହି ଶ୍ରେଣୀ ଗୃହ ଉପରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଉକ୍ତ ଶ୍ରେଣୀ ଗୃହର ଫ୍ୟାନ୍ ଛିଣ୍ଡି ତଳେ ପଡ଼ିଯିବା ସହିତ ବିଦ୍ୟୁତ୍ ବୋର୍ଡ ଓ ତାର ପୋଡ଼ି ଯାଇଛି। ତା' ସହିତ ଶ୍ରେଣୀ ଗୃହର କାନ୍ଥ ଫାଟି ଯାଇଛି। ତେବେ କୌଣସି ଛାତ୍ରଛାତ୍ରୀଙ୍କର କିଛି ହୋଇ ନାହିଁ। ସେମାନେ ସୁରକ୍ଷିତ ଅଛନ୍ତି। କିନ୍ତୁ ରୋଷେଇ ଘରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଥିବା ପାଚିକା ଶାନ୍ତିଲତା ମହାନ୍ତି ଆହତ ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍କୁଲର ଅନ୍ୟାନ୍ୟ ଶ୍ରେଣୀ ଗୃହରେ ଲାଗିଥିବା ଫ୍ୟାନ, ଲାଇଟ୍ ଓ ବିଦ୍ୟୁତ୍ ତାର ପୋଡ଼ି ଯାଇଛି। ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଲତା ଦେଇ କହିଛନ୍ତି ଯେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାଙ୍କ ପରୀକ୍ଷା ଚାଲିଥିବା ବେଳେ ଏହି ଘଟଣା ଘଟିଥିଲା। ସେ ନିଜେ ଶ୍ରେଣୀ ଗୃହରେ ଉପସ୍ଥିତ ଥିଲେ। ପ୍ରଥମ ବିଜୁଳି ମାରିବାରୁ ସେ ଶ୍ରେଣୀ ଗୃହର ଫ୍ୟାନ୍ ଓ ଲାଇଟ୍ ସୁଇଚ୍ ବନ୍ଦ କରି ଦେଇଥିଲା। ତା' ସହିତ ପିଲାଙ୍କୁ କାନ୍ଥରୁ ଦୂରେଇ ବସିବାକୁ କହିଥିଲେ। କିନ୍ତୁ ତା' ପରେ ପରେ ଜୋରରେ ଏକ ବିଜୁଳି ମାରିଥିଲେ। ସେମାନେ ସମସ୍ତେ ଥରି ଯାଇଥିଲେ। ବିଦ୍ୟୁତ୍ ବୋର୍ଡ ପୋଡ଼ି ଧୂଆଁ ବାହାରି ଯାଇଥିଲା। ସେ ପିଲାମାନଙ୍କ ଧରି ତୁରନ୍ତ ସେହି ଶ୍ରେଣୀ ଗୃହରୁ ବାହାରି ଯାଇଥିଲେ।

### ଇସ୍ପାତ ଓ ଖଣି ବିଭାଗର ସମୀକ୍ଷା

# ଖଣି ଚୋରି ରୋକିବାକୁ ପଦକ୍ଷେପ ନିଅ



**ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଇସ୍ପାତ ଓ ଖଣି ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରି ଖଣିଭିତ୍ତିକ ଶିଳ୍ପାନୁଷ୍ଠାନ ପାଇଁ ଖଣି ଗୁଡ଼ିକର ସୁପରିଚାଳନା କରି ଉତ୍ପାଦନ ବୃଦ୍ଧି କରିବା ପାଇଁ ଗୁରୁତ୍ୱ ଆରୋପ କରିଛନ୍ତି। ରାଜ୍ୟରେ ଖଣି ରାଜସ୍ୱର ଅଭିବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବେନିୟମ ଖଣି ଖନନ ଓ ଖଣିଜ ପଦାର୍ଥର ଚୋରିକୁ ରୋକିବା ପାଇଁ ଅଧିକ ମାନବ ସମ୍ବଳ ସହିତ ପ୍ରବର୍ତ୍ତନ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ସେ ପରାମର୍ଶ ଦେଇଥିଲେ । ଲଘୁ ଖଣିଜ ପଦାର୍ଥ କ୍ଷେତ୍ରରେ ଅଧିକ ଲିଜ୍ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ସୂଚନାଯୋଗ୍ୟ, ରାଜ୍ୟରେ ପରିଲକ୍ଷିତ ଭୂତାତ୍ତ୍ୱିକ ସମ୍ଭାବନା ଅଞ୍ଚଳ ୫୫,୦୦୩ ବର୍ଗ କିଲୋମିଟର। କ୍ରୋମାଇଟ୍, ବକ୍ସାଇଟ୍, ଲୌହ ପଥର ଭଳି ଖଣିଜ ପଦାର୍ଥ ଉତ୍ପାଦନ କ୍ଷେତ୍ରରେ ଓଡିଶା ଦେଶରେ ଏକ ନମ୍ବର। କୋଇଲା ଉତ୍ପାଦନ କ୍ଷେତ୍ରରେ ଦ୍ୱିତୀୟ ଓ ମାଙ୍ଗାନିଜ ଉତ୍ପାଦନରେ ରାଜ୍ୟ ତୃତୀୟ ସ୍ଥାନରେ ଅଛି।

ବୈଠକରେ ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଖଣି ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସମୀକ୍ଷାରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଆଗାମୀ ଲକ୍ଷ୍ୟ ବାବଦରେ ସୂଚନା ଦେଇଥିଲେ।

## ସ୍କୁଲ ପ୍ରସ୍ତୁତ କରିବ ପ୍ରଶ୍ନପତ୍ର




ଭୁବନେଶ୍ୱର, ୨୪।୯(ସଂଚାର ବ୍ୟୁରୋ): ଦଶମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷାକୁ ନେଇ ଦ୍ୱନ୍ଦ୍ୱ ଦୂର କଲା ମାଧ୍ୟମିକ ଶିକ୍ଷା ପରିଷଦ ବିଏସ୍‌ଇ। ଷାଣ୍ମାସିକ ପରୀକ୍ଷା କରିବାକୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖିଲା ବୋର୍ଡ। ତେବେ ଗତ ବର୍ଷ ଭଳି ଏଥର ପ୍ରଶ୍ନପତ୍ର ବୋର୍ଡ ଯୋଗାଇବ ନାହିଁ। ସ୍କୁଲ କର୍ତ୍ତୃପକ୍ଷ ନିଜସ୍ୱ ପ୍ରଶ୍ନପତ୍ର ପ୍ରସ୍ତୁତ କରିପାରିବେ। ପରୀକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି ବୋର୍ଡ।

## ଭରତପୁର ପରେ ବାଲିପାଟଣା ଥାନାରେ ମାଡ଼

**ଭୁବନେଶ୍ୱର, ୨୪।୯(ସଂଚାର ବ୍ୟୁରୋ):** ପୁଣି ପୁଲିସ ନାଁରେ ସାଂଘାତିକ ଅଭିଯୋଗ। ଭୁବନେଶ୍ୱର ଭରତପୁର ଥାନା ପରେ ବାଲିପାଟଣା ଥାନା ନାଁରେ ଉଠିଛି ଅଭିଯୋଗ। ସେପ୍ଟେମ୍ବର ୧ ତାରିଖରେ ବାଲିପାଟଣା ଥାନାରେ ଜଣେ ବ୍ୟକ୍ତିଙ୍କୁ ଥାନା ଅଧିକାରୀ ମାଡ଼ ମାରିଥିବା ଅଭିଯୋଗ ଆସିଛି। ଅଭିଯୋଗ ଅନୁଯାୟୀ, ଏକ ଘଟଣାକୁ କେନ୍ଦ୍ରକରି ବାଲିପାଟଣା ଥାନା ଘେରାଉ ପାଇଁ ସ୍ଥାନୀୟ ବାସିନ୍ଦା ମେଳି କରିଥିଲେ। ସେହି ସମୟରେ ବିଜୟ କୁମାର ଷଡଙ୍ଗୀ ନାମକ ବ୍ୟକ୍ତି ଉତ୍ତ୍ୟକ୍ତ ଲୋକଙ୍କୁ ଥାନା ଘେରାଉ ନକରିବାକୁ ବୁଝାସୁଝା କରୁଥିଲେ। ହେଲେ ଘଟଣାସ୍ଥଳରେ ପୁଲିସ ପହଞ୍ଚି




ଥାନାକୁ ବିଜୟଙ୍କୁ ନେଇଯାଇଥିଲା। ସେଠାରେ ସବ-ଇନ୍ସପେକ୍ଟରଙ୍କ ସମେତ ଖୋଦ ଥାନା ଅଧିକାରୀ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି ବିଜୟ। ଏ ନେଇ ଡେପୁଟି କମିସନରଙ୍କଠାରୁ ଆରମ୍ଭ କରି ପୁଲିସ ମହା ନିର୍ଦ୍ଦେଶକଙ୍କୁ ଭେଟିଛନ୍ତି ଅଭିଯୋଗକାରୀ ବିଜୟ। ନ୍ୟାୟ ନ ମିଳିବାରୁ ଆଜି ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିବା କହିଛନ୍ତି। ତେବେ ଏ ନେଇ ଥାନା ଅଧିକାରୀ କିମ୍ବା ପୁଲିସର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଦୁଷ୍କର୍ମ ଓ ହତ୍ୟା ଘଟଣା, ୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ବାଙ୍କୀ,୨୪।୯(ସଂଚାର ବ୍ୟୁରୋ):** ବହୁ ଚର୍ଚ୍ଚିତ ୨୦୧୬ ବାଙ୍କୀ ନାବାଳିକା ଦୁଷ୍କର୍ମ ଓ ହତ୍ୟା ମାମଲାର ଦୁଇ ଦୋଷୀ ସନ୍ତୋଷ ସାହୁ ଓ ବିଭୂତି ରାଉତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ। ତା' ସହିତ ମୃତକଙ୍କ ପରିବାରକୁ ଆଇନ ଅନୁଯାୟୀ କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ ଅଗଷ୍ଟ ୧ ତାରିଖରେ ସମ୍ପୃକ୍ତ ନାବାଳିକା ଏକ ଘରୋଇ ବସରେ କଟକରୁ ବାଙ୍କୀ ଯାଉଥିଲେ। ବସର ଡ୍ରାଇଭର ସନ୍ତୋଷ ସାହୁ ଓ କଣ୍ଡକ୍ଟର ବିଭୂତି ରାଉତ ନାବାଳିକାଙ୍କୁ ରତାଗଡ଼ ନେଇଯାଇଥିଲେ। ସେଠାରେ ଉଭୟ ନାବାଳିକାଙ୍କୁ ଦୁଷ୍କର୍ମ କରିବା ପରେ ରେଞ୍ଚିରେ ପିଟି ପିଟି ହତ୍ୟା କରିଥିଲେ। ହତ୍ୟା କରିବା ପରେ ନାବାଳିକାଙ୍କ ମୃତଦେହକୁ ଜାତ ମୁଣ୍ଡିଆ ବ୍ରିଜରୁ ମହାନଦୀ ମଧ୍ୟକୁ ପକାଇ ଦେଇଥିଲେ ସନ୍ତୋଷ ଓ ବିଭୂତି। ପରଦିନ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୁଲିସ ତଦନ୍ତ କରି ସନ୍ତୋଷ ଓ ବିଭୂତିଙ୍କୁ ଗିରଫ କରିଥିଲା। ମୋଟ ୪୪ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରାୟ ୬୦ଟି ଦଲିଲକୁ ବିଚାରକୁ ନେଇ କୋର୍ଟ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି।

## ଆଇଆଇସିଙ୍କୁ ତୀର ମାଡ଼



**ସୁନ୍ଦରଗଡ଼,୨୪।୯(ସଂଚାର ବ୍ୟୁରୋ):** ଉତ୍ପାତିଆକୁ କାବୁ କରିବା ପାଇଁ ସ୍କୁଲ ଛାତ ଉପରକୁ ଚଢ଼ୁଥିଲେ ଆଇଆଇସି। ହେଲେ ତାଙ୍କୁ ତୀର ମାରିଦେଲା ଉତ୍ପାତିଆ ଯୁବକ। ଯେଉଁଥିପାଇଁ ଗୁରୁତର ଆହତ ହୋଇଛନ୍ତି ଆଇଆଇସି। ଏପରି ଘଟଣା ସୁନ୍ଦରଗଡ଼ ଜିଲ୍ଲା ମହୁଲପଦା ଥାନା ଅଞ୍ଚଳରେ ଘଟିଛି। ସବୁଦିନ ପରି ଆଜି ମହୁଲପଦା ଥାନାର ବଡ଼ଜଳ ପ୍ରାଥମିକ ସ୍କୁଲ ଖୋଲିଥିଲା। ଆଉ ପିଲାମାନେ ଓ ସାର୍ ସ୍କୁଲ ଆସିଥିଲା। ପ୍ରାର୍ଥନା ପରେ ପାଠ ପଢ଼ା ଆରମ୍ଭ ହୋଇଥିଲା। ତେବେ ଅପରାହ୍ନ ପ୍ରାୟ ୨ଟା ବେଳେ ଜଣେ ବ୍ୟକ୍ତି ଧନୁ ଓ ତୀର ଧରି ସ୍କୁଲ ଛାତ ଉପରକୁ ଚଢ଼ି ଯାଇଥିଲା। ଆଉ ନାନା ଅଭିନୟ କରିଥିଲା। ବ୍ୟକ୍ତି ଜଣକ ଧନୁରେ ତୀର ଯୋଖି ଆକ୍ରମଣ ପାଇଁ ଧମକ ଦେଇଥିଲା। ଯେଉଁଥିପାଇଁ ପିଲାମାନେ ଶ୍ରେଣୀ ଗୃହରେ ପଶି ଯାଇଥିଲେ। ସ୍କୁଲ ଶିକ୍ଷକମାନେ ଏ ନେଇ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକଙ୍କଠାରୁ ଖବର ପାଇ ମହୁଲପଦା ଥାନାର ଆଇଆଇସି ସ୍କୁଲରେ ପହଞ୍ଚିଥିଲେ। ସମ୍ପୃକ୍ତ ଉତ୍ପାତିଆ ଯୁବକକୁ କାବି କରିବା ପାଇଁ ଶିଡିରେ ଚଢ଼ି ଛାତ ଉପରକୁ ଯାଉଥିଲେ। ଠିକ୍ ସେହି ସମୟରେ ଉତ୍ପାତିଆ ଜଣକ ତୀର ମାରିଥିଲେ। ସୌଭାଗ୍ୟକୁ ଆଇଆଇସିଙ୍କ ଜୀବନ ବଞ୍ଚି ଯାଇଥିଲା। ହେଲେ ତୀର ତାଙ୍କ ହାତରେ ବାଜିଥିଲା।

## ରାଜଧାନୀରେ ଡିଜେମୁକ୍ତ ଦଶହରା

ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ): ଏଥର ରାଜଧାନୀ ଦୁର୍ଗାପୂଜାରେ ବାଜିବନି ଡିଜେ । ଭୁବନେଶ୍ୱରରେ ଦୁର୍ଗାପୂଜା ପାଳନ ନେଇ ଆସିଛି କଟକଣା। ପୂଜା ଓ ଭସାଣି ଶୋଭାଯାତ୍ରାରେ



ଶୁଭିବନି ଡିଜେ ସାଉଣ୍ଡ। ନିଶାମୁକ୍ତ ପାଇଁ ପୂଜା କମିଟି ଦେବେ ସତ୍ୟପାଠ । ପୂଜାକୁ ମଦମୁକ୍ତ ଓ ପ୍ଲାଷ୍ଟିକ ମୁକ୍ତ କରିବାକୁ ଦିଆଯାଇଛି ପରାମର୍ଶ । ପୂଜା କମିଟି ଓ ପୋଲିସ ବୈଠକରେ ଏ ନିଷ୍ପତ୍ତି ହୋଇଛି । ବୈଠକରେ ମେୟର ଓ ବିଧାୟକ ଉପସ୍ଥିତ ଥିଲେ । କିଛି ଦିନ ପୂର୍ବରୁ କଟକରେ ମଧ୍ୟ ଦଶହରାରେ ଡିଜେ ବ୍ୟାନ କରାଯାଇଥିଲା ।

## ଆନ୍ଦୋଳନ ଜିଦ୍‌ରେ ଅଟଳ ନର୍ସିଂ କର୍ମଚାରୀ, ଏସମା ମାନିବେନି

ଭୁବନେଶ୍ୱର, ୨୪।୯ (ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଯାଉଛି ନର୍ସିଂ କର୍ମଚାରୀ ସଂଘ । ୧୦ ଦଫା ଦାବି ନେଇ ଆନ୍ଦୋଳନରେ ସାମିଲ ହେବେ ୧୫ ହଜାର କର୍ମଚାରୀ । ଏସମା ଆଦେଶକୁ ବି ମାନିବେନି ବୋଲି ଚେତାବନୀ ଦେଇଛି ସଂଘ । ୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କ ଛଅ ବର୍ଷ ଚୁକ୍ତି ଭିତ୍ତିକ ଅବଧିକୁ ମୂଳ ଚାକିରିରେ ମିଶାଇ ପଦୋନ୍ନତି ସହ ଆର୍ଥିକ ସହାୟତା ଦେବାକୁ ଦାବି ହୋଇଛି।

ସେହିପରି ବରିଷ୍ଠତା ଭିତ୍ତିରେ ପଦୋନ୍ନତି, ସିଏଚଓ ପଦବୀରୁ ଫେରାଇ ଆଣି କ୍ୟାଡ଼ର ପୋଷ୍ଟରେ ଅବସ୍ଥାପିତ, ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ର ନର୍ସିଂ ଅଫିସରଙ୍କୁ ସ୍ଥାୟୀ ନିଯୁକ୍ତି ସହ ଠିକାସଂସ୍ଥା ଦ୍ୱାରା ନର୍ସିଂ ଅଫିସର ନିୟୋଜନ ଆଦେଶକୁ ପ୍ରତ୍ୟାହାର କରିବାକୁ ସଂଘ ଦାବି କରିଛି । ଏନଏଚଏମ ଅଧୀନରେ ଆୟୁଷ୍ମାନ



ଆରୋଗ୍ୟ କେନ୍ଦ୍ରରେ ନୂତନ ସିଏଚଓଙ୍କୁ ନିଯୁକ୍ତି ଦାବି କରିଛି ସଂଘ । ୨୫ ଓ ୨୬ ତାରିଖ ଦୁଇଦିନ ଆନ୍ଦୋଳନ ଚାଲିବ। ଏହି ସମୟରେ ଜରୁରୀକାଳୀନ ସେବା ଜାରି ରହିବ । ଯଦି ସରକାର ଦାବି ନ ଶୁଣନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମ୍ପୂର୍ଣ୍ଣ ରୋଗୀ ସେବା ବନ୍ଦ କରିଦିଆଯିବ ବୋଲି ମହାସଂଘ ଚେତାବନୀ ଦେଇଛି।

## ରାଇସ୍ ବ୍ରାନ୍ ଅଏଲରେ ତିଆରି ହେଉଛି ସୋରିଷ ତେଲ



**ବ୍ରହ୍ମପୁର,୨୪।୯(ସଂଚାର ବ୍ୟୁରୋ):** ବ୍ରହ୍ମପୁରରେ ପୁଣି ଥରେ ନକଲି ତେଲ ପ୍ୟାକିଂ ୟୁନିଟ୍। ବଡ ବଜାର ଥାନା ଗଣପତି ନଗର ପଞ୍ଚମ ଲେନରେ ଥିବା ତେଲ ୟୁନିଟ ଉପରେ ଚଢଉ ହୋଇଛି। ରାଇସ୍ ବ୍ରାନ୍ ଅଏଲରେ ଏସେନ୍ସ ପକାଇ କରୁଥିଲେ ସୋରିଷ ତେଲ। ବିଭିନ୍ନ ବ୍ରାଣ୍ଡର ତେଲ ଆଣି ଏଠାରେ ପୁଣି ପ୍ୟାକିଙ୍ଗ କରାଯାଉଥିଲା। ବିଭିନ୍ନ ନକଲି ବ୍ରାଣ୍ଡ ନାଁ ଦେଇ ମାର୍କେଟକୁ ଛାଡୁଥିଲେ ତେଲ । ସୋରିଷ ତେଲ ସହ ରାଶି ତେଲ, ନଡ଼ିଆ ତେଲର ବିଭିନ୍ନ ବ୍ରାଣ୍ଡ କରି ବିକ୍ରି କରୁଥିଲେ। ଚଢଉ ବେଳେ ଟ୍ରେଡ୍ ଲାଇସେନ୍ସ ସହ ଫୁଡ୍ ଲାଇସେନ୍ସ ମଧ୍ୟ ନକଲି ବୋଲି ଜଣାପଡିଛି। ବଡ ବଜାର ଥାନା ପୁଲିସ ଓ ବ୍ରହ୍ମପୁର ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ଏକ କାଳୀନ ଚଢଉ ହୋଇଥିଲା। ଘର ଭିତରେ ପ୍ୟାକିଙ୍ଗ ୟୁନିଟକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏସବୁର ତଦନ୍ତ କରାଯିବ ବୋଲି ପୁଲିସ କହିଛି।

# ସରକାରଙ୍କୁ ଅନୁରୋଧ କଲା କୁକୁଡାଚାଷୀ ମହାସଂଘ

**ଭୁବନେଶ୍ୱର, ୨୪।୯:** ରାଜ୍ୟରେ ଆଉ ବାର୍ଡ ଫ୍ଲୁ ଭୟ ନଥିବାରୁ ଖୁବ ଶୀଘ୍ର ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟରେ ଅଣ୍ଡା ଓ କୁକୁଡାମାଂସ ବ୍ୟବହାର ପାଇଁ ଅନୁମତି ଦେବାକୁ ଓଡ଼ିଶା କୁକୁଡାଚାଷୀ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଏଥି ସହିତ ଯେଉଁସବୁ ଅଞ୍ଚଳରେ ବାର୍ଡଫ୍ଲୁ ଆଦୌ ନଥିଲା ସେଠାରେ କୁକୁଡାଚାଷୀମାନଙ୍କୁ ସେମାନଙ୍କ ଫାର୍ମରେ କୁକୁଡା ଚିଆଁ ପକାଇବା ଉପରେ ଥିବା କଟକଣା ହଟାଇବାକୁ କୁହାଯାଇଛି।

କୁକୁଡାଚାଷୀ ମହାସଂଘ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଆଉ କୌଣସି ସ୍ଥାନରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇନାହିଁ। ଓଡ଼ିଶାରେ ସାଧାରଣତଃ କୁକୁଡା ମାଂସ ଓ ଅଣ୍ଡାକୁ ଲୋକେ ରାନ୍ଧିକରି ଖାଇଥାନ୍ତି। ଏହି ଖାଦ୍ୟ ପ୍ରାୟ ୭୦ଡିଗ୍ରୀ କିମ୍ବା ତାହାଠାରୁ ଅଧିକ ତାପମାତ୍ରାରେ ପ୍ରସ୍ତୁତ ହୋଇଥାଏ। ବିଶ୍ୱ



ସ୍ୱାସ୍ଥ୍ୟସଂଘର ମାର୍ଗଦର୍ଶିକା ଅନୁଯାୟୀ ୭୦ଡିଗ୍ରୀ ସେଲସିୟସରେ ରନ୍ଧା ଯାଉଥିବା ଖାଦ୍ୟରେ କୌଣସି ପ୍ରକାର ଫ୍ଲୁ ତିଷ୍ଠିପାରିବେ ନାହିଁ। ତେଣୁ କୁକୁଡା ମାଂସ ଓ ଅଣ୍ଡା ଖାଇବା ଏବେ ସମ୍ପୂର୍ଣ୍ଣ ନିରାପଦ। ଲୋକେ ମଧ୍ୟ ବିଭିନ୍ନ ସ୍ଥାନରେ ବିନା ଭୟରେ ଏହାକୁ ଖାଇବା ଆରମ୍ଭ କଲେଣି।

ତେଣୁ ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟ ଗୁଡିକରେ ଏହାର ବ୍ୟବହାର ଉପରେ କଟକଣା ରହିବା ଉଚିତ୍ ନୁହେଁ। ମହାସଂଘ ପକ୍ଷରୁ ଦର୍ଶାଯାଇଛି ଯେ ରାଜଧାନୀରେ ଯେତିକି ପରିମାଣରେ କୁକୁଡାମାଂସ ଓ ଅଣ୍ଡା ବ୍ୟବହାର ହୋଇଥାଏ ତାହାର ୬୦ ପ୍ରତିଶତ ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟକୁ ଯାଇଥାଏ। ହେଲେ ବାର୍ଡ ଫ୍ଲୁ ଚିହ୍ନଟ ପରଠାରୁ ଏମାନେ କୁକୁଡା ମାଂସ କିମ୍ବା ଅଣ୍ଡା ବ୍ୟବହାର କରୁନାହାନ୍ତି। ଏହାଦ୍ୱାରା ବାର୍ଡ ଫ୍ଲୁ ଇଲାକା ବାହାରର ଚାଷୀମାନେ କେବଳ କ୍ଷତିଗ୍ରସ୍ତ ହେଉନାହାନ୍ତି, ରୋଗୀଙ୍କ ଠାରୁ ସାଧାରଣ ଲୋକେ ଯେଉଁ ପ୍ରକାର ପୁଷ୍ଟିକର ଖାଦ୍ୟ ପାଉଥିଲେ ସେଥିରୁ ମଧ୍ୟ ବଞ୍ଚିତ ହେଉଛନ୍ତି।

ଉଲ୍ଲେଖନୀୟ ଯେ ରାଜଧାନୀରେ ଥିବା ବଡ ବଡ ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟଗୁଡିକରେ ଦୈନିକ ଶହ ଶହ କୁଇଣ୍ଟାଲ କୁକୁଡାମାଂସ ବ୍ୟବହାର ହୋଇଥାଏ। ଏଥି ସହିତ ପୁଲିସ ଓ ସେନା ବାରାକକୁ ମଧ୍ୟ କୁକୁଡାମାଂସ ଯାଇଥାଏ। ସେହିଭଳି ଶିକ୍ଷାନୁଷ୍ଠାନ ଓ ଅଙ୍ଗନବାଡିକେନ୍ଦ୍ର ଗୁଡିକରେ ପିଲାଙ୍କୁ ଅଣ୍ଡା ଦିଆଯାଇଥାଏ। ହେଲେ ବାର୍ଡ ଫ୍ଲୁ ଚିହ୍ନଟ ପରେ ଏହା ଉପରେ କଟକଣା ଲାଗି ରହିଛି।

ସେହିଭଳି ଯେଉଁସବୁ ଇଲାକାରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିଲା ସେହି ଅଞ୍ଚଳର ୧୦ କିଲୋମିଟର ପରିଧିକୁ ସର୍ଭିଲାନ୍ସ କ୍ଷେତ୍ର ଭାବେ ଘୋଷଣା କରାଯାଇଛି। ତେବେ ଏହା ବାହାରେ ଥିବା ଫାର୍ମ ଗୁଡିକରେ କୁକୁଡା ଚିଆଁ ପକାଇବା ପାଇଁ ଚାଷୀଙ୍କୁ ଅନୁମତି ଦେବାକୁ କୁହାଯାଇଛି। ଏହା ନହେଲେ ଆଗାମୀ ଦିନରେ ରାଜଧାନୀବାସୀ କୁକୁଡା ମାଂସ କିମ୍ବା ଅଣ୍ଡା ପାଇବେ ନାହିଁ ବୋଲି ମହାସଂଘ ପକ୍ଷରୁ ସୂଚନା ଦିଆଯିବା ସହିତ ଏ କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ଗ୍ରହଣ ଲାଗି ଅନୁରୋଧ କରାଯାଇଛି।

ଉଲ୍ଲେଖନୀୟ ଯେ ବାର୍ଡ ଫ୍ଲୁ ଭୟ ଯିବା ପରେ ଏବେ କୁକୁଡା ଚାଷୀ ମହାସଂଘ ପକ୍ଷରୁ ରାଜଧାନୀ ଭୁବନେଶ୍ୱର ସମେତ କଟକ ଓ ଅନ୍ୟ କେତେକ ସ୍ଥାନରେ କୁକୁଡାମାଂସରୁ ପ୍ରସ୍ତୁତ ପକୋଡା ଲୋକଙ୍କୁ ମାଗଣାରେ ବଣ୍ଟନ କରାଯାଇଛି। ଲୋକେ ମଧ୍ୟ ବିନା ଭୟରେ ଏହାକୁ ସେବନ କରୁଛନ୍ତି। ତେବେ କଟକଣା ଭୟ ଯୋଗୁଁ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଆଦିରେ ଏବେ ବି କୁକୁଡାମାଂସ ଓ ଅଣ୍ଡାକୁ ବାରଣ କରାଯାଇଛି। ଯାହାର ପ୍ରତିକୂଳ ପ୍ରଭାବ ରାଜ୍ୟର କୁକୁଡା ଶିଳ୍ପ ଉପରେ ପଡ଼ିବା ସହିତ ଏହାର ମେରୁଦଣ୍ଡ ଭାଙ୍ଗିଦେବାକୁ ବସିଲାଣି। (ତଥ୍ୟ)

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର